# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୮/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, June 8/2021 | ★★★★★★

୪୭ଶ ଭାଗ ୧୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




### ବାପାଙ୍କ ସର୍ତ୍ତରେ ରୋଜଗାର

ବିବାହ କିମ୍ବା କୌଣସି କାମ କରିବାକୁ ବାପା ସର୍ତ୍ତ ରଖିବା ପରେ ରୋଜଗାର ଆରମ୍ଭ କରିଥିଲେ ଟେଲିଭିଜନ ପ୍ରଯୋଜକ ଏକତା କପୁର। ୧୦

୧୨

### ଅଡୁଆରେ ଓଲି ରବିନସନ୍

ଇଂଲଣ୍ଡ ଫାଷ୍ଟ ବୋଲର ଓଲି ରବିନସନ୍‌ଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ସସ୍‌ପେଣ୍ଡ କରାଯାଇଛି।






# ଚାପରେ ଯାଚିଲେ ଟିକା

■ ୧୮ରୁ ୪୪ଙ୍କୁ ମାଗଣା ■ ନଭେମ୍ବର ପର୍ଯ୍ୟନ୍ତ ବିନା ମୂଲ୍ୟରେ ରାଶନ

**ନୂଆଦିଲ୍ଲୀ, ୭।୬**

କୋଭିଡ୍-୧୯କୁ ପ୍ରତିହତ କରିବା ଲାଗି ପ୍ରତିଷେଧକ ଭାବେ ଟିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ହେଲେ ଜନସଂଖ୍ୟା ବହୁଳ ରାଷ୍ଟ୍ର ଭାରତରେ ଅଦ୍ୟାବଧି ମାତ୍ର ୨୩କୋଟିରୁ ସାମାନ୍ୟ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଇଛି। ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦନ ଯଥେଷ୍ଟ ହୋଇପାରୁ ନ ଥିବାରୁ ଦେଶର ବିଭିନ୍ନ ପ୍ରାନ୍ତରେ ବିଭ୍ରାଟ ଦେଖାଦେଲାଣି। ବିଶେଷକରି କେନ୍ଦ୍ର ସରକାରଙ୍କ ବଦଳୁଥିବା ନୀତି ଯୋଗୁ ଟିକାକରଣ ବାଧାପ୍ରାପ୍ତ ହେଉଛି। ପୂର୍ବରୁ କେନ୍ଦ୍ର ସରକାର ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ମାଗଣା ଟିକା ଦିଆଯିବ ବୋଲି ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୧୮ରୁ ୪୪ ବର୍ଷ ବର୍ଗଙ୍କ ପାଇଁ ଟିକା ଦିଆଯିବାର ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ବର୍ଗ ପାଇଁ ରାଜ୍ୟ ସରକାରଗୁଡ଼ିକ ଅର୍ଥ ବହନ କରିବାକୁ କୁହାଗଲା। ଏହାସତ୍ତ୍ୱେ ଟିକାକରଣ ସୁରୁଖୁରୁରେ ହୋଇପାରିଲା ନାହିଁ। ସେଥିପାଇଁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କଲେ। ଆମେରିକାର ଟିକା ପ୍ରସ୍ତୁତକାରୀ କମ୍ପାନୀ ମଡର୍ନା ପଞ୍ଜାବ ସରକାରଙ୍କୁ ସିଧାସଳଖ ଟିକା ଦେବାକୁ ମନା କରିବା ଏବଂ କମ୍ପାନୀ କେବଳ ଭାରତ ସରକାରଙ୍କ ସହ ଚୁକ୍ତି କରିବ ବୋଲି କହିଥିଲା। ତା' ପରଠାରୁ ଗ୍ଲୋବାଲ ଟେଣ୍ଡର ନେଇ ଆଶଙ୍କା ସୃଷ୍ଟି ହୋଇଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ୧୧ ଅଣଭାଜପା ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଉପରେ ଟିକାକରଣ ନେଇ ସମସ୍ତେ ଚାପ ପକାଇବାକୁ କହିଥିଲେ। ପରେ



ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସବୁ ଟିକା କେନ୍ଦ୍ର କ୍ରୟ କରି ରାଜ୍ୟଗୁଡ଼ିକୁ ଯୋଗାଉ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟଏକ ଘଟଣାକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୮ ରୁ ୪୪ ବର୍ଗ ବୟସଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ଟିକା ଦେଉଥିବା କହି ଟିକା ପ୍ରମାଣପତ୍ରରେ ନିଜ ଫଟୋ ରଖିଥିଲେ। କିନ୍ତୁ ଦେଶସାରା ଟିକା ପ୍ରମାଣପତ୍ରରେ ମୋଦିଙ୍କ ଫଟୋ ଲଗାଯାଉଥିବାରୁ ମମତାଙ୍କ ଏଭଳି ପଦକ୍ଷେପ କେନ୍ଦ୍ରକୁ ଅଡୁଆରେ ପକାଇଥିଲା। ଗୋଟିଏପଟେ ସବୁ ରାଜ୍ୟ ଟିକା ଯୋଗାଣ ନେଇ କେନ୍ଦ୍ର ଉପରେ ଚାପ ପକାଉଥିବାବେଳେ ଅନ୍ୟପଟେ ମମତାଙ୍କ ବ୍ୟବହାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚ୍ୟାଲେଞ୍ଜ କଲାଭଳି ସ୍ଥିତି ସୃଷ୍ଟି କରିଛି ବୋଲି ଆଲୋଚନା ହେଲାଣି। ସମ୍ଭବତଃ ଚାପରେ ପଡ଼ି ମୋଦି ୧୮ରୁ ଊର୍ଦ୍ଧ୍ୱଙ୍କୁ ଟିକା ଯାଚିଛନ୍ତି ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ନରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ☞ପୃଷ୍ଠା-୪

## ସୁପ୍ରିମକୋର୍ଟଙ୍କ ସମୀକ୍ଷାର ପ୍ରଭାବ

**ନୂଆଦିଲ୍ଲୀ,୭।୬**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଟିକାକରଣ ନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପାଇଁ କେନ୍ଦ୍ର ଟିକା କିଣିବ ଏବଂ ୧୮ରୁ ୪୪ ବର୍ଷ ବର୍ଗର ସମସ୍ତଙ୍କ ପାଇଁ ମାଗଣା ଟିକା ଯୋଗାଇ ଦିଆଯିବ ବୋଲି ମୋଦି କହିଛନ୍ତି। ସୁପ୍ରିମକୋର୍ଟ ନିଜଆଡ଼ୁ କୋଭିଡ୍ ପ୍ରସଙ୍ଗକୁ ବିଚାରକୁ ନେଇ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିବା ପରେ ସରକାର ଟିକା ନୀତିରେ ଏଭଳି ପରିବର୍ତ୍ତନ କରିଥିବା କୁହାଯାଉଛି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଏଲ୍. ନାଗେଶ୍ୱର ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ରର ଟିକା ନୀତିକୁ ନେଇ ଗତ ସପ୍ତାହରେ ଚିନ୍ତାବ୍ୟକ୍ତ କରିଥିଲେ। ☞ପୃଷ୍ଠା-୪

## ରଦ୍ଦ ହୋଇପାରେ ଗ୍ଲୋବାଲ ଟେଣ୍ଡର

**ଭୁବନେଶ୍ୱର,୭।୬(ବ୍ୟୁରୋ)**

କୋଭିଡ୍ ଟିକା କିଣାକୁ ନେଇ ଲାଗି ରହିଥିବା ଟଣା ଓଟରାର ପରିସମାପ୍ତି ଘଟିଛି। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮ରୁ ୪୪ ବର୍ଷ ବର୍ଗର ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ ଟିକା ଯୋଗାଇବାକୁ ଘୋଷଣା କରିଛନ୍ତି। ସମସ୍ତ ରାଜ୍ୟକୁ ମାଗଣାରେ ଟିକା ଯୋଗାଇ ଦିଆଯିବା ସହ ରାଜ୍ୟ ପାଇଁ ଆବଶ୍ୟକ ଟିକା କେନ୍ଦ୍ର ସରକାର କ୍ରୟ କରିବେ ବୋଲି ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଇ-ଟେଣ୍ଡର ରଦ୍ଦ ହେବା ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ନିକଟରୁ ଚିଠି ଆସିବା ପରେ ଏ ନେଇ ନିଷ୍ପତ୍ତି ନିଆଯିବ। ଯଦି କେନ୍ଦ୍ର ସରକାର ୧୮ରୁ ୪୪ ବର୍ଷର ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ ☞ପୃଷ୍ଠା-୪

# ୩ ହଜାର ଟପିଲା କରୋନା ମୃତ୍ୟୁ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

### ଦିନକରେ ୬୧୧୮ ଚିହ୍ନଟ, ୪୧ ମୃତ



ରାଜ୍ୟରେ କରୋନା ସ୍ଥିତି ସୁଧୁରୁଛି। ସଂକ୍ରମଣ ତଳମୁହାଁ ହେଉଛି। ହେଲେ ଦିନକୁ ଦିନ ଅଧିକ ପ୍ରାଣଘାତକ ହେଉଛି ମହାମାରୀ। ପ୍ରତିଦିନ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଆଖି ବୁଜୁଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୪୧ଜଣଙ୍କ ମୃତ୍ୟୁ ପରେ କରୋନାଜନିତ ମୃତ୍ୟୁ ୩ହଜାର ଟପିଯାଇଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁନ୍ଦରଗଡ଼ରୁ ୪ଜଣ, ଗଞ୍ଜାମ ଓ ପୁରୀରୁ ୩ଜଣ ଲେଖାଏ ରହିଛନ୍ତି। ସେହିପରି ସୁବର୍ଣ୍ଣପୁର, ସମ୍ବଲପୁର, ମୟୂରଭଞ୍ଜ, ଝାରସୁଗୁଡ଼ା, ଯାଜପୁର, ଜଗତ୍‌ସିଂହପୁର, ଗଜପତି ଓ ବରଗଡ଼ରୁ ୨ଜଣ ଲେଖାଏ ଏବଂ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ନୟାଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୦୩୫କୁ ବୃଦ୍ଧି ପାଇଛି।

ଅପରପକ୍ଷେ ରାଜ୍ୟରେ ଦୈନିକ ସଂକ୍ରମଣ ୭ହଜାର ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୬୭,୧୭୮ ନମୁନା ପରୀକ୍ଷା ହୋଇଥିବାବେଳେ ୬,୧୧୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ☞ପୃଷ୍ଠା-୪

## ତେଲ ଦର ବୃଦ୍ଧି ଅସମ୍ଭାଳ

### ପେଟ୍ରୋଲ ୨୮, ଡିଜେଲ ୨୯ ପଇସା ବଢ଼ିଲା

ଟିକସ ହ୍ରାସ ପାଇଁ ବିରୋଧୀଙ୍କ ଦାବି



**ନୂଆଦିଲ୍ଲୀ/ଭୁବନେଶ୍ୱର,୭।୬:** କରୋନା ମହାମାରୀ ଭଳି ଏକ ମହାବିପତ୍ତି ଓ ମାନ୍ଦାବସ୍ଥା ସମୟରେ କ୍ରମାଗତ ତୈଳ ଦର ବୃଦ୍ଧି ସବୁ ବର୍ଗର ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହି ମହାମାରୀ ଯୋଗୁ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ଏ ପର୍ଯ୍ୟନ୍ତ ଲୋକମାନେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ତେଲ ଦର ହ୍ରାସ ଉପରେ କୌଣସି ପଦକ୍ଷେପ ନ ନେବା ଏବଂ ସବୁ ଜାଣି ଚୁପ୍ ରହିବା ଘଟଣାକୁ ସାଧାରଣ ଜନତାଙ୍କଠାରୁ ଆରମ୍ଭକରି ସର୍ବଭାରତୀୟ ସ୍ତରର ବିଭିନ୍ନ ସଂଗଠନ ପର୍ଯ୍ୟନ୍ତ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିଭଳି ୨୦୧୪ ସାଧାରଣ ନିର୍ବାଚନ ସମୟରେ ପେଟ୍ରୋଲ ଲିଟର ପିଛା ୭୧.୫୧ଟଙ୍କା ଥିବାବେଳେ ଡିଜେଲ ୫୭.୨୮ ଟଙ୍କାରେ ବିକ୍ରି ହେଉଥିଲା। ଗତ ୭ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଉପରେ ପ୍ରାୟ ୨୪ ଟଙ୍କା ଏବଂ ଡିଜେଲରେ ୨୯ ଟଙ୍କା ବୃଦ୍ଧି କରିଛନ୍ତି ବୋଲି ବିରୋଧୀ କଂଗ୍ରେସ ଓ ଅନ୍ୟ ରାଜ୍ୟର ରାଜ୍ୟ ସରକାରଗୁଡିକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜ ଦୋଷ ଲୁଚାଇବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ରାନ୍‌ସମ୍‌ୱେର ଯୁଗ**

## ସାନିଟାଇଜର ଫାର୍ମରେ ନିଆଁ: ୧୮ ମୃତ

**ପୁଣେ,୭।୬**



ମହାରାଷ୍ଟ୍ରର ପୁଣେସ୍ଥିତ ଏକ ରାସାୟନିକ କାରଖାନାରେ ସୋମବାର ଅଗ୍ନିକାଣ୍ଡ ଘଟି ୧୮ କର୍ମଚାରୀଙ୍କ ମୃତ୍ୟୁ ହେବା ସହ ଅନ୍ୟ କେତେଜଣ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ୧୫ ଜଣ ମହିଳା ଥିବା ଜଣାପଡ଼ିଛି। ଉକ୍ତ କାରଖାନାରେ ସାନିଟାଇଜର ତିଆରି ହେଉଥିଲା। ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପୁଣେର ଏସ୍‌ଭିଏସ୍ ଆକ୍ୱା ଟେକ୍‌ନୋଲୋଜି କାରଖାନାରେ ନିଆଁ ଲାଗିଲା ବେଳେ ୩୭ କର୍ମଚାରୀ କାର୍ଯ୍ୟରତ ଥିଲେ। ନିଆଁଲିଭା କାର୍ଯ୍ୟରେ ୬ଟି ଦମକଳକୁ ନିୟୋଜିତ କରାଯାଇଛି। ସାନିଟାଇଜର ଫାର୍ମ ପରିସର ଧୂଆଁଭର୍ତ୍ତି ହୋଇଥିବା ଦେଖାଯାଇଛି। ପ୍ଲାଷ୍ଟିକ୍ ସାମଗ୍ରୀ ପ୍ୟାକିଂ ହେଉଥିବା ସ୍ଥାନରେ ପ୍ରଥମେ ନିଆଁ ଲାଗିଥିଲା। ଅଗ୍ନିଶମ ବିଭାଗର କହିବା ଅନୁଯାୟୀ ପ୍ୟାକେଜିଂ ସେକ୍ସନରେ ସ୍ପାର୍କିଂରୁ ଅଗ୍ନିକାଣ୍ଡ ହୋଇଥିଲା। ଚାରିଆଡ଼େ ପ୍ଲାଷ୍ଟିକ୍ ସାମଗ୍ରୀ ରହିଥିବାରୁ ନିଆଁ ଖୁବ୍‌ଶୀଘ୍ର ବ୍ୟାପିଯାଇଥିଲା। ୧୭ ଜଣ କର୍ମଚାରୀ ନିଖୋଜ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ବଜାର ବନ୍ଦ, ସରକାର ନେଉନାହାନ୍ତି

### ଦୁର୍ଦ୍ଦଶାରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

କରୋନା ସଂକ୍ରମଣ କେବଳ ସ୍ୱାସ୍ଥ୍ୟ ନୁହେଁ, ଆର୍ଥିକ ଅବସ୍ଥାକୁ ମଧ ଦୋହଲାଇ ଦେଇଛି। ଉଭୟ କ୍ଷେତ୍ରରୁ ଜୀବନ ଧାରଣ ପ୍ରତି ଭୟଙ୍କର ସଙ୍କଟ ସୃଷ୍ଟି ହୋଇଛି। ମହାମାରୀ ଜନିତ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ବଜାର ଏକପ୍ରକାର ସ୍ଥାଣୁ ପାଲଟିଯାଇଛି। ବିପୁଳ ନିଯୁକ୍ତିର ଏକ ବଡ଼ ମାଧ୍ୟମ ହୋଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ଅତିମାତ୍ରାରେ ପ୍ରଭାବିତ ହୋଇଛି। ଆତ୍ମନିର୍ଭର ଭାରତ ପାଇଁ କେନ୍ଦ୍ର ସରକାର ଧ୍ୱନି ଦେଉଥିଲାବେଳେ ବଜାର ଅଭାବରୁ ସ୍ୱଦେଶୀ ଉତ୍ପାଦିତ ଦ୍ରବ୍ୟ ବିକ୍ରିକୁ ନେଇ ଉଦ୍ୟୋଗୀମାନେ ସମସ୍ୟାରେ ପଡ଼ିଛନ୍ତି। ଗୋଟିଏ ପଟେ କଞ୍ଚାମାଲ ଦର ଆକାଶଛୁଆଁ, ଅନ୍ୟପଟେ ଉତ୍ପାଦିତ ଦ୍ରବ୍ୟ ବିକ୍ରି ନ ହେବା ଯୋଗୁ ଏମ୍‌ଏସ୍‌ଏମ୍‌ଇ/ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କ ନିଦ ହଜିଯାଇଛି। ସମ୍ପ୍ରତି କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ହାତଗଣତି ଲଘୁ ଉଦ୍ୟୋଗ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିବା ବେଳେ ସରକାରୀ ଉଦାସୀନତା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି।

**ଅଧାରେ ଲଟକିଛି ପ୍ରୋକ୍ୟୁରମେଣ୍ଟ ନୀତି-୨୦୨୦**

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଛନ୍ତି। ସରକାର ମାନିଛନ୍ତି ଯେ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏକ ବଡ଼ ଭୂମିକା ନିର୍ବାହ କରୁଛି। କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନୁକୂଳ ପରିବେଶ ସୃଷ୍ଟି କରୁଥିବାରୁ ୨୦୧୮ ଷ୍ଟାର୍ଟଅପ୍ ର୍‍ୟାଙ୍କରେ ଓଡ଼ିଶା ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପରିଚୟ ପାଇପାରିଛି। ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବଞ୍ଚାଇ ରଖିବା, ରାଜ୍ୟରେ ମୁଣ୍ଡ ପିଛା ଆୟ ବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଲଘୁ ଉଦ୍ୟୋଗଗୁଡ଼ିକ ପାଇଁ ରାଜ୍ୟ ସରକାର ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ ଆଣ୍ଡ ସ୍ମଲ୍ ଏଣ୍ଟରପ୍ରାଇଜର୍ସ-୨୦୧୫ ଆଣିଛନ୍ତି। ଏହି ପଲିସି ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇଗୁଡ଼ିକରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବାର୍ଷିକ ଉତ୍ପାଦନର ୨୦ ପ୍ରତିଶତ ଉତ୍ପାଦ କିଣିବାକୁ ବାଧ୍ୟ। ଓଡ଼ିଶା ରାଜ୍ୟ ଔଷଧ ନିଗମ(ଓଏସ୍‌ଏମ୍‌ସିଏଲ୍) ଔଷଧ ନିର୍ମାତା ଉଦ୍ୟୋଗୀଙ୍କଠାରୁ ଗତ କିଛିବର୍ଷ ହେବ ଔଷଧ କ୍ରୟ କରୁଥିଲା। ତେବେ ଚଳିତବର୍ଷଠାରୁ ନିଗମ ଟେଣ୍ଡର ଜରିଆରେ ☞ପୃଷ୍ଠା-୪




**ବିଦେଶ ଯିବା ଲାଗି କେନ୍ଦ୍ରର ଏସ୍‌ଓପି**

ଉଚ୍ଚଶିକ୍ଷା କିମ୍ବା ଚାକିରି ଲାଗି ବିଦେଶ ଯିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାର ଏସ୍‌ଓପି ଜାରି କରିଛନ୍ତି। ଏଥିପାଇଁ ସେମାନଙ୍କ ପାସ୍‌ପୋର୍ଟରେ କୋଭିନ୍ ସାର୍ଟିଫିକେଟ ସଂଯୋଗ କରିବାକୁ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥି ସହିତ ସମ୍ପୃକ୍ତ ଛାତ୍ରୀଛାତ୍ର କୋଭିଶିଲ୍ଡ ଟିକା ନେଇଥିବା ଆବଶ୍ୟକ ବୋଲି ଉଲ୍ଲେଖ ରହିଛି।



## ସଂକ୍ଷେପରେ

### ଚୋକ୍‌ସିଙ୍କୁ ଅପହରଣ ଘଟଣାର ତଦନ୍ତ କରିବ ଆଣ୍ଟିଗୁଆ



**ନୂଆଦିଲ୍ଲୀ, ୭।୬:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧୩,୫୦୦ କୋଟି ଠକେଇ ଅଭିଯୁକ୍ତ ମେହୁଲ ଚୋକ୍‌ସିଙ୍କୁ ଗତ ମେ ୨୩ରେ ସମ୍ଭାବ୍ୟ ଅପହରଣର ତଦନ୍ତ କରିବ ଆଣ୍ଟିଗୁଆ ଏବଂ ବାରବୁଡା ପୋଲିସ। ଚୋକ୍‌ସିଙ୍କୁ ଅପହରଣ କରାଯାଇ ଆଣ୍ଟିଗୁଆରୁ ଡୋମିନିକା ନିଆଯାଇଥିବା ତାଙ୍କ ଓକିଲ ଅଭିଯୋଗ କରିଥିଲେ। ଏ ନେଇ ତାଙ୍କ ଓକିଲ ପୋଲିସ କମିଶନରଙ୍କୁ ଏକ ଚିଠି ଲେଖି ସନ୍ଦିଗ୍ଧ ଲୋକଙ୍କ ନାଁ ଉଲ୍ଲେଖ କରିଥିଲେ ବୋଲି ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଗେଷ୍ଟୋନ୍ ବ୍ରାଓନି କହିଛନ୍ତି। ପୋଲିସ ଓ ସରକାର ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇଥିବା ବ୍ରାଓନି କହିଛନ୍ତି। ଏବେ ଚୋକ୍‌ସି ଡୋମିନିକା ପୋଲିସ ହେପାଜତରେ ଅଛନ୍ତି। ତାଙ୍କୁ ଭାରତକୁ ଆଣିବାକୁ ଉଦ୍ୟମ କରାଯାଇଥିଲେ ହେଁ କୋର୍ଟରେ ମାମଲାର ଶୁଣାଣି ଜୁଲାଇକୁ ଘୁଞ୍ଚିଛି। ଅପରପକ୍ଷେ ଡୋମିନିକା କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟ (ସିଆଇଡି) ଚୋକ୍‌ସିଙ୍କୁ ଗିରଫ କରିବା ପୂର୍ବରୁ ସେ ଅନେକ ପ୍ରମାଣ ଓ ଦସ୍ତାବିଜ୍ କାରିବିଆନ୍ ସାଗରରେ ଫିଙ୍ଗିଦେଇଥିବା ଜଣାପଡ଼ିଛି। ଡୋମିନିକାର ଜଣେ ବାସିନ୍ଦାଙ୍କ କହିବା ଅନୁଯାୟୀ, ପୋଲିସ ଚୋକ୍‌ସିଙ୍କୁ ଧରିବାକୁ ତାଙ୍କ ପଛରେ ଗୋଡ଼ାଉଥିବାବେଳେ ଚୋକ୍‌ସି କିଛି ବାଟ ଦୌଡ଼ିଥିଲେ ଏବଂ ଅନେକ ଡକ୍ୟୁମେଣ୍ଟ କାରିବିଆନ୍ ସାଗରରେ ଫିଙ୍ଗି ଦେଇଥିଲେ। ଦୌଡ଼ିବା ବେଳେ ଚୋକ୍‌ସି ୨ ଥର ପଡ଼ିଯାଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ବେଙ୍ଗାଲୁରୁ ବିମାନବନ୍ଦର ନିକଟରେ ବିସ୍ଫୋରଣ: ୬ ଆହତ

**ବେଙ୍ଗାଲୁରୁ, ୭।୬(ଆଇଏଏନ୍‌ଏସ୍):** ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦର ଦ୍ୱିତୀୟ ଟର୍ମିନାଲ ଅଣ୍ଡରପାସ୍ ନିକଟରେ ସୋମବାର ବିସ୍ଫୋରଣ ଘଟି ୬ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଭିକ୍ଟୋରିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିନାହିଁ। ପୋଲିସ କହିବା ଅନୁଯାୟୀ ଶ୍ରମିକମାନେ ଥର୍ମୋପ୍ଲାଷ୍ଟିକ୍ ରୋଡ୍ ମାର୍କିଂ ମେଶିନରେ ଏୟାରପୋର୍ଟ ଟର୍ମିନାଲକୁ ଯାଉଥିବା ରାସ୍ତାରେ ଜେବ୍ରା କ୍ରସିଂ ଓ ଅନ୍ୟାନ୍ୟ ସଙ୍କେତ ଚିହ୍ନ ଲଗାଉଥିଲେ। ରଙ୍ଗ ଅଧିକ ସମୟ ଷ୍ଟୋରେଜ ହୋଇ ରହିବା ଯୋଗୁ ଏହାର ବାଷ୍ପ ଏବଂ ଅଧିକ ସ୍ପ୍ରେ ଯୋଗୁ ବିସ୍ଫୋରଣ ଘଟିଥାଇପାରେ ବୋଲି କୁହାଯାଉଛି।

### ଭାରତ ସହ ଭୁଲ୍ ବୁଝାମଣାର ସମାଧାନ ହୋଇଛି: ଓଲି



**କାଠମାଣ୍ଡୁ, ୭।୬:** ଭାରତ ଓ ନେପାଳ ମଧ୍ୟରେ ହୋଇଥିବା ଭୁଲ୍ ବୁଝାମଣାର ସମାଧାନ ହୋଇଛି ବୋଲି ନେପାଳ ପ୍ରଧାନମନ୍ତ୍ରୀ କେ ପି. ଶର୍ମା ଓଲି କହିଛନ୍ତି। ଦୁଇ ଦେଶ ଏବେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏକାଠି ଆଗକୁ ବଢ଼ିବା ଉଚିତ ବୋଲି ନିକଟରେ ଏକ ସାକ୍ଷାତକାରରେ ଓଲି କହିଥିବାବେଳେ ଭୁଲ୍ ବୁଝାମଣା ପଛର ଘଟଣା ବାବଦରେ କିଛି ବର୍ଣ୍ଣନା କରିନାହାନ୍ତି। ଗତ ମାସରେ ଓଲି ଭାରତ ସହ ସୀମା ବିବାଦକୁ ନେଇ ଆକ୍ରମଣାତ୍ମକ ମନ୍ତବ୍ୟ ରଖିଥିଲେ।

### ଚାଇନାରେ ବେରୋଜଗାର ବ୍ୟକ୍ତିଙ୍କ ଆକ୍ରମଣରେ ୬ ମୃତ

**ବେଜିଂ, ୭।୬:** ପୂର୍ବ ଚାଇନାରେ ଜଣେ ବେରୋଜଗାର ବ୍ୟକ୍ତି ମାନସିକ ଭାରସାମ୍ୟ ହରାଇ ଛୁରିରେ ଆକ୍ରମଣ କରିବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪ ଜଣ ଆହତ ହୋଇଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ଅସନ୍ତୁଷ୍ଟ ନାଗରିକଙ୍କର ଏହା ତୃତୀୟ ଆକ୍ରମଣ। ହୁଏନିଂ କାଉଣ୍ଟିର ଜଣେ ୨୫ ବର୍ଷୀୟ ବ୍ୟକ୍ତିଙ୍କ ପରିବାରରେ ସମସ୍ୟା ଲାଗି ରହିଥିବାରୁ ସେ ନିଜର କ୍ରୋଧ ଜଣାଇବାକୁ ଯାଇ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି।

# ମହାକାଶକୁ ଯିବେ ବେଜୋସ୍

ଆମାଜନ୍ ପ୍ରତିଷ୍ଠାତା ତଥା ସ୍ପେସ୍ କମ୍ପାନୀ ବ୍ଲୁ ଅରିଜନ୍‌ର ମାଲିକ ଜେଫ୍ ବେଜୋସ୍ ଜୁଲାଇ ୨୦ରେ ମହାକାଶକୁ ଯିବେ। ବ୍ଲୁ ଅରିଜିନ୍ ଦ୍ୱାରା ପଠାଯାଉଥିବା ପ୍ରଥମ ମାନବ ମହାକାଶ ଯାନରେ ସେ ତାଙ୍କ ଭାଇ ମାର୍କଙ୍କ ସହ ସ୍ପେସ୍‌କୁ ଯିବେ ବୋଲି ଘୋଷଣା କରିଛନ୍ତି। ୫ ବର୍ଷର ହୋଇଥିବାବେଳେ ମହାକାଶକୁ ଯିବା ତାଙ୍କ ସ୍ୱପ୍ନ ଥିଲା ବୋଲି ବେଜୋସ୍ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ମହାକାଶରେ ୧୦ ମିନିଟ୍‌ର ଏହି ଯାତ୍ରା ମଧ୍ୟରୁ ୪ ମିନିଟ୍ ସ୍ପେସ୍ ଫ୍ଲାଇଟ୍‌ରେ ଥିବା ଯାତ୍ରୀ କରମାନ ଲାଇନ୍ (ପୃଥିବୀର ବାୟୁମଣ୍ଡଳ ଏବଂ ମହାକାଶ ମଧ୍ୟରେ ଥିବା ସୀମାରେଖା) ଉପରେ ବିତାଇବେ। ବ୍ଲୁ ଅରିଜିନ୍ ପକ୍ଷରୁ ନିର୍ମିତ ସ୍ପେସ୍ ଫ୍ଲାଇଟ୍‌ରେ ୬ ଜଣ ଯାତ୍ରୀ ପୃଥିବୀ ଉପରୁ ପ୍ରାୟ ୧୦୦ କିମି ପର୍ଯ୍ୟନ୍ତ ସବ୍‌ଅର୍ବିଟାଲ ସ୍ପେସ୍‌କୁ ଯାଇପାରିବେ।



# ହାରିସ୍‌ଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି

ଆମେରିକା ଉପରାଷ୍ଟ୍ରପତି ହେବା ପରେ ପ୍ରଥମ କରି ବିଦେଶ ଯାତ୍ରାରେ ବାହାରିଥିବା କମଳା ହାରିସ୍‌ଙ୍କ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଧା ବାଟରୁ ଫେରିଆସିଛି। ହାରିସ୍ ରବିବାର ଗୁଏଟ୍‌ମାଲା ଏବଂ ମେକ୍ସିକୋ ଯିବାକୁ ବାହାରିବାର ଅଧଘଣ୍ଟା ପରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ କ୍ରିଉ ମେମ୍ବର ପ୍ଲେନ୍‌କୁ ମେରିଲାଣ୍ଡର ଜଏଣ୍ଟ ବେସ୍ ଆଣ୍ଡ୍ରୟୁସ୍‌କୁ ଫେରାଇ ଆଣିଥିଲେ। ପରେ ହାରିସ୍ ଅନ୍ୟ ବିମାନରେ ଗସ୍ତରେ ବାହାରିଯାଇଥିଲେ। ହାରିସ୍‌ଙ୍କ ଏହି ଗସ୍ତ ଆମେରିକା ଓ ଉକ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜଭୁତ କରିବ ବୋଲି ଆଶା କରାଯାଉଛି। ବିଶେଷ କରି ଏହି ଦୁଇ ଦେଶରୁ ପ୍ରବାସୀମାନେ ବ୍ୟାପକ ସଂଖ୍ୟାରେ ବେଆଇନ ଭାବେ ଆମେରିକାକୁ ଆସିବା ହ୍ୱାଇଟ୍ ହାଉସ୍ ପାଇଁ ଚିନ୍ତାର କାରଣ ହୋଇଛି।



# ବିପଜ୍ଜନକ ହୋଇପାରେ ମୌସୁମୀ

ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦକ୍ଷିଣ ଏସିଆକୁ ଆସେ ମୌସୁମୀ। ଏଥିଯୋଗୁ ୪ ମାସର ବର୍ଷା ଉପରେ ଏହି ଅଞ୍ଚଳର କୃଷି ଅର୍ଥନୀତି ନିର୍ଭରଶୀଳ। କିନ୍ତୁ ଚଳିତ ଥର ଦକ୍ଷିଣ–ପଶ୍ଚିମ ମୌସୁମୀକୁ ପ୍ରଭାବିତ କରିପାରେ ବ୍ୟାପକ ଜଳବାୟୁ ପରିବର୍ତ୍ତନ। ଫଳରେ ଏଥର ମୌସୁମୀଜନିତ ବର୍ଷା ବିପଜ୍ଜନକ ହୋଇପାରେ ବୋଲି ସାଇନ୍ସ ଆଡଭାନ୍ସେସ୍ ଜର୍ନାଲରେ ରିପୋର୍ଟ ପ୍ରକାଶ ପାଇଛି।

**ନୂଆଦିଲ୍ଲୀ, ୭।୬**



ଶ୍ରୀଲଙ୍କାରେ ବନ୍ୟା ପ୍ରପୀଡ଼ିତ ଲୋକେ ରିଲିଫ୍ ସେଣ୍ଟରକୁ ଯାଉଛନ୍ତି।

- ଜଳବାୟୁ ପରିବର୍ତ୍ତନର ପ୍ରଭାବ
- ମାତ୍ରାଧିକ ବର୍ଷା ଯୋଗୁ ବନ୍ୟା ଆଶଙ୍କା

ଭାରତରେ ଜଳବାୟୁରେ ଘାତକ ପରିବର୍ତ୍ତନ ଯୋଗୁ ବର୍ଷ ବର୍ଷ ଧରି ଏଠାରେ ମୌସୁମୀ ଢାଞ୍ଚାରେ ପରିବର୍ତ୍ତନ ଆସିଛି। ଚଳିତ ଥର ମଧ୍ୟ ବିଶ୍ୱତାପନ ବୃଦ୍ଧି ମୌସୁମୀକୁ ଗମ୍ଭୀର ଭାବେ ପ୍ରଭାବିତ କରିପାରେ ବୋଲି ସାଇନ୍ସ ଆଡଭାନ୍ସେସ୍ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ବୈଜ୍ଞାନିକମାନେ ଗତ ୧୦ ଲକ୍ଷ ବର୍ଷର ମୌସୁମୀ ଓ ଜଳବାୟୁ ପରିବର୍ତ୍ତନ ରେକର୍ଡକୁ ନେଇ ଅଧ୍ୟୟନ କରିଥିବାବେଳେ ଚଳିତ ବର୍ଷ ଦକ୍ଷିଣ–ପଶ୍ଚିମ ମୌସୁମୀ ବିପଜ୍ଜନକ ହୋଇପାରେ ବୋଲି ଏଥିରୁ ଜଣାପଡ଼ିଛି। ଗ୍ଲେସିୟର ତରଳିବା, ଅଙ୍ଗାରକାମ୍ଳ ଗ୍ୟାସ୍ ସ୍ତର ବୃଦ୍ଧି ସହ ଜଡ଼ିତ ଚଳିତ ଥରର ମୌସୁମୀ ପ୍ରତିକ୍ରିୟା ୯ ଲକ୍ଷ ବର୍ଷ ପୂର୍ବର ଇତିହାସ ସହ ସାମଞ୍ଜସ୍ୟ ଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି।

ଆମେରିକାର ବ୍ରାଉନ୍ ୟୁନିଭର୍ସିଟି ପ୍ରଫେସର ଷ୍ଟିଭେନ କ୍ଲେମେନ୍ସଙ୍କ ନେତୃତ୍ୱରେ ହୋଇଥିବା ଏହି ଅଧ୍ୟୟନରେ ବୈଜ୍ଞାନିକମାନେ ବଙ୍ଗୋପସାଗର ତଟରୁ ପ୍ରାୟ ୨ ଶହ ମିଟର ଖୋଳି ମାଟି ନମୁନା ନେଇଥିଲେ। ଅଧିକ ବର୍ଷା ହୋଇଥିବା ଋତୁରେ ବହୁମାତ୍ରାରେ ପାଣି ସମୁଦ୍ରରେ ମିଶିଥାଏ ଏବଂ ଏହାର ପୃଷ୍ଠଭାଗ ଜଳ ଅପେକ୍ଷାକୃତ କମ୍ ଲୁଣିଆ ଥାଏ। ଏଥିଯୋଗୁ ସମୁଦ୍ର ପୃଷ୍ଠଭାଗରେ ରହୁଥିବା ପ୍ଲାଙ୍କଟନ୍ ମରିଯାଇଥାନ୍ତି ଏବଂ ମାଟି ତଳେ ପୋତିହୋଇଯାଇଥାନ୍ତି। ମାଟି ଖୋଳିବା ପରେ ପ୍ଲାଙ୍କଟନ୍ ଜୀବାଶ୍ମକୁ ନେଇ ୨ ମାସ ଧରି ଏହା ଉପରେ ଅଧ୍ୟୟନ ଚାଲିଥିଲା। ଏଥିରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ଦୀର୍ଘ ବର୍ଷ ପୂର୍ବରୁ ମଧ୍ୟ ପୃଥିବୀ ପୃଷ୍ଠରୁ ବରଫ ମାତ୍ରା କମିବା, ଜଳୀୟବାଷ୍ପ ବୃଦ୍ଧି, ଅଙ୍ଗାରକାମ୍ଳ ଗ୍ୟାସ୍ ମାତ୍ରା ବଢ଼ିବା ଯୋଗୁ ମୌସୁମୀ ପ୍ରଭାବିତ ହୋଇଥିଲା। ଏଥିଯୋଗୁ ମୌସୁମୀଜନିତ ବ୍ୟାପକ ବର୍ଷା ହୋଇଥିଲା। ଫଳରେ ସମୁଦ୍ରର ଲୁଣିଆ ଅଂଶ କମିବାରୁ ପ୍ଲାଙ୍କଟନ୍‌ଗୁଡ଼ିକର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସେହିଭଳି ସ୍ଥିତି ଉପୁଜିଥିବା ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ପୂର୍ବ ଗବେଷଣା ଆଧାରିତ କମ୍ପ୍ୟୁଟର ମଡେଲରୁ ଏହା ଜଣାପଡ଼ିଛି ଯେ, ଗ୍ରୀନ୍ ହାଉସ୍ ଗ୍ୟାସ୍ ଓ ଜଳୀୟବାଷ୍ପ ବୃଦ୍ଧି ଯୋଗୁ ଚଳିତ ଥର ମୌସୁମୀ ଅସ୍ୱାଭାବିକ ରହିବା ସହ ମାତ୍ରାଧିକ ବର୍ଷା ହୋଇପାରେ। ଯାହା କେତେକ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟା ଉପୁଜାଇବ ବୋଲି ଆଶଙ୍କା କରାଯାଇଛି। ତେବେ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି।

## ବଜ୍ରପାତରେ ୨୭ ମୃତ

**କୋଲକାତା, ୭।୬**

ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ସୋମବାର ବଜ୍ରପାତ ଯୋଗୁ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ରିପୋର୍ଟ ଅନୁଯାୟୀ, ହୁଗଲିରେ ୧୧ ଜଣ, ମୁର୍ସିଦାବାଦରେ ୯, ପଶ୍ଚିମ ମେଦିନିପୁରରେ ୨, ବାଙ୍କୁଡ଼ାରେ ୨ ଏବଂ ନଦିଆରେ ୨ ଜଣଙ୍କ ଜୀବନ ଯାଇଛି। ଅନେକ ଜଣ ଆହତ ମଧ୍ୟ ହୋଇଛନ୍ତି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୋକ ବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

## ଶ୍ରୀଲଙ୍କାରେ ବନ୍ୟା: ୧୭ ମୃତ

**କଲମ୍ବୋ, ୭।୬**

ଶ୍ରୀଲଙ୍କାରେ ପ୍ରବଳ ବର୍ଷା ଲାଗି ରହିବା ସହ ବନ୍ୟା ଓ ଭୂସ୍ଖଳନ ହୋଇଛି। ଏଥିରେ ଅତିକମ୍‌ରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ସୋମବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରାୟ ୧୦ ହଜାର ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଲଗାତର ବର୍ଷା ଯୋଗୁ ଦେଶର ଦକ୍ଷିଣ ଓ ପଶ୍ଚିମ ଭାଗର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଫଳରେ ହଜାର ହଜାର ଲୋକେ ରିଲିଫ୍ ସେଣ୍ଟରକୁ ସ୍ଥାନାନ୍ତର ହୋଇଛନ୍ତି। ବନ୍ୟା ଯୋଗୁ ୨ ଲକ୍ଷ ୭୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି।

## କରୋନାରେ ୩୦ ହଜାର ପିଲା ଅନାଥ

**ନୂଆଦିଲ୍ଲୀ, ୭।୬**

**ସୁପ୍ରିମକୋର୍ଟଙ୍କୁ ଜଣାଇଲା ଏନ୍‌ସିପିସିଆର୍**

କରୋନାରେ ଦେଶର ୩୦,୦୭୧ ପିଲା ଅନାଥ ହୋଇଛନ୍ତି। ଜୁନ୍ ୫ ସୁଦ୍ଧା ରାଜ୍ୟଗୁଡ଼ିକ ପକ୍ଷରୁ ଏ ନେଇ ତଥ୍ୟ ଦାଖଲ ହୋଇଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ମୋଟ ୨୬,୧୭୬ ଜଣ ସେମାନଙ୍କ ମା' କିମ୍ବା ବାପାଙ୍କୁ ହରାଇଥିବାବେଳେ ୩,୬୨୧ ଜଣଙ୍କ କେହି ନାହାନ୍ତି। ସେହିପରି ୨୭୪ ଜଣଙ୍କୁ ପରିତ୍ୟକ୍ତ କରାଯାଇଛି। ୨୦୨୦ ଏପ୍ରିଲ ୧ରୁ ୨୦୨୧ ଜୁନ୍ ୫ ପର୍ଯ୍ୟନ୍ତ ମହାମାରୀ ସମୟରେ କେତେଜଣ ଶିଶୁ ସେମାନଙ୍କ ମା', ବାପା କିମ୍ବା ଉଭୟଙ୍କୁ କୋଭିଡ୍ ଓ ଅଣକୋଭିଡ୍ ଜନିତ ରୋଗରେ ହରାଇଛନ୍ତି ସେ ନେଇ ରାଜ୍ୟଗୁଡ଼ିକ 'ବାଲ୍ ସ୍ୱରାଜ' ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିଥିଲେ। ମହାରାଷ୍ଟ୍ରରେ ସର୍ବାଧିକ ୭,୦୮୪ ଜଣ ଅନାଥ, ପରିତ୍ୟକ୍ତ ତଥା ମା' ବାପାଙ୍କୁ ହରାଇଥିବା କମିଶନ କହିଛନ୍ତି। ଏହାପରେ ଉତ୍ତରପ୍ରଦେଶରେ ୩,୧୭୨, ରାଜସ୍ଥାନରେ ୨,୪୮୨, ହରିୟାଣାରେ ୨,୪୩୮, ମଧ୍ୟପ୍ରଦେଶରେ ୨,୨୪୩, ଆନ୍ଧ୍ରପ୍ରଦେଶରେ ୨,୦୮୯, କେରଳରେ ୨,୦୦୨, ବିହାରରେ ୧,୬୩୪ ଏବଂ ଓଡ଼ିଶାରେ ୧,୦୭୩ ଜଣ ଏପରି ଶିଶୁ ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୫,୬୨୦ ଜଣ ପୁଅ, ୧୪,୪୪୭ ଜଣ ଝିଅ ଏବଂ ୪ ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି।

## କୋଭାକ୍ସିନଠାରୁ ଅଧିକ ଆଣ୍ଟିବଡିସୃଷ୍ଟି କରୁଛି କୋଭିଶିଲ୍ଡ

**ନୂଆଦିଲ୍ଲୀ, ୭।୬**

କୋଭାକ୍ସିନ ଅପେକ୍ଷା କୋଭିଶିଲ୍ଡ ଟିକା ଅଧିକ ଆଣ୍ଟିବଡି ସୃଷ୍ଟି କରୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଉପରୋକ୍ତ ଟିକାର ଦୁଇଟି ଡୋଜ୍ ନେଇସାରିଥିବା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଉପରେ କରୋନା ଭାଇରସ୍ ଭାକ୍ସିନ୍ ଇଣ୍ଡ୍ୟୁସ୍‌ଡ ଆଣ୍ଟିବଡି ଟିଟ୍ରେ (କୋଭାଟ) ପକ୍ଷରୁ ଏହି ଅଧ୍ୟୟନ ହୋଇଥିଲା। କୋଭିଶିଲ୍ଡ ନେଇଥିବା ହିତାଧିକାରୀଙ୍କଠାରେ ସେରୋପଜିଟିଭିଟି ହାରଠାରୁ ଆଣ୍ଟି–ସ୍ପାଇକ୍ ଆଣ୍ଟିବଡି ଅଧିକ ରହିଥିଲା। ତେବେ ଉଭୟ ଟିକା ଭଲ କାମ କରୁଥିବା ଅଧ୍ୟୟନରେ କୁହାଯାଇଛି।

## ପାକିସ୍ତାନରେ ଟ୍ରେନ୍ ଦୁର୍ଘଟଣା: ୫୦ ମୃତ

**କରାଚୀ, ୭।୬**

ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ସୋମବାର ସକାଳେ ଦୁଇଟି ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ୫୦ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦ରୁ ଅଧିକ ଆହତ ହୋଇଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସେନା ଓ ଅର୍ଦ୍ଧସାମରିକ ବାହିନୀକୁ ନିୟୋଜିତ କରାଯାଇଛି।

କରାଚୀରୁ ସରଗୋଧା ଯାଉଥିବା ମିଲଟ ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇ ଅନ୍ୟ ଟ୍ରାକ୍ ଉପରେ ଖସିପଡ଼ିବାରୁ ବିପରୀତ ଦିଗରୁ ଆସୁଥିବା ସାର୍ ସୟେଦ୍ ଏକ୍ସପ୍ରେସ ଏହାକୁ ଧକ୍କା ଦେଇଥିଲା। ଏହି ଟ୍ରେନ୍‌ଟି ରାଓ୍ୱଲପିଣ୍ଡିରୁ କରାଚୀ ଯାଉଥିଲା। ଆହତମାନଙ୍କୁ ଘୋଟ୍‌କି, ଧର୍‌କି, ଓବାରୋ ଏବଂ ମିରପୁର ମାଥେଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜରୁରୀ ସ୍ଥିତି ଜାରି ହୋଇଛି। ମୃତକଙ୍କ ମଧ୍ୟରେ ମହିଳା ଓ କେତେଜଣ ରେଲୱେ କର୍ମଚାରୀ ଅଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମର୍ମାହତ ବୋଲି କହିଛନ୍ତି। ସେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



# ଲକ୍ଷେକୁ ଖସିଲା ଦୈନିକ ସଂକ୍ରମଣ



ଦିଲ୍ଲୀରେ ସୋମବାରଠାରୁ ବଜାର ଓ ମଲ୍ ଖୋଲିବା ପରେ ଲଜପତ ନଗର ସେଣ୍ଟ୍ରାଲ ମାର୍କେଟରେ ଗ୍ରାହକମାନେ ଶପିଂ କରୁଛନ୍ତି।

**ନୂଆଦିଲ୍ଲୀ, ୭।୬(ପି.ଟି.)**

ଦେଶରେ ଦୈନିକ କରୋନା ସଂକ୍ରମଣ ଲକ୍ଷେ ନିକଟତର ହୋଇଛି। ସୋମବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ ୧,୦୦,୬୩୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୮୯,୦୯,୯୭୫ରେ ପହଞ୍ଚିଛି। ଗତ ୬୧ ଦିନ ମଧ୍ୟରେ ଦୈନିକ ସଂକ୍ରମଣ ସର୍ବନିମ୍ନ ହୋଇଛି। ଏଥିସହିତ ଆରୋଗ୍ୟ ହାର ବଢ଼ିଥିବାରୁ ସକ୍ରିୟ ମାମଲା ସଂଖ୍ୟା ୧୪,୦୧,୬୦୯ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୪ ଘଣ୍ଟାରେ ୨,୪୨୭ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୩,୪୯,୧୮୬ ହୋଇଛି। ଗତ ଏପ୍ରିଲ୍ ୬ରେ ଦୈନିକ ସଂକ୍ରମଣ ୯୬,୯୮୨ ଥିଲା। କ୍ରମାଗତ ୨୫ ଦିନ ହେଲା ସଂକ୍ରମଣ ତୁଳନାରେ ଆରୋଗ୍ୟ ହାର ଅଧିକ ରହିଛି। ସେହିପରି ପଜିଟିଭିଟି ହାର ୬.୩୪ ପ୍ରତିଶତକୁ ହ୍ରାସ ପାଇଛି।

## ବେଙ୍ଗାଲୁରୁରେ ମୃତ୍ୟୁ ହାର ସର୍ବାଧିକ

**ବେଙ୍ଗାଲୁରୁ, ୭।୬**

ବେଙ୍ଗାଲୁରୁରେ କୋଭିଡ୍ ମୃତ୍ୟୁ ହାର ସର୍ବାଧିକ ରହିଛି। ଗତ ସପ୍ତାହରେ ସେଠାରେ ସଂକ୍ରମଣ ହାର୍ ୭ ପ୍ରତିଶତ ରହିଥିଲା, ଯାହା କି ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସର୍ବାଧିକ। ଗତ ସପ୍ତାହ (ମେ' ୨୯ରୁ ଜୁନ୍ ୪)ରେ ବେଙ୍ଗାଲୁରୁରେ ୨୫,୬୯୯ ସଂକ୍ରମିତ ହୋଇଥିବାବେଳେ ୧,୭୯୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବ ସପ୍ତାହରେ ୧,୩୭,୩୪୩ ସଂକ୍ରମିତ ହୋଇଥିବାବେଳେ ୨,୦୩୭ ଜଣଙ୍କ ମୃତ୍ୟୁ ହୋଇଥିଲା ଅର୍ଥାତ୍ ମୃତ୍ୟୁ ହାର ୪.୮ ପ୍ରତିଶତ ରହିଥିଲା।

## ଦେଶରେ ୨୮,୨୫୨ ବ୍ଲାକ୍ ଫଙ୍ଗସ୍ ରୋଗୀ

**ନୂଆଦିଲ୍ଲୀ, ୭।୬(ପି.ଟି.)**

ଦେଶର ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୮,୨୫୨ ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋର୍‌ମାଇକୋସିସ୍ ରୋଗୀ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସୋମବାର ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୮୬ ପ୍ରତିଶତ ପୂର୍ବରୁ କରୋନା ଆକ୍ରାନ୍ତ ଥିଲେ ଏବଂ ୬୨.୩ ପ୍ରତିଶତଙ୍କର ଡାଇବେଟିସ୍ ରହିଛି। ମହାରାଷ୍ଟ୍ରରେ ସର୍ବାଧିକ ୬,୩୩୯ ବ୍ଲାକ୍ ଫଙ୍ଗସ୍ ରୋଗୀ ରହିଥିବାବେଳେ ଗୁଜରାଟରେ ୫,୪୮୬ ମାମଲା ରହିଥିବା ଉଚ୍ଚସ୍ତରୀୟ ମନ୍ତ୍ରୀଗୋଷ୍ଠୀ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅଧ୍ୟକ୍ଷତା କରି ହର୍ଷବର୍ଦ୍ଧନ କହିଥିଲେ। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଭି.କେ. ପଲ୍ ଦେଶର ଟିକାକରଣ ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ କରୋନା ତୃତୀୟ ଲହର ମୁକାବିଲା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଭାରତରେ ୧୪୧ ଦିନରେ ୨୩ କୋଟି ଟିକା ଦିଆଗଲାଣି। ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୮୮.୭ କୋଟି ଲୋକ ଅନ୍ୟୁନ ଗୋଟିଏ ଡୋଜ୍ ଟିକା ନେଇଥିବାବେଳେ ଭାରତରେ ୧୭.୯ କୋଟି ଏହା ନେଇଛନ୍ତି।

## ଦିଲ୍ଲୀ ଭୋଟକେନ୍ଦ୍ରରେ ଦିଆଯିବ ଟିକା



**ନୂଆଦିଲ୍ଲୀ, ୭।୬(ପି.ଟି.)**

୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ଟିକାକରଣକୁ ତ୍ୱରାନ୍ୱିତ କରିବା ଲାଗି ଦିଲ୍ଲୀ ସରକାର ସମସ୍ତ ଭୋଟକେନ୍ଦ୍ରରେ ଟିକା ଦେବାକୁ ଘୋଷଣା କରିଛନ୍ତି। ଯୋଗ୍ୟ ହିତାଧିକାରୀମାନେ ସେମାନଙ୍କ ନିକଟସ୍ଥ ଭୋଟକେନ୍ଦ୍ରକୁ ଯାଇ ଟିକା ନେଇପାରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର 'ଯହାଁ ଭୋଟ, ୱାହାଁ ଭାକ୍ସିନେଶନ' ଅଭିଯାନ ଘୋଷଣା କରିଛନ୍ତି। ଅଧିକ ଟିକା ଉପଲବ୍ଧ ହେବା ପରେ ୧୮ରୁ ୪୪ ବର୍ଷ ବୟସ ବର୍ଗର ହିତାଧିକାରୀମାନଙ୍କୁ ମଧ୍ୟ ଭୋଟ କେନ୍ଦ୍ରରେ ଟିକାଦାନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଦିଲ୍ଲୀରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ୫୭ ଲକ୍ଷ ଲୋକ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨୭ ଲକ୍ଷ ପ୍ରଥମ ଡୋଜ୍ ଟିକା ନେଇସାରିଛନ୍ତି। ୩୦ ଲକ୍ଷ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୪୨,୦୭,୯୫୯ | ୩୭,୪୭,୩୬୮ | ୧୫,୭୩,୩୧,୩୩୭ |
| ଭାରତ | ୨,୮୯,୭୪,୧୫୨ | ୩,୫୦,୬୩୧ | ୨,୭୨,୮୨,୦୭୭ |
| ଓଡ଼ିଶା | ୮,୧୯,୨୧୪ | ୩୦୩୫(+୫୩) | ୭,୪୭,୮୦୫ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଯୁଧିଷ୍ଠିର ପାଣି
ଜନ୍ମ: ୨୮।୦୮।୧୯୪୦
ତିରୋଧାନ: ୦୫।୦୬।୨୦୨୧
ଧରିତ୍ରୀ ପରିବାର ପକ୍ଷରୁ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

# ବିନା ନମୁନାରେ ଜାଣିହେବ ରକ୍ତଶୂନ୍ୟତା, ସର୍କରା ସ୍ଥିତି

ଭୁବନେଶ୍ୱର, ୭।୬(ବ୍ୟୁରୋ)

## ସ୍ୱାସ୍ଥ୍ୟସେବା ପାଇଁ ଦୁଇ ନୂଆ ଷ୍ଟାର୍ଟଅପ୍



- ଜଣାପଡ଼ିବ ଯକୃତ, ଫୁସ୍‌ଫୁସ୍, ବୃକ୍କ ସମସ୍ୟା
- ଟିକା ପରିବହନ ପାଇଁ ଆଉ ଏକ ପ୍ରକଳ୍ପ ପ୍ରସ୍ତୁତ

ଏଣିକି ବିନା ରକ୍ତ ନମୁନା ପରୀକ୍ଷାରେ ଜାଣିହେବ ଶରୀରର ରକ୍ତଶୂନ୍ୟତା ଓ ରକ୍ତ ସର୍କରାର ସ୍ଥିତି। ଏଥିସହିତ ଯକୃତ, ଫୁସ୍‌ଫୁସ୍ ଓ ବୃକକ୍‌ରେ ରହିଥିବା ସମସ୍ୟା ମଧ୍ୟ ଜଣାପଡ଼ିବ। ତାହା ପୁଣି ଏକ ମିନିଟ୍‌ରୁ କମ୍ ସମୟ ମଧ୍ୟରେ। ଏଭଳି ଏକ ମେଶିନ ତିଆରି କରିଛି ଇଜି-ଆର୍‌ଏକ୍ସ କମ୍ପାନୀ। ଏହି କମ୍ପାନୀ ବିଭିନ୍ନ ମେଡିକାଲ ଯନ୍ତ୍ରପାତି ତିଆରି କରିଥାଏ। ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ହେଉଛି ନୂଆ ଷ୍ଟାର୍ଟଅପ୍। ଏହା କିପରି ବହୁତ ଶସ୍ତା ଓ ସହଜରେ ବଜାରରେ ଉପଲବ୍ଧ ହୋଇପାରିବ ସେଥିପାଇଁ କମ୍ପାନୀ ପ୍ରସ୍ତୁତି ଚଳାଇଛି। କୋଭିଡ୍-୧୯ ପରି ମହାମାରୀ ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ଅସ୍ୱାଭାବିକତା ଏବଂ କାର୍ଯ୍ୟ ବନ୍ଦ କରିଦେବା ଭଳି ସ୍ଥିତିର ତ୍ୱରିତ ସୂଚନା ଦେଇପାରିବ ଏହି ମେଶିନ। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଥିବା ବୟସ୍କ ରୋଗୀଙ୍କ କ୍ଷେତ୍ରରେ ଶରୀର ଯାଞ୍ଚ ନିମନ୍ତେ ଏହା ବହୁ ଉପଦେୟ ସାବ୍ୟସ୍ତ ହୋଇପାରିବ ବୋଲି ଇଜି-ଆର୍‌ଏକ୍ସ ପକ୍ଷରୁ କୁହାଯାଇଛି।

ସେହିପରି ଅନ୍ୟ ଏକ ସଂସ୍ଥା ମାର୍କ୍‌ଫି ସଲ୍ୟୁଶନ୍ ପ୍ରା.ଲି. କୋଭିଡ୍-୧୯ ପ୍ରତିଷେଧକ ଟିକାକୁ ସହଜ ଏବଂ ନିରାପଦରେ ପରିବହନ କରିବା ନିମନ୍ତେ ବିଯୁକ୍ତ ତାପମାତ୍ରାଯୁକ୍ତ ପରିବହନ ଓ ଷ୍ଟୋରେଜ୍ ସକାଶେ ଏକ ଉପକରଣର ନିର୍ମାଣ କରିଛି। ଏହାର ନାମ ରହିଛି ବାୟୋସିୟୋର। ଏହା ସାହାଯ୍ୟରେ ଘରକୁ ଘର ବୁଲି ଟିକାଦାନ ପ୍ରକ୍ରିୟାକୁ ଅନାୟାସରେ ସଞ୍ଚାଳନ କରିହେବ। ଏହା ବିଶେଷ ଭାବେ ଅଗମ୍ୟ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ବହୁ ଉପକାରୀ ହୋଇପାରିବ। ଏହାର ଉତ୍ପାଦନ କରିବା ପାଇଁ ଆଇସିଏମ୍‌ଆର୍‌କୁ ଆବେଦନ କରିଛି ମାର୍କ୍‌ଫି ସଲ୍ୟୁଶନ।

ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଏସବୁ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ଏହି ନୂତନ ଷ୍ଟାର୍ଟଅପଗୁଡ଼ିକୁ ପର୍ଯ୍ୟାପ୍ତ ସୁବିଧା ଯୋଗାଇ ଦିଆଯାଇଛି। ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ପାର୍କ, ଶିଳ୍ପାଞ୍ଚଳ ଆଦି ସୃଷ୍ଟି କରାଯାଇଛି। ଆବଶ୍ୟକ କ୍ଷେତ୍ରରେ ସରକାରୀ ଜମିଯୋଗାଣ, ବ୍ୟାଙ୍କ ଲିଙ୍କେଜ୍ ଆଦି ସୁବିଧା ଯୋଗାଇ ଦିଆଯାଉଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ନିୟମିତ ଭାବେ ସମୀକ୍ଷା ବୈଠକ ଆୟୋଜନ କରିଉଦ୍ୟୋଗ ପ୍ରତିଷ୍ଠାକୁନେଇ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରୁଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ମାଗଣା ଟିକା ଘୋଷଣା

# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୬(ବ୍ୟୁରୋ): ମାଗଣାରେ ଟିକା ଯୋଗାଣ ଘୋଷଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଟିକା ନ ନେବା ଯାଏ କେହି ବି ସୁରକ୍ଷିତ ନୁହନ୍ତି। ଦେଶ ପାଇଁ କୋଭିଡ୍-୧୯ ବିରୋଧରେ ଆମେ ଏକ ହୋଇ ଲଢ଼େଇ କରୁଛେ। ଟିକାକରଣକୁ ଜାତୀୟ ମିଶନ ଭାବେ ଗ୍ରହଣ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଘୋଷଣାକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

ଭୁବନେଶ୍ୱର, ୭।୬(ବ୍ୟୁରୋ)



ଦେଶବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କୁ ମାଗଣା ଟିକା ପ୍ରଦାନ ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ସମ୍ପ୍ରସାରଣ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ସେ ଟ୍ୱିଟ୍ କରିଛନ୍ତି ଯେ କୋଭିଡ୍ ମହାମାରୀ ବିରୋଧୀ ଲଢ଼େଇରେ ପ୍ରଧାନମନ୍ତ୍ରୀ ଜନକଲ୍ୟାଣ ପାଇଁ ନେଇଥିବା ନିଷ୍ପତ୍ତି ତାଙ୍କ ଦୂରଦର୍ଶୀ ନେତୃତ୍ୱର ପରିଚୟ ଦେଉଛି। କରୋନା ବିରୋଧୀ ଲଢ଼େଇକୁ ଅଧିକ ସୁଦୃଢ଼ କରିବା ପାଇଁ ତାଙ୍କ ଦ୍ୱାରା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତଙ୍କୁ ମାଗଣା ଟିକା ଉପଲବ୍ଧ କରାଇବା କେନ୍ଦ୍ର ସରକାର ପାଇଁ ନିଷ୍ପତ୍ତି ନେଇଛନ୍ତି। ଭାରତ ସରକାର ଟିକା ଉତ୍ପାଦନକାରୀଙ୍କ ଠାରୁ ମୋଟ ଟିକା ଉତ୍ପାଦନ ମଧ୍ୟରୁ ୭୫ ପ୍ରତିଶତ ଟିକା ରାଜ୍ୟ ସରକାରଙ୍କୁ ମାଗଣାରେ ଯୋଗାଇ ଦେବେ। ବାକି ୨୫ ପ୍ରତିଶତ ଟିକା ଘରୋଇ ହସ୍ପିଟାଲ ଗୁଡ଼ିକୁ ଦିଆଯିବ। ଆସନ୍ତା ଜୁନ୍ ୨୧ରୁ ଏହି ମାଗଣା ଟିକା ପ୍ରଦାନ କରାଯିବ। ଦୁର୍ବଳ ଏବଂ ଗରିବ ଶ୍ରେଣୀର ଲୋକଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଗରିବଙ୍କ କଲ୍ୟାଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦର୍ଶାଇ ପ୍ରଧାନମନ୍ତ୍ରୀ ମୋଦି ଦେଶର ୮୦ କୋଟି ଜନସାଧାରଣଙ୍କ ପାଇଁ ଗରିବ କଲ୍ୟାଣ ଅନ୍ନଯୋଜନାର ଅବଧିକୁ ଦୀପାବଳି ପର୍ଯ୍ୟନ୍ତ ବଢ଼ାଇବା ପାଇଁ ନିଷ୍ପତି ନେଇଛନ୍ତି। ଏହା ଦ୍ୱାରା ଦେଶର ଜଣେ ଗରିବ ଉପାସରେ ରହିବ ନାହିଁ ବୋଲି ପ୍ରଧାନ ଟ୍ୱିଟ୍ କରିଛନ୍ତି।

## ସଂକ୍ଷେପରେ

### କୋର୍ଟ ଶୁଣାଣିର ସିଧା ପ୍ରସାରଣ ଲାଗି ଚିଠା ନିୟମ ଜାରି

ନୂଆଦିଲ୍ଲୀ,୭।୬: ଅଦାଲତ ଭିତରେ ଶୁଣାଣି ପ୍ରକ୍ରିୟାର ରେକର୍ଡିଂ ଓ ସିଧା ପ୍ରସାରଣ ଲାଗି ସୁପ୍ରିମକୋର୍ଟ ଇ-କମିଟି ପକ୍ଷରୁ ସୋମବାର ଚିଠା ନିୟମାବଳୀ ଜାରି କରାଯାଇଛି। ଏ ସମ୍ପର୍କରେ ମତାମତ, ଉପଦେଶ ଓ ପରାମର୍ଶ ଦେବା ଲାଗି ସମସ୍ତ ଭାଗିଦାରୀଙ୍କୁ ଅନୁରୋଧ କରାଯାଇଛି। ଅଧିକ ସ୍ୱଚ୍ଛତା ଆଣିବା ଓ ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ଏହାର ଲକ୍ଷ୍ୟ। ତେବେ ବିବାହ ସମ୍ପର୍କିତ ମାମଲା, ଯୌନ ଅପରାଧ, ମହିଳାଙ୍କ ବିରୋଧରେ ଲିଙ୍ଗଗତ ହିଂସା ଆଦିକୁ ସିଧା ପ୍ରସାରଣରୁ ବାଦ୍ ଦିଆଯିବା ଲାଗି ଚିଠା ନିୟମାବଳୀରେ ସ୍ପଷ୍ଟ କରିଦିଆଯାଇଛି। ଶୁଣାଣିର ସିଧା ପ୍ରସାରଣକୁ ଅନୁମତି ଦିଆଯିବ କି ନାହିଁ କିମ୍ବା ଏହାର କିଛି ଅଂଶକୁ ଅନୁମତି ଦିଆଯିବ, ତାହାର ଚୂଡ଼ାନ୍ତ ନିଷ୍ପତ୍ତି ଖଣ୍ଡପୀଠ ନେବେ। ତେବେ ଖଣ୍ଡପୀଠ ମୁକ୍ତ ଓ ସ୍ୱଚ୍ଛ ନ୍ୟାୟିକ ପ୍ରକ୍ରିୟାର ନୀତି ଅନୁଯାୟୀ ଏହି ନିଷ୍ପତ୍ତି ନେବେ ବୋଲି ଏଥିରେ କୁହାଯାଇଛି। ନିୟମାବଳୀ ପ୍ରସ୍ତୁତି ଲାଗି ବମ୍ବେ, ଦିଲ୍ଲୀ, ମାଡ୍ରାସ, କର୍ଣ୍ଣାଟକ ହାଇକୋର୍ଟର ବିଚାରପତିମାନଙ୍କୁ ନେଇ ଏହି ସବ୍‌କମିଟି ଗଠନ କରାଯାଇଥିଲା।

### ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଗୁରୁତର

**ଉନ୍ନତ ଚିକିତ୍ସା ପାଇଁ ଯିବେ କୋଲ୍‌କାତା**



କଟକ ଅଫିସ,୭।୬: କରୋନାରେ ଆକ୍ରାନ୍ତ ହୋଇ କଟକ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ଅବସ୍ଥା ଗୁରୁତର ରହିଛି। ଉନ୍ନତ ଚିକିତ୍ସା ପାଇଁ ସୋମବାର ବିଳମ୍ବିତ ରାତିରେ ତାଙ୍କୁ ଏୟାର ଆମ୍ବୁଲାନ୍ସରେ କୋଲକାତାର ଏକ ଘରୋଇ ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ଅଶ୍ୱିନୀ ହସ୍ପିଟାଲର ପଲମୋଲୋଜିଷ୍ଟ ଡା. ମାନସ ନାୟକ କହିଛନ୍ତି। ଗତ ୨୯ ତାରିଖରେ ପାଣିଗ୍ରାହୀ କରୋନାରେ ଆକ୍ରାନ୍ତ ହୋଇ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଲକାତା ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି। କୋଲକାତାର ସୁପର ସ୍ପେଶିଆଲିଟି ହସ୍ପିଟାଲର ଏକ ୫ ଜଣିଆ ଟିମ୍ ଅଶ୍ୱିନୀ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛି। କୋଲକାତା ସ୍ଥିତ ଉକ୍ତ ହସ୍ପିଟାଲରେ ଏକ୍‌ମୋ(ଏକ୍ସଟ୍ରାକର୍ପୋରିଲ ମେମ୍ବ୍ରାନ୍ ଅକ୍ସିଜେନେସନ) ବ୍ୟବସ୍ଥା ଥିବାରୁ ପାଣିଗ୍ରାହୀଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ।

### ପ୍ରଫେସର ଡା. ଉର୍ମିଳା ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, ୭।୬(ବ୍ୟୁରୋ): ପ୍ରଫେସର ଡା. ଉର୍ମିଳା ମହାନ୍ତି (୭୫)ଙ୍କର କରୋନାରେ ପରଲୋକ ଘଟିଛି। ସେ ପଜିଟିଭ ଚିହ୍ନଟ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୩ ତାରିଖ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ଜଣାପଡିଛି। ଡା. ମହାନ୍ତି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ(ଏସ୍‌ସିବି)ରେ ୩୦ ବର୍ଷ ଧରି ଅଧ୍ୟାପନା କରିଥିଲେ। ରେଭେନ୍‌ଶାରୁ ବିଜ୍ଞାନ ଓ ପରେ ଏସ୍‌ସିବିରୁ ଡାକ୍ତରୀ ପାସ୍ କରିଥିଲେ। ଏଥିସହ ସେ ଜଣେ ଉଚ୍ଚକୋଟୀର ଲେଖିକା ଥିଲେ। ତାଙ୍କ ଲିଖିତ ପୁସ୍ତକ 'ମା ତୋର କେତେ ନା' ଉଭୟ ଓଡ଼ିଆ ଓ ଇଂଲିଶ୍ ଭାଷାରେ ଆଦୃତି ଲାଭ କରିଛି।



ଭୁବନେଶ୍ୱରରେ ସୋମବାର ଅପରାହ୍ନରେ ହୋଇଥିବା ପ୍ରାକ୍ ମୌସୁମୀ ବର୍ଷା।

# ଆସୁଛି ବଡ଼ ବର୍ଷା, କୃଷି କ୍ଷେତ୍ର ପ୍ରଭାବିତ ସମ୍ଭାବନା

ଭୁବନେଶ୍ୱର, ୭।୬(ବ୍ୟୁରୋ)

- ଭୁବନେଶ୍ୱରରେ ୨୯.୬ ମିମି ବର୍ଷା ରେକର୍ଡ
- ବିଭିନ୍ନ ଜିଲାକୁ ସତର୍କ କଲା ପାଣିପାଗ କେନ୍ଦ୍ର
- ୧୦ ସୁଦ୍ଧା ସମୁଦ୍ରରୁ ଫେରିଆସିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

ଉତ୍ତର ବଙ୍ଗୋପସାଗର ଓ ଏହାର ସଂଲଗ୍ନ ଅଞ୍ଚଳରେ ଆସନ୍ତା ୧୧ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ୨ ଦିନ ଭିତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ଅଧିକାଂଶ ଅଞ୍ଚଳ ଏବଂ ବିହାରର କିଛି ଅଞ୍ଚଳକୁ ଛୁଇଁବାର ଆଶଙ୍କା ରହିଛି। ଏହା ପ୍ରଭାବରେ ଏବେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଛି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବାବେଳେ ଭୁବନେଶ୍ୱରରେ ସର୍ବାଧିକ ୨୯.୬ ମିମି ବର୍ଷା ରେକର୍ଡ କରାଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ଝଡ଼ବର୍ଷା ସହିତ ବଜ୍ରପାତ ହୋଇଥିଲା। ଜୋର୍‌ରେ ପବନ ବହିବାରୁ ବିଭିନ୍ନ ସ୍ଥାନରେ ଗଛ ଡାଳ ମଧ୍ୟ ଭାଙ୍ଗି ପଡ଼ିବା ସହିତ ବିଦ୍ୟୁତ ତାର ଛିଣ୍ଡି ଯାଇଥିବା ଦେଖାଯାଇଥିଲା। ତେବେ ମଙ୍ଗଳବାରଠାରୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ, ଦକ୍ଷିଣ ଉପକୂଳ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। କିନ୍ତୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଆଦି ୪ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେହିପରି ୯ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। ୧୦ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। କିନ୍ତୁ ଢେଙ୍କାନାଳ, ପୁରୀ, ଅନୁଗୋଳ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବୌଦ୍ଧ ଓ କନ୍ଧମାଳର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ୧୧ ତାରିଖରେ ୮ ଜିଲାକୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏସବୁ ଜିଲା ହେଲା ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ଅନୁଗୋଳ। ଉକ୍ତଦିନ ବିଭିନ୍ନ ସ୍ଥାନରେ ପାଣି ଜମିବା ସହ କଚା ଘର ଭାଙ୍ଗିବା, ସହରାଞ୍ଚଳରେ ପାଣି ଜମିବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଦେବା ଏବଂ କୃଷି କ୍ଷେତ୍ରରେ କ୍ଷତି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ଏଥିସହିତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ପାଇଁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ର ଭିତରେ ଅଛନ୍ତି ସେମାନେ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଫେରିବାକୁ ପରାମର୍ଶ ଦିଆଯାଇଛି।

ସେପଟେ ସୋମବାର ରାଜ୍ୟର ୬ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ସୁନ୍ଦରଗଡ଼ରେ ସର୍ବାଧିକ ୪୧.୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବୌଦ୍ଧ ଓ ମାଲକାନଗିରିରେ ୪୧, ଭବାନୀପାଟଣା ୪୦.୫, ଝାରସୁଗୁଡ଼ା ୪୦.୨ ଏବଂ ବଲାଙ୍ଗୀରରେ ୪୦ ଡିଗ୍ରୀ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୟାଟ୍ ଉଚ୍ଛେଦ ନିଷ୍ପତ୍ତି ହାଇକୋର୍ଟରେ କାଏମ

କଟକ ଅଫିସ, ୭।୬

**ସମସ୍ତ ମାମଲା ଖାରଜ**

ରାଜ୍ୟପ୍ରଶାସନିକନ୍ୟାୟାଧିକରଣ(ସ୍ୟାଟ୍) ଉଚ୍ଛେଦ ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଉପରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ଫଳରେ ସ୍ୟାଟ୍ ଉଚ୍ଛେଦ ପାଇଁ ବାଟ ସଫା ହେବା ସହ ଅଦାଲତି ବିବାଦର ଅନ୍ତ ଘଟିଛି। ହାଇକୋର୍ଟ ସୋମବାର ତାଙ୍କ ରାୟରେ ଜଣାଇଛନ୍ତି, କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୨ରେ ସ୍ୟାଟ୍ ଉଚ୍ଛେଦ ପାଇଁ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ସେଥିରେ ଅଦାଲତ ହସ୍ତକ୍ଷେପ କରିବାର କୌଣସି ଭିତ୍ତି ନାହିଁ। ସ୍ୟାଟ୍ ଯେଉଁ ଉଦ୍ଦେଶ୍ୟ ନେଇ ଗଠନ ହୋଇଥିଲା ତାହା ସଫଳ ନ ହେବାରୁ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଉଚ୍ଛେଦ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଏହି ନିଷ୍ପତ୍ତି ଉପରେ ହାଇକୋର୍ଟ ହସ୍ତକ୍ଷେପ କରିବନି ବୋଲି ରାୟରେ ଜଣାଇଛନ୍ତି। ତେଣୁ ସ୍ୟାଟ୍ ଉଚ୍ଛେଦକୁ ବିରୋଧ କରି ରୁଜୁ ହୋଇଥିବା ସମସ୍ତ ମାମଲା ଖାରଜ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ରାୟ ପ୍ରକାଶ କରି ଏହା କହିଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବଳରେ ସ୍ୟାଟ୍‌ରେ ଥିବା ପ୍ରାୟ ୭୦ ହଜାର ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହେବ।

ସୂଚନାଯୋଗ୍ୟ, ୨୦୧୫ ସେପ୍ଟେମ୍ବର ୯ରେ ସ୍ୟାଟ୍ ଉଚ୍ଛେଦ ନେଇ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତିକୁ ବିରୋଧ କରି କଟକ ଏବଂ ଭୁବନେଶ୍ୱର ସ୍ୟାଟ୍ ବାର୍ ଆସୋସିଏସନ୍ ସମେତ ଏକାଧିକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ପରେ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟରେ ଏହି ନିଷ୍ପତ୍ତି ଉପରେ ମୋହର ମାରିଥିଲେ। ସ୍ୟାଟ୍ ଉଚ୍ଛେଦ ଉପରେ ଆବେଦନକାରୀମାନେ ଅଭିଯୋଗ ଆଣି ଦର୍ଶାଇଥିଲେ, ସରକାରଙ୍କ ଏହି ନିଷ୍ପତ୍ତି ସ୍ୱେଚ୍ଛାଚାରିତା, ଅପରିଣାମଦର୍ଶିତା। କିନ୍ତୁ ଏହି ଅଭିଯୋଗକୁ ହାଇକୋର୍ଟ ଗ୍ରହଣ କରିନାହାନ୍ତି। ଏହି ଯୁକ୍ତି ଭୁଲ୍ ବୋଲି ହାଇକୋର୍ଟ ରାୟରେ ଦର୍ଶାଇଛନ୍ତି। ଅପରପକ୍ଷରେ ଅଦାଲତ ଅବମାନନା ମାମଲାରୁ ଖସିବା ପାଇଁ ପ୍ରଶାସନିକ ଅଧିକାରୀମାନେ ସ୍ୟାଟ୍ ଉଚ୍ଛେଦ ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ଯେଉଁ ଯୁକ୍ତି ରଖାଯାଇଛି, ତାହାକୁ ମଧ୍ୟ ହାଇକୋର୍ଟ ଗ୍ରହଣ କରିନାହାନ୍ତି। ହାଇକୋର୍ଟରେ ଏହିସବୁ ମାମଲାର ଶୁଣାଣିବେଳେ ଯଦି କୌଣସି ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହୁଏ ତା'ହେଲେ ସେମାନେ ମଧ୍ୟ ଏଠାରେ ସମାନ ଧରଣର ଦଣ୍ଡବିଧାନକୁ ସାମ୍ନା କରିବେ ବୋଲି ହାଇକୋର୍ଟ ରାୟରେ କହିଛନ୍ତି।

# ଏକାମ୍ର ଯୋଜନା ପାଇଁ ଉପଦେଷ୍ଟା କମିଟି

ଭୁବନେଶ୍ୱର,୭।୬(ବ୍ୟୁରୋ)

ରାଜ୍ୟ ସରକାର ଭୁବନେଶ୍ୱରରେ ଏକାମ୍ର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏକାମ୍ର କ୍ଷେତ୍ରର ବିକାଶ ପାଇଁ ୮୦ ଏକର ପରିମିତ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାକୁ ତଦାରଖ କରିବାକୁ ରାଜ୍ୟ ସରକାର ଏକ ପ୍ରକଳ୍ପ ଉପଦେଷ୍ଟା କମିଟି (ପିଏସି) ଗଠନ କରିଛନ୍ତି। ସୋମବାର ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କମିଟିରେ ଡ. ସନ୍ତୃପ୍ତ ମିଶ୍ରଙ୍କୁ ଅଧ୍ୟକ୍ଷ କରାଯାଇଛି। ସେ ଏବେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମାନବ ସମ୍ବଳ ବିଭାଗ ନିର୍ଦ୍ଦେଶକ ତଥା କାର୍ବନ ବ୍ଲାକ ଆଣ୍ଡ୍ କେମିକାଲ୍ସ ବିଜିନେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ରହିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ସଚିବ, ରାଜସ୍ୱ ଡିଭିଜନାଲ କମିଶନର, ଭୁବନେଶ୍ୱର ମହାନଗର ନିଗମ କମିଶନର, ଦେବୋତ୍ତର କମିଶନର, ଆଇନ ବିଭାଗ ଅତିରିକ୍ତ ସଚିବ, ଭୁବନେଶ୍ୱର ଅର୍ବାନ ଡିଷ୍ଟ୍ରିକ୍ଟ ଡିସିପି, ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲାପାଳ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ସଦସ୍ୟ ଥିବା ବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ମେମ୍ବର କନଭେନର ରହିଛନ୍ତି। ଏଥିସହିତ ମନ୍ଦିର ସେବକମାନଙ୍କ ମଧ୍ୟର ୩ ଜଣ, ଐତିହ୍ୟ ଓ ସଂସ୍କୃତି କ୍ଷେତ୍ରରେ ଦକ୍ଷତା ଥିବା ଦୁଇଜଣ ଏବଂ ଭାରତ କିମ୍ବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଦୁଇଜଣଙ୍କୁ ଏହି କମିଟିରେ ରଖାଯାଇଛି। ପ୍ରକଳ୍ପ ସହ ଜଡ଼ିତ ଥିବା ଯେ କୌଣସି ବ୍ୟକ୍ତିଙ୍କୁ କମିଟିର ଅଧ୍ୟକ୍ଷ ପ୍ରକଳ୍ପ ବୈଠକକୁ ଡାକି ପାରିବେ। ପ୍ରକଳ୍ପ ସମ୍ବନ୍ଧରେ ନିଷ୍ପତ୍ତି ନେବା ପୂର୍ବରୁ ପିଏସିର ଅନୁମୋଦନ ନେବାକୁ ହେବ। ନିୟମିତ ଭାବେ କମିଟି ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ପାଇଁ ବୈଠକ ଡାକି ପାରିବେ। ଏହି କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ଡ. ସନ୍ତୃପ୍ତ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ଏକ ମହତ କାର୍ଯ୍ୟ। ନିଜ ରାଜ୍ୟରେ ସେବା କରିବାର ଏହା ଏକ ସୁଯୋଗ ବୋଲି ସେ କହିଛନ୍ତି। ପ୍ରକଳ୍ପ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୃପ୍ତଙ୍କୁ ସ୍ୱାଗତ କରିଛନ୍ତି। ଏହି ଯୋଜନା ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।

# ଧାନକିଣା ଅବ୍ୟବସ୍ଥାକୁ ନେଇ ରାସ୍ତାରେ ଚାଷୀ

ବଲାଙ୍ଗୀର ଅଫିସ/ଦେଓଗାଁ, ୭।୬ (ଡି.ଏନ.ଏ.)



ଚାଷୀମାନେ ଧାନବୋଝେଇ ଟ୍ରାକ୍ଟର ରଖି ରାସ୍ତା ଅବରୋଧ କରିଛନ୍ତି।

- ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ
- ତହସିଲଦାରଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ
- ଆକ୍ରମଣକାରୀ ଫେରାର

ମଣ୍ଡିରେ ରବିଧାନ କ୍ରୟ ଅବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ଚାଷୀମାନେ ସୋମବାର ବଲାଙ୍ଗୀର ଜିଲା ଦେଓଗାଁଠାରେ ବଲାଙ୍ଗୀର-ବୋରିଗୁମ୍ମା ୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ତୁସୁରା ତହସିଲଦାର ଚନ୍ଦ୍ରମଣି ନାଗ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ବେଳେ ପୂର୍ବତନ ପ୍ୟାକ୍ସ ସଭାପତି ଶୈଳେଶ କୁମାର ସାହୁଙ୍କ ଆକ୍ରମଣର ଶିକାର ହୋଇଥିବା ଦେଓଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଥାନାରେ ମାମଲା ନଂ.୧୧୦/୨୧ ରୁଜୁ ହୋଇଛି। ଘଟଣା ପରେ ସାହୁ ଫେରାର ହୋଇଯାଇଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ କୃଷିସେବା ସମବାୟ ସମିତି(ପ୍ୟାକ୍ସ)ରେ ଟାର୍ଗେଟ ଅଭାବରୁ ଚାଷୀମାନେ ଶତାଧିକ କୁଇଣ୍ଟାଲ ଧାନ ବିକ୍ରି କରି ପାରୁନାହାନ୍ତି। ଟୋକନ୍ ପାଇଥିବା ଦେଓଗାଁ, କଚ୍ଛାରପାଲି ଓ ଗାଇବାହାଲ ପଞ୍ଚାୟତର ପ୍ରାୟ ୧୦ ଚାଷୀ ସୋମବାର ସକାଳୁ ଟ୍ରାକ୍ଟରରେ ଧାନ ପ୍ୟାକ୍ସକୁ ଆଣିଥିଲେ। ଆଉ ଦୁଇଦିନ ଭିତରେ ଧାନକ୍ରୟ ହୋଇ ନ ପାରିଲେ ଚାଷୀଙ୍କ ଟୋକନ୍ ଅଚଳ ହୋଇଯିବ। ଏଭଳି ସ୍ଥିତିରେ କେବେ ଟାର୍ଗେଟ୍ ଆସିବ ଓ ଧାନକିଣା ଯିବ ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ। ଟାର୍ଗେଟ୍ ନ ଆସିଲେ ଧାନକିଣା ହୋଇପାରିବନାହିଁ ବୋଲି ପ୍ୟାକ୍ସ କର୍ତ୍ତୃପକ୍ଷ କହିବା ପରେ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ଉତ୍ତେଜିତ ଚାଷୀମାନେ ମଧ୍ୟାହ୍ନ ୧୨ଟା ୩୦ରେ ୨୬ ନମ୍ବର ଜାତୀୟ ରାଜପଥ ଉପରେ ଧାନ ବୋଝେଇ ଟ୍ରାକ୍ଟର ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁସୁରା ତହସିଲଦାର ନାଗ ପହଞ୍ଚି ପ୍ୟାକ୍ସ ସମ୍ପାଦକ ରଘୁମଣି ବାରିକ ଓ ଡାଟାଏଣ୍ଟ୍ରି ଅପରେଟର ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ରବି ଧାନକ୍ରୟ ସମସ୍ୟାକୁ ନେଇ ଆଲୋଚନା କରୁଥିଲେ। ଏହି ସମୟରେ ଦେଓଗାଁ ପ୍ୟାକ୍ସର ପୂର୍ବତନ ସଭାପତି ସାହୁ ତହସିଲଦାର ନାଗଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।

ଧାନକିଣା ଅବ୍ୟବସ୍ଥା ସମ୍ପର୍କରେ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ମୁତାବକ ଦେଓଗାଁ ମଣ୍ଡିକୁ ଆରମ୍ଭରୁ ୮୧୦ କୁଇଣ୍ଟାଲ ଟାର୍ଗେଟ୍ ଆସିଥିଲା। ସେଥିମଧ୍ୟରୁ ଏପର୍ଯ୍ୟନ୍ତ ମାତ୍ର ୨୧ଜଣ ଚାଷୀଙ୍କ ୭୯୪.୮୭ କୁଇଣ୍ଟାଲ ଧାନ କ୍ରୟ ସରିଛି। ଚଳିତ ରବିଋତୁରେ ଧାନ ବିକ୍ରୟ ପାଇଁ ୭୮ଜଣ ଚାଷୀ ଏହି ମଣ୍ଡିରେ ପଞ୍ଜୀକରଣ କରିଛନ୍ତି। ସମସ୍ତ ଚାଷୀଙ୍କ ଧାନକ୍ରୟ ପାଇଁ ୫ ହଜାର ୬ଶହ କୁଇଣ୍ଟାଲ ଟାର୍ଗେଟ ଆବଶ୍ୟକ କରୁଛି। ତେବେ ଟାର୍ଗେଟ୍ ସରିଯାଇଥିବାରୁ ଧାନକ୍ରୟ ବନ୍ଦ ରହିଛି। ଟାର୍ଗେଟ୍ ପ୍ରଦାନରେ ବିଳମ୍ବ ଯୋଗୁ ପ୍ରାୟ ଟୋକନ୍ ପାଇଥିବା ଅନ୍ୟ ୪୫ଜଣ ଚାଷୀଙ୍କ ଟୋକନ୍ ରଦ୍ଦ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟ ୧୨ଜଣ ଚାଷୀଙ୍କର ଏଯାଏ ଟୋକନ୍ ଆସିନାହିଁ। ଏହି ପରିସ୍ଥିତିରେ ଚାଷୀ ଧାନ ବିକ୍ରୟ କରି ନ ପାରି ବାଧହୋଇ କମ୍ ମୂଲ୍ୟରେ ଧାନ ବିକ୍ରୟ କରିଦେଉଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝିଙ୍କୁ ପଚାରିବାରୁ ଜିଲାରେ ରବିଧାନ ୯୩ ପ୍ୟାକ୍ସ ଓ ୬ଟି ଏସ୍‌ଏଚ୍‌ଜି ଜରିଆରେ କିଣା ଚାଲିଛି। ୫୮ହଜାର କୁଇଣ୍ଟାଲ ଟାର୍ଗେଟ୍ ଦିଆଯାଇଥିଲା। ଏବେ ଟାର୍ଗେଟ ନାହିଁ। ତେବେ ଚାଷୀଙ୍କ ନାମ ଓ ଧାନର ପରିମାଣ ପ୍ୟାକ୍ସରେ ଦାଖଲ କଲାପରେ ଟୋକନ୍ ରଦ୍ଦ ହେବା ଅବଧି ପରେ ମଧ୍ୟ ଅତିରିକ୍ତ ୩ ଦିନରେ ଧାନ କ୍ରୟ ହୋଇପାରିବ। ଜିଲା ପାଇଁ ଆହୁରି ୧ ଲକ୍ଷ କୁଇଣ୍ଟାଲ ଟାର୍ଗେଟ୍ ମଗାଯାଇଛି। ଦିନେ ଦୁଇଦିନ ମଧ୍ୟରେ ଟାର୍ଗେଟ୍ ନିଶ୍ଚୟ ଆସିବ ଓ ଧାନକ୍ରୟ ମଧ୍ୟ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି।

**ଆଜିର ମନ୍ତବ୍ୟ**

" ୨୦୧୪ରେ ଦେଶରେ ଟିକା କଭରେଜ ୬୦ ପ୍ରତିଶତ ଥିଲା। ଏବେ ତାହା ୯୦ ପ୍ରତିଶତକୁ ବୃଦ୍ଧି ପାଇଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଚାପରେ ଯାଚିଲେ...

ଦେଇ କହିଛନ୍ତି, ଆସନ୍ତା ୨୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କ ପାଇଁ କେନ୍ଦ୍ର ସରକାର କୋଭିଡ୍ ଟିକା ରାଜ୍ୟଗୁଡ଼ିକୁ ମାଗଣାରେ ଯୋଗାଇ ଦେବେ। ଆଗାମୀ ଦିନରେ ଦେଶରେ ଟିକା ଯୋଗାଣ ଯଥେଷ୍ଟ ବୃଦ୍ଧି ପାଇବ ବୋଲି ମୋଦି ଘୋଷଣା କରିଛନ୍ତି। ଟିକା ଉତ୍ପାଦନକାରୀଙ୍କଠାରୁ କେନ୍ଦ୍ର ସରକାର ରାଜ୍ୟ କୋଟା ୨୫ ପ୍ରତିଶତ ସମେତ ୭୫ ପ୍ରତିଶତ ଟିକା କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମସ୍ତ ଟିକା ମାଗଣାରେ ରାଜ୍ୟଗୁଡ଼ିକୁ ଯୋଗାଇଦିଆଯିବ। ତେବେ ଘରୋଇ ହସ୍ପିଟାଲଗୁଡ଼ିକ ୨୫ ପ୍ରତିଶତ ଟିକା କିଣିପାରିବେ। ସେମାନେ ଧାର୍ଯ୍ୟ ଦରରେ ଟିକା ଦେବା ସହ ସେବା ବାବଦକୁ ୧୫୦ ଟଙ୍କାରୁ ଅଧିକ ନେଇପାରିବେ ନାହିଁ। ଏଥିସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ହିତାଧିକାରୀମାନଙ୍କୁ ଚଳିତ ବର୍ଷ ଦୀପାବଳି ପର୍ଯ୍ୟନ୍ତ ମାଗଣାରେ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଯୋଜନାରେ ୮୦ କୋଟି ଦେଶବାସୀ ନଭେମ୍ବର ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ପରିମାଣର ଖାଦ୍ୟଶସ୍ୟ ପାଇବେ। ମହାମାରୀ ସଙ୍କଟ କାଳରେ ସରକାର ଗରିବ ଜନସାଧାରଣଙ୍କ ସହଯୋଗୀ ଭାବେ ସେମାନଙ୍କ ପାଖରେ ଛିଡ଼ା ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କରୋନା ମହାମାରୀ ଯୋଗୁ ଗତବର୍ଷ ମାର୍ଚ୍ଚରେ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା ହେବାରୁ କୋଟି କୋଟି ଲୋକ ଜୀବିକା ହରାଇ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ସହାୟତା ପାଇଁ କେନ୍ଦ୍ର ସରକାର ମାଗଣା ରାଶନ ଘୋଷଣା କରିଥିଲେ। ଗରିବ ଜନସାଧାରଣ ଯେପରି ଭୋକିଲା ନ ରହିବେ ସେଥିପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସେମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବା ସରକାରଙ୍କର ଲକ୍ଷ୍ୟ ଥିଲା। ସମସ୍ତ ରାଶନ କାର୍ଡଧାରୀ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀ ଏହି ମାଗଣା ଖାଦ୍ୟଶସ୍ୟ ପାଇପାରିବେ। ପିଏମ୍‌ଜିକେଏୱାଇ ଯୋଜନାରେ ମେ' ମାସରେ ୨୮ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ବଣ୍ଟନ ହୋଇଥିବାବେଳେ ଜୁନ୍‌ରେ ୧.୩ ଲକ୍ଷ ନିୟୁତ ଟନ୍ ଦିଆଯାଇଛି।

କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ଅନେକ ରାଜ୍ୟ ଅନ୍‌ଲକ ଦିଗରେ ସତର୍କତାର ସହ ପଦକ୍ଷେପ ନେଉଛନ୍ତି ଓ କଟକଣା କୋହଳ କରୁଛନ୍ତି।

ଭୂତାଣୁ ବିରୋଧରେ ଟିକା ହେଉଛି ଏକ ସୁରକ୍ଷା କବଚ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଆଗାମୀ ଦିନରେ ଯୋଗାଣ ବଢ଼ିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭାରତରେ ୭ଟି କମ୍ପାନୀ କୋଭିଡ୍ ଟିକା ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩ଟି ଟିକାର ଅଗ୍ରିମ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ଏହା ବ୍ୟତୀତ ବିଦେଶୀ ଟିକା ସଂଗ୍ରହ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ଶିଶୁମାନେ କରୋନାରେ ସଂକ୍ରମିତ ହେଉଥିବା ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଏଦିଗରେ ଦୁଇଟି ଟିକାର ପରୀକ୍ଷା କରାଯାଉଛି। ସେହିପରି ନାଜାଲ ସ୍ପ୍ରେ ଭାକ୍ସିନ୍ ଉପରେ ମଧ୍ୟ ଗବେଷଣା ଚାଲିଛି।

ଭାରତ ଖୁବ୍ କମ୍ ସମୟ ମଧ୍ୟରେ ଦୁଇଟି କୋଭିଡ୍ ଟିକା ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୨୩ କୋଟି ଡୋଜ୍ ଟିକା ଦିଆଗଲାଣି। ମହାମାରୀ ମୁକାବିଲା ପାଇଁ ବିଭିନ୍ନ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଜାରି ରହିଛି ଏବଂ ଜରୁରୀ ଔଷଧ ଉତ୍ପାଦନ ବୃଦ୍ଧି ପାଇଛି ବୋଲି ମୋଦି କହିଥିଲେ। ଦେଶରେ ନୂଆ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟ ସୃଷ୍ଟି ହୋଇଛି। ତେବେ ମହାମାରୀରେ ଅନେକେ ପ୍ରାଣ ହରାଇଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ।

## ସୁପ୍ରିମକୋର୍ଟଙ୍କ ସମୀକ୍ଷାରେ...

ଦୁଇ ପ୍ରକାର ମୂଲ୍ୟ ଏବଂ ସଂଗ୍ରହ ନୀତି ଯୋଗୁ ରାଜ୍ୟଗୁଡ଼ିକ ସିଧାସଳଖ ଘରୋଇ କମ୍ପାନୀଠାରୁ ଧାର୍ଯ୍ୟ ଦରରେ ଟିକା କିଣିବାକୁ ବାଧ୍ୟ ହେବେ। ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟଗୁଡ଼ିକର ସମାନ ସାମ୍ବିଧାନିକ ଆନୁଗତ୍ୟ ରହୁଥିଲାବେଳେ ଏହା ରାଜ୍ୟଗୁଡ଼ିକ ପ୍ରତି ପାତରଅନ୍ତର ବୋଲି ଅଦାଲତ ଅନୁଭବ କରିଥିଲେ। ସେହିପରି ସରକାରଙ୍କ ମାଗଣା ଟିକାକରଣ ଯୋଜନାରୁ ୧୮ରୁ ୪୪ ବର୍ଷ ବୟସ ବର୍ଗର ଲୋକଙ୍କୁ ବାଦ୍ ଦେବାକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଥିଲେ। କରୋନାର ଦ୍ୱିତୀୟ ଲହରରେ ଏହି ବୟସ ବର୍ଗର ଲୋକେ ଅଧିକ ସଂକ୍ରମିତ ହେଉଥିବାବେଳେ ସେମାନଙ୍କୁ ମାଗଣା ଟିକାକରଣରୁ ବାଦ୍ ଦିଆଯିବା ମନମାନି ଓ ଯୁକ୍ତିସଙ୍ଗତ ନୁହେଁ ବୋଲି କୋର୍ଟ ଦର୍ଶାଇଥିଲେ। ସୂଚନାଯୋଗ୍ୟ ଅଧିକାଂଶ ରାଜ୍ୟ ସରକାରଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଟିକା ନୀତିରେ ସଂଶୋଧନ ହେବା ନେଇ ସପ୍ତାହେ ପୂର୍ବରୁ କୌଣସି ସୂଚନା ନ ଥିଲା। ଏପରିକି ଟିକା ନୀତି ଠିକ୍‌ଠାକ୍ ଚାଲିଛି ବୋଲି ମେ' ୩୦ରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ। ମେ' ୩୧ରେ ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଟିକା କିଣାର ସବିଶେଷ ବିବରଣୀ ମାଗିବା ସହ ନୀତି ସମ୍ପର୍କିତ ସମସ୍ତ ଆନୁଷଙ୍ଗିକ କାଗଜାତ ଦାଖଲ କରିବାକୁ କହିଥିଲେ। ବଜେଟରେ ଟିକା ପାଇଁ ୩୫,୦୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ୧୮ରୁ ୪୪ ବର୍ଷ ବୟସର ଲୋକମାନଙ୍କୁ ମାଗଣା ଟିକା ଦେବାରେ ଏହି ଅର୍ଥ ଖର୍ଚ୍ଚ କରାଯାଇପାରିବ ନାହିଁ କାହିଁକି ତା'ର ଜବାବ ମାଗିଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୧ରେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ଅଧିକାର ସମେତ ଜୀବନଧାରଣ ଅଧିକାର ଦିଆଯାଇଛି। ସେଥିପାଇଁ କେନ୍ଦ୍ର ସରକାର ଟିକା ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ସହ ବୁଝାମଣା କରି ସମସ୍ତ ଟିକା କିଣି ରାଜ୍ୟଗୁଡ଼ିକୁ ଯୋଗାଇବା ଠିକ୍ ହେବ ବୋଲି ଖଣ୍ଡପୀଠ କହିଥିଲେ।

## ରଦ୍ଦ ହୋଇପାରେ...

ଟିକା ଯୋଗାଇ ଦେବେ ତେବେ ଟିକା କ୍ରୟ କରିବାର ଆବଶ୍ୟକତା ପଡ଼ି ନ ପାରେ। ଏଠାରେ ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ରୁ ୪୪ ବର୍ଷର ସମସ୍ତ ନାଗରିକଙ୍କୁ ମାଗଣାରେ ଟିକା ଦେବାକୁ ଘୋଷଣା କରିଥିଲେ। ଟିକା ଅଭାବ ଦୂର କରିବାକୁ ରାଜ୍ୟ ସରକାର ଗ୍ଲୋବାଲ ଇ-ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ଟେଣ୍ଡର ସଫଳ ହୋଇ ନ ଥିଲା। ଏଥିରେ କେତେକ ସଂଶୋଧନ କରିବା ପରେ ୨ଟି ସଂସ୍ଥା ବିଡ୍ ଦାଖଲ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଫାଇନାନ୍ସିଆଲ ବିଡ୍ ଆସନ୍ତା ୯ ତାରିଖରେ ଖୋଲାଯିବାର ଅଛି।

## ୩ ହଜାର ଟପିଲା...

ଏମାନଙ୍କ ମଧ୍ୟରେ କଟକ ଜିଲାରେ ସର୍ବାଧିକ ୬୪୦ ଜଣ ଥିବାବେଳେ ଯାଜପୁର ୫୬୩, ଖୋର୍ଦ୍ଧା ୪୯୫, ଅନୁଗୋଳ ୪୧୬, ପୁରୀ ୩୯୮, ମୟୂରଭଞ୍ଜ ୩୫୨, ସୁନ୍ଦରଗଡ଼ ୨୭୨, ଭଦ୍ରକ ୨୨୮ ଓ କେନ୍ଦ୍ରାପଡ଼ାରୁ ୨୨୭ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମଣ ଦୁଇ ଅଙ୍କ ବିଶିଷ୍ଟ ରହିଛି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୮,୧୯,୨୧୪ରେ ପହଞ୍ଚିଛି। ସେପଟେ ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଥିବାରୁ ଓ ଆରୋଗ୍ୟ ହାର ଅଧିକ ରହୁଥିବାରୁ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ଏବେମାତ୍ର ୧୧ଜିଲା ରେଡ୍ ଜୋନ୍‌ରେ ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୦,୯୧୪ଜଣ ସକ୍ରିୟ ରୋଗୀ ରହିଛନ୍ତି। ସେହିଭଳି ୧୧ଟି ଜିଲା ୟେଲୋ ଜୋନ୍‌ରେ ରହିଥିବାବେଳେ ୮ଜିଲା ଗ୍ରୀନ ଜୋନ୍‌ରେ ରହିଛି।

## ତେଲ ଦର ବୃଦ୍ଧି...

**ତୈଳ ଦର ଉପରେ କାହାର କେତେ ଭାଗ**

| ତୈଳ ମୂଲ୍ୟ ସୂଚୀ | ପେଟ୍ରୋଲ (ଲିଟର ପିଛା ଟଙ୍କାରେ) | ଡିଜେଲ (ଲିଟର ପିଛା ଟଙ୍କାରେ) |
|---|---|---|
| ମୂଳ ଦର | ୩୭ .୪୫ | ୪୦.୦୩ |
| କେନ୍ଦ୍ର ଟିକସ | ୩୨.୯୦ | ୩୧.୮୦ |
| ରାଜ୍ୟ ଟିକସ | ୨୨.୪୬ | ୨୦ .୦୭ |
| ଡିଲର କମିଶନ | ୩.୩୦ | ୨.୧୧ |
| ମୋଟ ତୈଳ ଦର | ୯୬.୧୧ | ୯୪.୦୧ |

୨୦୨୧ ଜୁନ ୭ରେ ବିପିସିଏଲ ପକ୍ଷରୁ ଦିଆଯାଇଥିବା ମୂଲ୍ୟ ସୂଚୀ

ସହ ୟୁପିଏର ଭୁଲ୍ ନୀତିକୁ ଦୋଷ ଦେଇ ଏହି ଘଟଣାରୁ ଖସିଯିବାକୁ ଚେଷ୍ଟା କରୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତ ବଜାର ଉପରେ ପଡୁଛି। ଏହାକୁ ନେଇ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ରାଜନୀତି ଜୋର ଧରିଛି। ବିରୋଧୀ ରାଜନୈତିକ ଦଳଗୁଡିକ କହିଛନ୍ତି , କରୋନା କାଳରେ ସରକାର ବିଭିନ୍ନ ଆଳ ଦେଖାଇ ତେଲ ଦର ବୃଦ୍ଧି କରି ଚାଲିଛନ୍ତି। ପେଟ୍ରୋଲ ଓ ଡିଜେଲକୁ କ'ଣ ପାଇଁ ଜିଏସ୍‌ଟି ପରିସରକୁ ଅଣାଯାଉ ନାହିଁ ଏବଂ ପ୍ରାୟ ୨୬୦% ଟିକସ ଏଥିରୁ ସଂଗ୍ରହ କରାଯାଉଛି ଯାହା ସାରା ବିଶ୍ୱରେ ସର୍ବାଧିକ ବୋଲି ବିରୋଧୀ କଂଗ୍ରେସ କହିଛି।

ଗୋଟିଏ ପଟରେ ତେଲ ଦର ବୃଦ୍ଧି ପାଉଥିବା ବେଳେ ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ସେହି ଅନୁସାରେ ବଢି ଚାଲିଛି। ବିଶେଷକରି ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପଡୁଛି। ଫଳରେ ପରିବହନ ବାବଦ ଖର୍ଚ୍ଚ ଓ ସରକାରଙ୍କ ନୂଆ ପରିବହନ ନୀତି ଏବଂ ଜିଏସ୍‌ଟି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଉଥିବା ଓଡ଼ିଶା ବ୍ୟବସାୟ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ଲଗାତର ୨ୟ ଦିନ ପାଇଁ ତୈଳ ଦର ବୃଦ୍ଧି ପାଇଛି। ଗତ ୭ ଦିନ ମଧ୍ୟରେ ୪ ଥର ଦର ପରିବର୍ତ୍ତନ ସହ ଦେଶର ୬ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ପେଟ୍ରୋଲ ୧୦୦ ଟଙ୍କା ଉପରେ ବିକ୍ରି ସହ ନୂତନ ରେକର୍ଡ ସୃଷ୍ଟି କରିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ୨୮ ପଇସା ଏବଂ ଡିଜେଲ୨୯ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୬.୦୫ ଟଙ୍କା ଏବଂ ଡିଜେଲ ୯୩.୯୫ ଟଙ୍କାରେ ବିକ୍ରି ହେଉଛି।

ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୮ ପଇସା ଏବଂ ଡିଜେଲ ୨୭ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୫.୩୧ ଟଙ୍କା ଏବଂ ଡିଜେଲ ୮୬.୨୨ ଟଙ୍କାରେ ପହଞ୍ଚିଛି। ସେହିପରି ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୯୬.୭୧ ଟଙ୍କା, ୯୫.୨୮ ଟଙ୍କା ଏବଂ ୧୦୧.୫୨ ଟଙ୍କାକୁ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୯୦.୯୨ ଟଙ୍କା, ୮୯.୦୭ ଟଙ୍କା ଏବଂ ୯୩.୫୮ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି। ଦେଶର ପ୍ରମୁଖ ରାଜ୍ୟ ଓଡ଼ିଶା, ମହାରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଏବଂ ଲଦାଖ ଭଳି କେନ୍ଦ୍ର ଶାସିତ ଅଞ୍ଚଳର କେତେକ ସହରରେ ପେଟ୍ରୋଲ ୧୦୦ ଟଙ୍କା ଟପିଯାଇଥିବା ବେଳେ ଡିଜେଲ ୧୦୦ ନିକଟବର୍ତ୍ତୀରେ ରହିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଉଚ୍ଚ ଥିବାରୁ ଭାରତ ବଜାରରେ ଏହାର ଦର ଅଧିକ ରହୁଛି। ତେଲର ମୂଳ ଦର ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ପରିମାଣ ଯୋଗୁ ଦର ବୃଦ୍ଧି ପାଉଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ତେଲ ଦର ଉପରେ ଟିକସ ହ୍ରାସ ସହ ତୈଳଦର ବୃଦ୍ଧିକୁ କିପରି ଭାବେ କମ୍ କରାଯାଇପାରିବ ସେ ନେଇ କେନ୍ଦ୍ର ସରକାର ବିସ୍ତୃତ ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ବିଜେଡି ସାଂଗଠନିକ ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା କହିଛନ୍ତି। ସେହିଭଳି ଗୋଟିଏ ପଟରେ ତେଲ ଦର ବୃଦ୍ଧି ପାଉଥିବା ବେଳେ ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ସେହି ଅନୁସାରେ ବଢି ଚାଲିଛି। ବିଶେଷକରି ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପଡୁଛି। ଫଳରେ ପରିବହନ ବାବଦ ଖର୍ଚ୍ଚ ଓ ସରକାରଙ୍କ ନୂଆ ପରିବହନ ନୀତି ଏବଂ ଜିଏସ୍‌ଟି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଉଥିବା ଓଡ଼ିଶା ବ୍ୟବସାୟ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି।

## ବଜାର ବନ୍ଦ...

ଔଷଧ କ୍ରୟ ପାଇଁ ସ୍ଥିର କରିଛି। କେବଳ ନିଗମ ନୁହେଁ, ସରକାରଙ୍କ ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ଉତ୍ପାଦିତ ଦ୍ରବ୍ୟ ରାଜ୍ୟ ଭିତରୁ କ୍ରୟ କରିବାକୁ ଅମଙ୍ଗ ହେଉଛନ୍ତି ବୋଲି ଏମ୍‌ଏସ୍‌ଏମ୍‌ଇ ସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷରେ ମେକ୍ ଇନ୍ ଓଡ଼ିଶାକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ପବ୍ଲିକ ପ୍ରୋକ୍ୟୁରମେଣ୍ଟ (ପ୍ରିଫରେନ୍ସ ଟୁ ମେକ୍ ଇନ୍ ଓଡ଼ିଶା) ଆଦେଶ-୨୦୨୦ ଚିଠା ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କିମ୍ବା ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ପାଦନ, ଉତ୍ପାଦିତ ଦ୍ରବ୍ୟର ବିକ୍ରି, କଞ୍ଚାମାଲ ଇତ୍ୟାଦି ବ୍ୟବସ୍ଥା କରାଯିବ। ଏହାଦ୍ୱାରା ବିଭିନ୍ନ ବଡ଼ ବଡ଼ କମ୍ପାନୀ ସ୍ଥାନୀୟ ଉଦ୍ୟୋଗୀଙ୍କ ସହ ମିଶି ଉତ୍ପାଦନ ଓ କ୍ରୟ କରିବେ। ଫଳରେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ବଢ଼ିବା ସହ ମୁଣ୍ଡପିଛା ଆୟ ମଧ୍ୟ ବୃଦ୍ଧି ହେବ। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବେ। ଏମ୍‌ଏସ୍‌ଏମ୍‌ଇରୁ ଉତ୍ପାଦିତ ସାମଗ୍ରୀକୁ ବିଭାଗଗୁଡ଼ିକ ନିଜର ବିଭିନ୍ନ କାର୍ଯ୍ୟାଳୟ ପାଇଁ ୫୦ ପ୍ରତିଶତ କ୍ରୟ କରିବେ। ଅନୁସୂଚିତ ଜାତି, ଜନଜାତି, ମହିଳା ଏବଂ ଭିନ୍ନକ୍ଷମ ଉଦ୍ୟୋଗୀଙ୍କଠାରୁ ଉତ୍ପାଦିତ ଦ୍ରବ୍ୟ କ୍ରୟ କରାଯିବା ସହ ସ୍ୱାବଲମ୍ବୀ କରିବା ଦିଗରେ ଏହି ନୀତି ସହାୟକ ବୋଲି ଦାବି କରାଯାଉଛି। ତେବେ ଆଶ୍ଚର୍ଯ୍ୟର କଥା ଯେ, ଏମ୍‌ଏସ୍‌ଏମ୍‌ଇ ସଂଘର ବାରମ୍ବାର ଦାବି ସତ୍ତ୍ୱେ ପ୍ରୋକ୍ୟୁରମେଣ୍ଟ ଚିଠା ଆଦେଶ-୨୦୨୦ ବର୍ଷେ ହେବ ଫାଇଲ ଭିତରେ ରହିଛି ବୋଲି କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ସଂଘ ମହାସଚିବ ସ୍ୱସ୍ତିକ ସ୍ୱାଇଁ କହିଛନ୍ତି। ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନ ନେଲେ ଲଘୁ ଉଦ୍ୟୋଗୀମାନେ ଘୋର ଆର୍ଥିକ ସଙ୍କଟ ଦେଇ ଗତିକରିବେ। ଏହି ଉଦ୍ୟୋଗ ରାଜ୍ୟରେ ଏକ ପ୍ରକାର ଭୁଶୁଡ଼ି ପଡ଼ିବ। ଯୁବ ଉଦ୍ୟୋଗୀମାନେ ଏନେଇ ଆଉ ଆଗ୍ରହ ଦେଖାଇବେ ନାହିଁ। ଲୋକଙ୍କୁ ଋଣ ଦେବା ଅପେକ୍ଷା କାମ ଦେବା ଦରକାର ବୋଲି ସ୍ୱାଇଁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସରକାରୀ ହିସାବ ଅନୁଯାୟୀ ୨୦୨୧ ଜୁନ୍ ସୁଦ୍ଧା ରାଜ୍ୟରେ ୫,୦୬,୦୧୨ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛି। ସେଥିରୁ ଗତ ୫ ବର୍ଷ ମଧ୍ୟରେ ୪୫,୫୮୦.୮୫ କୋଟି ଟଙ୍କାର ୧୫,୩୧୫ ଉଦ୍ୟୋଗ ବିଭିନ୍ନ କାରଣରୁ ବନ୍ଦ ହୋଇଛି। ଏଥିରେ କାର୍ଯ୍ୟରତ ୧,୨୯,୯୫୦ କର୍ମଚାରୀ ଜୀବିକା ହରାଇଛନ୍ତି । ୧୧ ପଛୁଆ ଜିଲାରେ ଏହି ସମୟରେ ମୋଟ ୩,୫୨,୦୦୫.୩୭ ଲକ୍ଷ ଟଙ୍କାର ୩,୧୩୩ ଶିଳ୍ପ ବନ୍ଦ ହୋଇଛି। ଏସବୁ ଶିଳ୍ପ ବନ୍ଦ ହେବା ଯୋଗୁ ୩,୪୪,୬୧୫ ଲୋକ ଜୀବିକା ହରାଇଛନ୍ତି। କରୋନା ସମୟରେ ପ୍ରାୟ ୫୦ ହଜାର ଉଦ୍ୟୋଗ ବନ୍ଦ ହୋଇଥିବା ବେସରକାରୀ ସୂତ୍ରରୁ ସୂଚନା ମିଳିଛି। ଲଘୁ ଉଦ୍ୟୋଗ ପ୍ରତି ଯଦି ସରକାରୀ ବାବୁମାନଙ୍କର ଉଦାସୀନ ମନୋଭାବ ଜାରି ରହିବ ତେବେ ରାଜ୍ୟରେ ସବୁଠାରୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଉଥିବା ଏହି କ୍ଷେତ୍ରର ଉଦ୍ୟୋଗୀମାନେ ତଳିତଳାନ୍ତ ହୋଇଯିବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେ ଚାହିଁଥାଉ ମୋତେ**
**ତୋଠଉଁ ସୁନ୍ଦର ମୋର ବିନୋଦିଆ**
**ଚାକର ରଖିବ ତତେ।**

ପତିବ୍ରତା ନାରୀ ପାଇଁ ତା'ର ସ୍ୱାମୀ ହିଁ ସର୍ବସ୍ୱ। ପତିଠାରୁ ସୁନ୍ଦର ଓ ଭଲ ବା ଗୁଣର ଆଉ କେହି ହୋଇନଥାନ୍ତି। ପର ନାରୀ ପ୍ରତି ଆସକ୍ତ ହୋଇପଡୁଥିବା ପୁରୁଷ ପ୍ରତି କଟୁ ମନ୍ତବ୍ୟ ଓ ଭର୍ତ୍ସନା ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣାକୁ କାଣୀ**
**ତା' ଘଟାଇଲେ ଚକରପାଣି।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଯାସ୍ କ୍ଷୟକ୍ଷତି ଯାଞ୍ଚ

## ବାଲେଶ୍ୱର, ଭଦ୍ରକରେ କେନ୍ଦ୍ରୀୟ ଟିମ୍

## ଆଜି ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଗସ୍ତ



ବାଲେଶ୍ୱର ସଦର ବ୍ଲକ ଅଧୀନ ସାର୍ଥା ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି କେନ୍ଦ୍ରୀୟ ଟିମ୍।

**ଭୁବନେଶ୍ୱର, ୭।୬ (ବ୍ୟୁରୋ)**

ବାତ୍ୟା 'ୟାସ୍' କ୍ଷୟକ୍ଷତି ଆକଳନ ଲାଗି ଆସିଥିବା ୭ଜଣିଆ କେନ୍ଦ୍ରୀୟ ଟିମ୍ ସୋମବାର ବାଲେଶ୍ୱର ଓ ଭଦ୍ରକ ଜିଲା ଗସ୍ତ କରିଛନ୍ତି। ୪ଜଣିଆ ଏକ ଟିମ୍ ବାଲେଶ୍ୱର ବାତ୍ୟା ପ୍ରଭାବିତ ଅଞ୍ଚଳ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଥିବା ବେଳେ ୩ ଜଣିଆ ଟିମ୍ ଭଦ୍ରକ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ମଙ୍ଗଳବାର ଏହି କେନ୍ଦ୍ରୀୟ ଟିମ୍ ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁନୀଲ କୁମାର ବର୍ଣ୍ଣୱାଲଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ବାଲେଶ୍ୱର ଜିଲା ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସଦର ବ୍ଲକ ଅଧୀନ ସାର୍ଥା ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଭାଙ୍ଗିଥିବା ନଦୀବନ୍ଧ, ରାସ୍ତା, ବିଦ୍ୟୁତ୍ ଖୁଣ୍ଟ, ବାସଗୃହ, ଚାଷଜମି ପରିଦର୍ଶନ ସହ ସ୍ଥାନୀୟ ବିପନ୍ନଙ୍କ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପରେ କଷାଫଳ, ଚାନ୍ଦିପୁର, ବଳରାମଗଡ଼ି ସହିତ ବାହାନଗା ବ୍ଲକ ଅଧୀନ ଅନନ୍ତପୁର, ସୋର ବ୍ଲକର କ୍ଷତିଗ୍ରସ୍ତ ବିଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତି ପରଖିଥିଲେ। ଏହି ଟିମ୍‌ରେ ବର୍ଣ୍ଣୱାଲଙ୍କ ସହ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉପସଚିବ କୈଳାସ କୁମାର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ପାୱାର) ଶିଶିର ପ୍ରଧାନ, ମତ୍ସ୍ୟ ବିଭାଗର ଟେକ୍ନିକାଲ ଆସିଷ୍ଟାଣ୍ଟ ଦିଗମ୍ବର ସ୍ୱାଇଁ ପ୍ରମୁଖ ଅଛନ୍ତି। ଟିମ୍ ସହ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭଦ୍ରକ ଜିଲା ଗସ୍ତରେ ଥିବା ୩ଜଣିଆ କେନ୍ଦ୍ରୀୟ ଟିମ୍ ଧାମରା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ନିର୍ଦ୍ଦେଶକ ବିପୁଲ କୁମାର ଶ୍ରୀବାସ୍ତବ, ବିତ୍ତ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ (ବ୍ୟୟ) ସୁରଜ କୁମାର ପ୍ରଧାନ ଓ ସଡ଼କ ପରିବହନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ମହାପାତ୍ର ଏହି ଟିମ୍‌ରେ ସାମିଲ ଥିଲେ। ଟିମ୍ ପ୍ରଥମେ ଧାମରା ବନ୍ଦର ଗେଟ୍ ସମ୍ମୁଖରେ ଥିବା ୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନର ମରାମତି କାର୍ଯ୍ୟ ତଦାରଖ କରିଥିଲେ। ପରେ ଦୋସିଙ୍ଗା ପଞ୍ଚାୟତର ଅମରନଗର, ସାବିତ୍ରୀ ସରାଇ ଓ ଜ୍ୟୋତ୍ସ୍ନାମୟୀନଗର ଗ୍ରାମର ବାତ୍ୟାରେ ଭାଙ୍ଗି ଯାଇଥିବା ଘରଗୁଡ଼ିକ ଦେଖିଥିଲେ। ଏହାପରେ ଧାମରା ବନ୍ଦର ସଭାଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲ। ଏଥିରେ ଜିଲାର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟରେ ୨୬୭ କୋଟି ୨ଲକ୍ଷ ୮୮ହଜାର ଜନସାଧାରଣଙ୍କ ସମ୍ପତ୍ତି, ୩ କୋଟି ୨୨ ଲକ୍ଷ ୧୦ ହଜାର ୭ ଶହ ଘର, ୧ କୋଟି ୧ ଲକ୍ଷ ୭୦ ହଜାର ୮୮୦ଟଙ୍କାର ଚାଷ ଓ ୯୫ ଲକ୍ଷ ୫୯ ହଜାର୨୨୬ ଟଙ୍କାର ମତ୍ସ୍ୟ କ୍ଷତି ଘଟିଛି ବୋଲି ଦର୍ଶାଯାଇଛି। ପରେ ଟିମ୍ ଧାମରାର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଅନୁଧ୍ୟାନ କରିଥିଲେ। ଏଥିସହ ବାଲିମୁଣ୍ଡା ପଞ୍ଚାୟତର ନନ୍ଦପାଟଣା, ବଡ଼ହାବେଳିସାହି, ବିଦେଇପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶ୍ରୀଚନ୍ଦ୍ର ହେତୁ ଅର୍ଥଲାଭ ସଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟ ଚିନ୍ତା କରିବେ। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** – ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ଅଟକି ରହିଯାଇଥିବାରୁ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ପୂର୍ବପରି କର୍ମକ୍ଷେତ୍ରରେ ଆଉ ସ୍ନେହ,ସଦିଚ୍ଛା ଓ ସମ୍ମାନର ଅଭାବ ମନରେ ବହୁତ କ୍ଷୋଭ ଆଣିବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ୟଥା ପରକ୍ଷଣରେ ବେଶି ଚିନ୍ତା କରିବାକୁ ପଡିବ।

**ମିଥୁନ** – ପାରିବାରିକ କ୍ଷେତ୍ରରେ ଟେନସନ୍ ଲାଗିରହିବ। ସବୁ କିଛି ବିଗିଡି ଯାଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜି କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧନରେ, ଲେଖାପଢାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ପରୋକ୍ଷ ଶତ୍ରୁତା ଆପଣଙ୍କ କାମକୁ ପ୍ରତ୍ୟେକ କ୍ଷେତ୍ରରେ ସଂକଟଜନକ ସ୍ଥିତିକୁ ନେବାରେ ମୁଖ୍ୟ ଭୂମିକା ସାଜିବ।

**କର୍କଟ** – ପରିସ୍ଥିତି ବିଶେଷ ଅନୁକୂଳ ନ ହେବା କାରଣରୁ ମାନସିକ ସ୍ତରରେ ସେତେଟା ଉତ୍ସାହିତ ହୋଇ ପାରିବେ ନାହିଁ। କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** – ଅନ୍ୟମାନଙ୍କୁ ବୁଝାଇ ଶୁଝାଇ କାମ ହାସଲ ପାଇଁ ଚେଷ୍ଟା କଲେ ହୁଏତ କେତେକାଂଶରେ ଉପକୃତ ହୋଇପାରିବେ। ଅବଶ୍ୟ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରା କାଳରେ ମିତ୍ରତା ସୃଷ୍ଟି କରିପାରନ୍ତି।

**କନ୍ୟା** – କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜି କାମ ସମ୍ପନ୍ନ କରିବେ। ଲୋଭନୀୟ ପ୍ରତିଶ୍ରୁତି କିମ୍ବା ସାହାଯ୍ୟ କରିବା କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ତୁଳା** – ସାହାଯ୍ୟ, ସହଯୋଗ ନ ପାଇଲେ ମଧ୍ୟ ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମନା କରିପାରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ମଧ୍ୟ ହୋଇଯିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢି ଯାଇପାରେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବିଛା** – ଆଜିର କାମ ଠିକ୍ ଠିକ୍ ହୋଇଯିବ। ତରବରିଆ ନିଷ୍ପତ୍ତି ଠିକ୍ ହେବ ନାହିଁ। ବନ୍ଧୁଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ସାମୟିକ ଭାବରେ ପାସୋରି ଦେଇ ପାରନ୍ତି। ମାଙ୍ଗଳିକ, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟ, ସତ୍‌ସଙ୍ଗରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। ଦୀର୍ଘ ଦିନର ପରିକଳ୍ପିତ ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ।

**ଧନୁ** – ଆପଣଙ୍କର କୌଣସି କାମ ଅଟକିବ ନାହିଁ କିମ୍ବା ଯିଏ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରି ପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସୀ ରହିବେ। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ଆଜିର ଦୂରଯାତ୍ରା, ବନ୍ଧୁ ମିଳନଜନିତ ଆନନ୍ଦ ଅନୁଭବ କରିବେ।

**ମକର** – ବନ୍ଧୁମାନଙ୍କ ସହଯୋଗ କ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କୁମ୍ଭ** – ନିଜର ଲୋକଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁଁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମୀନ** – ଯାହାକୁ ବିଶ୍ୱାସ କରି କିଛି ଗୋପନୀୟ କଥା କହିବେ ସେହି ବ୍ୟକ୍ତି ହିଁ ସବୁ ସମସ୍ୟା ସୃଷ୍ଟି କରିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁଁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଅବଶ୍ୟ ବ୍ୟୟ ଭାର କ୍ରମଶଃ କମି ଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଓ ଉପବାସ ଓ ବେଢା ପରିକ୍ରମା, ଜୁନ୍ ୮ ତାରିଖ, ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୧୨.୨୨ମି. ଗତେ ବୃଷ ଚନ୍ଦ୍ର, ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ଦିବା ଘ.୦୫.୧୦ମି. ଗତେ ଘ.୦୭.୪୮ମି. ମଧ୍ୟେ, ଘ.୦୯.୩୪ମି. ଗତେ ଘ.୧୨.୧୨ମି. ମଧ୍ୟେ, ଘ.୦୩.୪୨ମି. ଗତେ ଘ.୦୪.୩୫ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୦ମି. ଗତେ ଘ.୦୩.୪୨ମି. ମଧ୍ୟେ, ଘ.୦୪.୩୫ମି. ଗତେ ଘ.୦୫.୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୦୩ମି. ଗତେ ଘ.୦୪.୪୨ମି. ମଧ୍ୟେ ରାହୁ କାଳ।


**classifieds** Everyday 0674-2580101, 2549302

real estate

**SALE**

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952. D-70849

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

healthcare

Monalisa massage club: All types body massage with hiprofile smart lady rooms service available 9708545108. D-20849

business

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

**AFFIDAVIT**

Affidavit before Executive Magistrate, Dhenkanal, I Jasobanta Rout, Village/PO-Siminai, Dist-Dhenkanal have changed my daughter's name from Khyanaprava Rout to Shreya Shivangi Rout for LIC policy-598971019 and all purposes. D-70324

Affidavit before Executive Magistrate, Dhenkanal I Sanghamitra Nath, W/o. Late Ajaya Kumar Biswal, At/PO-Mahapada, Dist-Dhenkanal changed my son's name from Sumit Biswal to Abhisek Biswal for LIC policy-589993280 and all purposes. D-70325

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଜୁନ୍, ୨୦୨୧



## ବାତ୍ୟା ବିପନ୍ନଙ୍କୁ ସହାୟତା

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ବାତ୍ୟା 'ୟାସ୍' ପ୍ରଭାବରେ ବାଲେଶ୍ୱର ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ଏହି ସମୟରେ ରାଜଧାନୀ ଉପକଣ୍ଠ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ ବାତ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ବାଲେଶ୍ୱର ଜିଲା ବାହାନଗା ବ୍ଲକର ଆରୁହାବାଡ଼ ଓ ସୋରର ଖଡିରାପଡ଼ା ତଳନଗରରେ ୫ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଅରୁଣ ପୁରୋହିତ, ବୃନ୍ଦାବନ ସାହୁ, ପ୍ରକାଶ ସ୍ୱାଇଁ, କ୍ରିଷ୍ଣା ବିଶ୍ୱାଳ, ପ୍ରଶାନ୍ତ ମିଶ୍ର, ବସନ୍ତ ମହାରଣା ପ୍ରମୁଖ ବଣ୍ଟନ ବେଳେ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ବଢୁଛି ସୁସ୍ଥ ହାର, ପୁଣି ୪ ମୃତ

ଭୁବନେଶ୍ୱର,୭।୬(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଗୋଟିଏ ଦିନରେ ୧୨୯୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ୪୨୪ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫୫ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ହୋଇଥିବାବେଳେ ୩୬୯ଜଣ ସ୍ଥାନୀୟ ସଂକ୍ରମିତ। ପଟିଆରୁ ୧୭ଜଣ ଚିହ୍ନଟ ହୋଇଥିବାବେଳେ ନୀଳାଦ୍ରି ବିହାରରୁ ୧୪ଜଣ, ପାତ୍ରପଡାରୁ ୧୦, ପୋଖରୀପୁଟରୁ ୭, ପୁରୁଣା ଭୁବନେଶ୍ୱରରୁ ୧୨, ସୁନ୍ଦରପଦାରୁ ୮, ୟୁନିଟ୍-୮ରୁ ୧୦, ୟୁନିଟ-୬ରୁ ୭, ଲକ୍ଷ୍ମୀସାଗରରୁ ୮, ଭିଏସ୍ଏସ୍ ନଗରରୁ ୧୦, ରସୁଲଗଡରୁ ୬, ନୟାପଲ୍ଲୀରୁ ୧୪, ମଞ୍ଚେଶ୍ୱରରୁ ୬, ଟଙ୍କପାଣିରୋଡରୁ ୪, ଶହୀଦ ନଗରରୁ ୬, ବିଜେବି ନଗରରୁ ୯, ଡୁମୁଡୁମାରୁ ୧୨, ଜାଗମରାରୁ ୫, ଜୟଦେବ ବିହାରରୁ ୮, ଝାରପଡାରୁ ୧୫, ଖଣ୍ଡଗିରିରୁ ୭, ବଡଗଡରୁ ୮, ଚନ୍ଦ୍ରଶେଖରପୁରରୁ ୧୦, କଳିଙ୍ଗ ବିହାରରୁ ୬, ଡମଣାରୁ ୫, ଜିଜିପି କଲୋନୀରୁ ୭, କାନନ ବିହାରରୁ ୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜଧାନୀରେ ମୋଟ ୮୦, ୯୦୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୭୨, ୬୦୮ଜଣ ସୁସ୍ଥ ହୋଇ ସାରିଥିବାବେଳେ ୩୫୮ଜଣଙ୍କର ମୃତ୍ୟୁ ହୋଇଛି। ଏବେ ୭, ୯୨୨ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ୧୦ରେ ସଙ୍ଗୀତ ସୁଧାକର ବାଳକୃଷ୍ଣଙ୍କ ଜୟନ୍ତୀ

ଭୁବନେଶ୍ୱର, ୭।୬ (ବ୍ୟୁରୋ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ୍‌ର ୨୮ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ସୁଧାକରଙ୍କ ୯୮ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ତାରିଖରେ ଭର୍ଚୁଆଲରେ ଅନୁଷ୍ଠିତ ହେବ। ସନ୍ଧ୍ୟା ସାଢ଼େ ୬ଟାରେ ୟୁଟ୍ୟୁବ୍ ଏବଂ ଫେସ୍‌ବୁକ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ। ଶିଳ୍ପୀମାନେ ବାଳକୃଷ୍ଣ ଦାଶଙ୍କ ସଙ୍ଗୀତ ପରିବେଷଣ କରିବେ ବୋଲି ଫାଉଣ୍ଡେଶନ୍‌ର ଆବାହକ ତଥା ତାଙ୍କ ପୁତ୍ର ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

## ରାତାରାତି ପୋତିଦେଲେ ପୋଖରୀ

ବାରଙ୍ଗ, ୭।୬(ଡି.ଏନ୍.ଏ.): ଶଟ୍‌ଡାଉନର ସୁଯୋଗ ନେଇ ରାତାରାତି ପୋତିଦେଲେ ଏକ ପୋଖରୀ। ପୋଖରୀର କିସମ ଥିଲା ଜଳାଶୟ। ତେବେ କୌଣସି ପ୍ରଶାସନିକ ଅଧିକାରୀମାନଙ୍କ ବିନା ଅନୁମତିରେ ଏହାକୁ ପୋତିବାର ନିୟମ ନ ଥିବାବେଳେ ରବିବାର ରାତିରେ ଜଳାଶୟ ପୋତାଯାଇଥିବାର ସୋମବାର ଦେଖିବାକୁ ମିଳିଛି। ଏହି ଘଟଣା ବାରଙ୍ଗ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୨କିମି ଦୂର ପାଟପୁର ଛକରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କୁହ୍ନେଇପଡା ପଞ୍ଚାୟତର ପାଟପୁର ଛକ ନିକଟରେ ଏକ ପୋଖରୀ ଦୀର୍ଘଦିନ ଧରି ରହିଥିଲା। ଏହି ଜାଗାର କିସମ ଜଳାଶୟ-୨ ରହିଥିଲା। ଏହି ପୋଖରୀ ନିକଟରେ ବିଭିନ୍ନ ଜମି ରହିଛି। ତେବେ ରବିବାର ବିଳମ୍ବିତ ରାତିରେ ଶହ ଶହ ବାଲି ଓ ମୋରମ ପକାଇ ଜଳାଶୟକୁ ପୋତି ଦିଆଯାଇଛି। ସୋମବାର ସକାଳେ ପୋଖରୀକୁ ପୋତାଯାଇଥିବା ସ୍ଥାନୀୟ ଲୋକେ ଦେଖି ପ୍ରଶାସନକୁ ଜଣାଇଥିଲେ। ଏ ନେଇ ବାରଙ୍ଗ ତହସିଲଦାର ସଙ୍କଳ୍ପ ସ୍ୱସ୍ତିକ ସାହୁ କହିଛନ୍ତି, ପୋଖରୀ ପୋତାଯିବା ନେଇ ତହସିଲ କିମ୍ବା ଆର୍‌ଆଇ ପାଖରେ କୌଣସି ଖବର ନାହିଁ। ଏ ବିଷୟରେ ତଦନ୍ତ କରିବାକୁ ଆର୍‌ଆଇକୁ କହିଛି ବୋଲି ସେ କହିଛନ୍ତି।

## ଜନଔଷଧି ବିକ୍ରେତାଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

ଭୁବନେଶ୍ୱର, ୭।୬(ବ୍ୟୁରୋ): ଜନ ଔଷଧି ବିକ୍ରେତା ଓ ସହାୟକଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଉ। ଏନେଇ ଅଲ୍ ଓଡ଼ିଶା ଜନ ଔଷଧି ପ୍ରୋପାଇଟର୍ସ ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ନୀତି ଆୟୋଗ, କେନ୍ଦ୍ର ଫାର୍ମାସିୟୁଟିକାଲ୍ ସଚିବ ଏବଂ ବିପିପିଆଇର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ କରୋନା କାଳରେ ବିଭିନ୍ନ କର୍ମ ସଂସ୍ଥାନ ବନ୍ଦ ହେବା ଯୋଗୁ ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଛି। ଜନ ଔଷଧି କେନ୍ଦ୍ର ପକ୍ଷରୁ କମ୍ ମୂଲ୍ୟରେ ଜୀବନ ରକ୍ଷାକାରୀ ଔଷଧ ଯୋଗାଇବା ସହ ଡାକ୍ତର, ନର୍ସଙ୍କ ପରି ଜନ ଔଷଧି କେନ୍ଦ୍ରଗୁଡ଼ିକର ମାଲିକ ତଥା କର୍ମଚାରୀମାନେ ରୋଗୀ ତଥା ସମ୍ପର୍କୀୟଙ୍କ ସଂସ୍ପର୍ଶରେ ଆସି କରୋନା ଆକ୍ରାନ୍ତ ହେଉଛନ୍ତି। ତେଣୁ କରୋନା ଯୋଦ୍ଧା ଘୋଷଣା ନେଇ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସଭାପତି ପ୍ରଦୀପ କୁମାର ସିହ୍ନା ଏବଂ ସମ୍ପାଦକ ସଞ୍ଜୟ ମହାନ୍ତି ଜଣାଇଛନ୍ତି।

# ଦ୍ୱିତୀୟ ଡୋଜ୍ ପାଇଁ ହିତାଧିକାରୀ ହଟହଟା

### ୧୮ରୁ ୪୪ ଟିକାକରଣ

- ଖୋଲିଲାନି ସବୁ ଟିକାକେନ୍ଦ୍ର, ନିରାଶରେ ଫେରିଲେ
- ବଞ୍ଚିତ ହିତାଧିକାରୀ ନିକଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକା ନେଇ ପାରିବେ

ଭୁବନେଶ୍ୱର, ୭।୬ (ବ୍ୟୁରୋ)

ଟିକା ଅଭାବର ବିକଳ୍ପ ପନ୍ଥା ବାହାର କରାଯିବା ପରେ ୧୮ରୁ ୪୪ ବର୍ଷୀୟ ହିତାଧିକାରୀଙ୍କ ପାଇଁ ସୋମବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ଡୋଜ୍ ନେଇ ସାରିଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ଟିକାକରଣ କରାଯାଉଛି। ଯାତ୍ରୀ ନିବାସ ଓ ତେରାପନ୍ଥ ଭବନ ବ୍ୟତୀତ ବାକି ହିତାଧିକାରୀମାନେ ଯେଉଁଠାରେ ପ୍ରଥମ ଡୋଜ୍ ଟିକା ନେଇଥିଲେ ଦ୍ୱିତୀୟ ଡୋଜ୍ ମଧ୍ୟ ସେହିଠାରେ ନେବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ଆରମ୍ଭରୁ ବହୁ ଅବ୍ୟବସ୍ଥା ନଜରକୁ ଆସିଥିଲା। କେବଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ବୁଦ୍ଧେଶ୍ୱରୀ କମ୍ୟୁନିଟି ସେଣ୍ଟର ଓ ୟୁନିଟ-୧ ବାଳିକା ଉଚ୍ଚ ବିଦ୍ୟାଳୟ ଟିକା କେନ୍ଦ୍ରକୁ ଛାଡିଦେଲେ ଅନ୍ୟ କୌଣସି ସ୍ଥାନରେ ଟିକାକରଣ କରାଯାଉ ନ ଥିବା ଦେଖାଯାଇଥିଲା। ବିଏମ୍‌ସି ନିର୍ଦ୍ଧାରଣ କରିଥିବା ବହୁ ଟିକାକରଣ କେନ୍ଦ୍ର ବନ୍ଦ ରହିଥିଲା। ଫଳରେ ଲୋକେ ନିରାଶରେ ଫେରିବା ସହ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ବିଏମ୍‌ସିର ୬୭ ୱାର୍ଡର ୧୯ କମ୍ୟୁନିଟି ସେଣ୍ଟର, ୧୪ କଲ୍ୟାଣ ମଣ୍ଡପ ଓ ୩ ଜୋନ୍ ଅଫିସ୍‌କୁ ମିଶାଇ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ସ୍ୱତନ୍ତ୍ର ଟିକାକରଣ କରାଯାଇଥିଲା। ଏପରି କି କେତେକ ୱାର୍ଡ ଅଫିସ୍ ଓ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରି ଗତ ମେ ୩ରୁ ୧୮ରୁ ୪୪ ବର୍ଗଙ୍କୁ ଟିକାକରଣ କରାଯାଇଥିଲା। ଦ୍ୱିତୀୟ ଡୋଜ୍ ଟିକା ପାଇବା ପାଇଁ ଏବେ ହିତାଧିକାରୀମାନେ ଅପେକ୍ଷା କରି ରହିଥିବାବେଳେ ସୋମବାରଠାରୁ ଟିକାକରଣ ଆରମ୍ଭ ହେବ ବୋଲି ରବିବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ଏଥିସହ ଯେଉଁମାନେ ମେ' ୩ କିମ୍ବା ତା' ପୂର୍ବରୁ ଓ ମେ ୪ରେ ପ୍ରଥମ ଡୋଜ୍ ନେଇଥିବା ହିତାଧିକାରୀ ସିଧାସଳଖ ଉକ୍ତ ଟିକାଦାନ କେନ୍ଦ୍ରରୁ ଦ୍ୱିତୀୟ ଡୋଜ୍ ନେଇପାରିବେ। ତେଣୁ ହିତାଧିକାରୀମାନେ ଟିକା ନେବା ପାଇଁ ନିର୍ଦ୍ଧାରିତ ସମୟରେ ସମ୍ପୃକ୍ତ ସ୍ଥାନକୁ ଯାଇଥିଲେ। ମାତ୍ର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି କେନ୍ଦ୍ରରେ ଟିକାକରଣ ହେଉ ନ ଥିବା ଦେଖିବାକୁ ପାଇଥିଲେ। ଟିକା ନେଇ ନ ପାରିବାରୁ ସେସବୁ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶହୀଦ ନଗର, ଝାରପଡା, ଲକ୍ଷ୍ମୀସାଗର, ପୁରୁଣା ଭୁବନେଶ୍ୱର, ରେଣ୍ଟାଲ କଲୋନୀ, ବରମୁଣ୍ଡା, ୟୁନିଟ୍-୮, ପୋଖରୀପୁଟ ଆଦି ସ୍ଥାନରେ ଟିକା ନ ପାଇ ଲୋକେ ନିରାଶ ହେବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏ ସମ୍ପର୍କରେ ବିଏମ୍‌ସିର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି, ସମସ୍ତ ଟିକାକେନ୍ଦ୍ରରେ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଉଛି। ତେବେ କିଛିଟା କେନ୍ଦ୍ରରେ ଟିକାକରଣ କରାଯାଇ ପାରିନାହିଁ। ଯେଉଁ ସ୍ଥାନରେ ଏଭଳି ପରିସ୍ଥିତି ଉପୁଜିଛି ସେଠାରେ ସମ୍ପୃକ୍ତ ହିତାଧିକାରୀ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପ୍ରଥମ ଡୋଜ୍ ଟିକାର ସାର୍ଟିଫିକେଟ ଦେଖାଇ ଦ୍ୱିତୀୟ ଡୋଜ୍ ଟିକା ନେଇ ପାରିବେ।



ୟୁନିଟ୍-୪ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଯୁବତୀଙ୍କୁ ଟିକା ଦିଆଯାଉଛି।

### ସବୁ ଟିକାକେନ୍ଦ୍ର ଖୋଲାଯାଉ

ବିଏମ୍‌ସିର ଦ୍ୱିତୀୟ ଡୋଜ୍ ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ହେଲେ ବିନା ସ୍ଲଟ୍‌ରେ ଟିକା ନେଇଥିବା ହିତାଧିକାରୀମାନେ କିପରି ଦ୍ୱିତୀୟ ଡୋଜ୍ ପାଇପାରିବେ ସେନେଇ ବିଏମ୍‌ସି କର୍ତ୍ତୃପକ୍ଷ ଚିନ୍ତା କରନ୍ତୁ। ବିଶେଷକରି ବସ୍ତି ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ଟିକାଦାନ କେନ୍ଦ୍ରକୁ ଖୋଲାଯାଉ। ଫଳରେ ୬୭ ୱାର୍ଡରେ ବସବାସ କରୁଥିବା ପ୍ରାୟ ୬ବସ୍ତିର ବାସିନ୍ଦା ଉପକୃତ ହେବେ ବୋଲି ବସ୍ତି ମହାସଂଘ ସଭାପତି ଅଞ୍ଜନ ନାଥ କହିଛନ୍ତି।

### ଶଯ୍ୟାଶାୟୀ ବ୍ୟକ୍ତିଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, ୭।୬(ବ୍ୟୁରୋ)

ରାଜଧାନୀରେ ବାସ କରୁଥିବା ଶଯ୍ୟାଶାୟୀ ତଥା ଚଳପ୍ରଚଳ କରି ପାରୁ ନ ଥିବା ବ୍ୟକ୍ତିଙ୍କ ଟିକାକରଣ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବର୍ଗର ହିତାଧିକାରୀମାନେ ୧୯୨୯କୁ ଫୋନ୍ କରି ନିଜର ନାମ ପଞ୍ଜୀକରଣ କରି ପାରିବେ। କେଉଁ ଅଞ୍ଚଳରୁ କେତେ ହିତାଧିକାରୀ ପଞ୍ଜୀକରଣ କରୁଛନ୍ତି, ତାହା ଦେଖିବା ପରେ କେଉଁ ସ୍ଥାନରେ ଓ କିପରି ଟିକାକରଣ କରାଯିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ବିଏମ୍‌ସି ସୂଚନା ଦେଇଛି।

# ୱାର୍ଡମେମ୍ବରଙ୍କ ଘର ଉପରେ ବୋମାମାଡ଼


ବୋମା ମାଡ଼ରେ ଭାଙ୍ଗିଯାଇଥିବା ଘର ଝରକା।

- ୨ ଝରକା, ଫ୍ରିଜ ଭାଙ୍ଗିଯାଇଛି
- ଥାନାରେ ଜଣେ ଅଟକ

ସାଲେପୁର, ୭।୬(ଡି.ଏନ୍.ଏ.)

ସାଲେପୁର ଥାନା ଅଧୀନ ବାରିଗୋଳ ଗ୍ରାମର ୱାର୍ଡମେମ୍ବରଙ୍କ ଘର ଉପରେ ରବିବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଏଥିରେ ମୋକିମ୍ ଖାଁଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଶାଶୁ ଆହତ ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଘର ଉପରେ ୨ଟି ବୋମାମାଡ଼ କରିଛନ୍ତି। ଫଳରେ ଘରର ୨ଟି ଝରକା ଓ ଫ୍ରିଜ ଭାଙ୍ଗି ରୁଜିଯାଇଛି। ଏନେଇ ଖାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଲିଥିବା କାର୍ଯ୍ୟକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୨୦/୨୧) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା ନିର୍ମାଣ କାମ ଚାଲିଛି। ଏହାର ଦାୟିତ୍ୱ ମୋକିମ୍‌ଙ୍କୁ ଦିଆଯାଇଛି। ନିର୍ମାଣାଧୀନ ରାସ୍ତା ପାର୍ଶ୍ୱରେ ଥିବା ଜମିକୁ ନେଇ ଗ୍ରାମର ମିର୍ଜା ଇଜରା ବେଗ୍‌ଙ୍କ ସହ ତାଙ୍କର ବଚସା ହୋଇଥିଲା। ମୋକିମଙ୍କୁ ଇଜରାଙ୍କ ପୁଅ ବାଡ଼େଇବାକୁ ଶନିବାର ଧମକ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ମିର୍ଜା ଇଜରାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି।

## ୨ ସାଇବର ଠକ ଗିରଫ : ୬୪ ହଜାର ଜବତ

କଟକ ଅଫିସ, ୭।୬

ବାଦାମବାଡି ଥାନା ପୋଲିସ ୨ ଜଣ ସାଇବର ଠକଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ପୁରୀ ସତ୍ୟବାଦୀ ଥାନା ଅଧୀନ ହିରଣପଡା ଅଞ୍ଚଳର ସୁପ୍ରଭାତ ମହାପାତ୍ର ଓ ତାଙ୍କ ସହଯୋଗୀ ତ୍ରିଲୋଜିତ୍ ବେଉରା। ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ବାଦାମବାଡି ଥାନା ଅନ୍ତର୍ଗତ ମହତାବ ରୋଡ ଅଞ୍ଚଳର ଛଗେନ୍ଦ୍ର ବୋକାରିଆଙ୍କ ନିକଟକୁ ଏକ ଫୋନ୍ କଲ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ଝାଞ୍ଜିରିମଙ୍ଗଳା ଏସ୍‌ବିଆଇ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ। ଛଗେନ୍ଦ୍ରଙ୍କ ଏଲଆଇସି ପଲିସିରୁ ଲକ୍ଷେ ଟଙ୍କାର ପ୍ରିମିୟମ ଚେକ୍ ଆସିଥିବା ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ କହିଥିଲେ। ଛଗେନ୍ଦ୍ର ଠିକ୍ ଭାବେ ବୁଝି ନ ପାରିବାରୁ ମୋବାଇଲ ଫୋନ୍ ତାଙ୍କ ବୋହୂଙ୍କୁ ଦେଇଥିଲେ। ଫୋନ୍ କରିଥିବା ବ୍ୟକ୍ତି ତାଙ୍କ ବୋହୂଙ୍କୁ ବିଶ୍ୱାସ ଜନ୍ମାଇବା ସହ ଫୋନ୍ ପେ ଆପ୍ ଅନ୍ କରିବାକୁ କହିଥିଲେ। ସେଥିରେ ସେମାନେ ଏକ ମେସେଜ୍ ପଠାଇବା ବାହାନାରେ ଓଟିପି ହାସଲ କରିନେଇ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ଠକି ନେଇଥିଲେ। ଏ ନେଇ ଛଗେନ୍ଦ୍ର ଗତ ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସୁପ୍ରଭାତ ଏହି ଫୋନ୍ କଲ କରିଥିବାବେଳେ ତ୍ରିଲୋଜିତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ତାଙ୍କ ନିକଟରୁ ୬୪ ହଜାର ଟଙ୍କା ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ସୁପ୍ରଭାତ ଗତ ୬ମାସ ମଧ୍ୟରେ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


ସୋମବାର ଅପରାହ୍ଣରେ ବର୍ଷା ଓ ବଜ୍ରପାତ ସହ ପ୍ରବଳ ବେଗରେ ପବନ ବୋହିବାରୁ ଭୁବନେଶ୍ୱର ରାଜମହଲ ଛକ ନିକଟରେ ଏକ ଗଛ ଡ଼ାଳ ଭାଙ୍ଗି ପଡିଛି।

## ଆଚାର୍ଯ୍ୟ ବିକାଶ ପ୍ରଶିକ୍ଷଣ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ଶିକ୍ଷା ବିକାଶ ସମିତି ପକ୍ଷରୁ ସାମୂହିକ ଆଚାର୍ଯ୍ୟ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ଅଧ୍ୟକ୍ଷ ଡ. କିଶୋରଚନ୍ଦ୍ର ମହାନ୍ତି ଯୋଗଦେଇ କହିଲେ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟମାନେ ଆସନ୍ତା ପିଢ଼ିର ଯୁବକ ନିର୍ମାଣର ସଂକଳ୍ପ ନେଇଛନ୍ତି। ସପ୍ତାହବ୍ୟାପୀ ଚାଲିଥିବା ପ୍ରଶିକ୍ଷଣରେ ନୂତନ ଶିକ୍ଷାନୀତି, ଇ-କଣ୍ଟେଟ, ଶୈକ୍ଷିକ ବିକାଶ ଓ ବୈଚାରିକ ଅଧିଷ୍ଠାନ ଉପରେ ଗୁରୁମା ଗୁରୁଜୀମାନେ ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାଭାରତୀର ସହ ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ।

INSTITUTE OF MATHEMATICS AND APPLICATIONS
Andharua, Bhubaneswar-751029
(Established by the Govt. of Odisha)
Under Science & Technology Department
Ref: No. IMA/42-Admission/322 /2021 Date: 07/06/2021

ADMISSION NOTICE FOR THE ACADEMIC YEAR 2021-22

No. CAD-406

The Institute of Mathematics and Applications (IMA) is a premier institute well known for its unique teaching, research and training activities. The vision of IMA is to generate, disseminate, and preserve knowledge in mathematical science and related discipline and to use this knowledge for promoting welfare of the people. The aim of the institute is to strive for excellence and spread the culture of mathematical competence at all levels of the society. Its serene environment and beautiful campus atmosphere provide perfect setting for a professionally rewarding educational experience. The students are nurtured by competent teachers and the progress of the institute is monitored by a body of renowned academicians. After completing the course, the students get themselves absorbed in reputed R&D institutions, foreign Universities and Multi-National Companies. IMA conducts its own entrance test to intake students into the following courses offered by the institute.

1. Undergraduate Course (Three Years Duration):
   - B.Sc.(Hons.) in Mathematics and Computing, Intake: 30 (Thirty)
     Eligibility: A candidate seeking admission to this programme should have passed Higher Secondary Examination or equivalent examination with Mathematics and English as subjects.
2. Postgraduate Courses (Two Years Duration):
   - M.A./M.Sc. in Computational Finance, Intake: 30 (Thirty)
   - M.A./M.Sc. in Mathematics with Data Science, Intake: 30 (Thirty)
     Eligibility: A candidate seeking admission to these programmes should have passed Bachelor's Degree with Mathematics/Statistics as honours/pass subject.

The detailed procedure of application, fees, centers of entrance test etc. are available in the IMA website link https://www.iomaorissa.ac.in/admissions

sd/
DIRECTOR

OIPR-28006/11/0001/2122

# ଭୁବନେଶ୍ୱରରେ ବାଣିଜ୍ୟିକ କୋର୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଭୁବନେଶ୍ୱରଠାରେ ନୂତନ ବାଣିଜ୍ୟିକ କୋର୍ଟ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସୋମବାର ଭିଡିଓ କନଫରେନ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜଣେ ସିନିୟର ସିଭିଲ ଜଜ୍ କୋର୍ଟର ମୁଖ୍ୟ ଭାବେ କାର୍ଯ୍ୟ କରିବ। ଏଠାରେ ବାଣିଜ୍ୟିକ କୋର୍ଟ ନିୟମ-୨୦୧୫ ଅଧୀନ ସମସ୍ତ ପ୍ରକାର ବାଣିଜ୍ୟିକ ବିବାଦଗୁଡିକର ସମାଧାନ ହେବ। ଏହି ପରିପ୍ରେକ୍ଷୀରେ ୨୦୧୮ରୁ ଭୁବନେଶ୍ୱର ଜିଲା ଦୌରାଜଜ୍‌ଙ୍କ ନିକଟରେ ପଡିରହିଥିବା ୨୪ ବାଣିଜ୍ୟିକ ମାମଲାର ସମାଧାନ ପାଇଁ ନୂତନ ବାଣିଜ୍ୟିକ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଡ.ଏସ୍.କେ. ମିଶ୍ର, ବାଣିଜ୍ୟିକ କୋର୍ଟର ସିନିୟର ସିଭିଲ ଜଜ୍ ଅଭିଜିତ ପୁରୋହିତ, ଭୁବନେଶ୍ୱର ଜିଲା ଦୌରାଜଜ୍ ଶ୍ୟାମସୁନ୍ଦର ଦାସ, ଭୁବନେଶ୍ୱର ଓକିଲ ସଂଘର ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ ବଡପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।



କୋର୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

### ଖୋଲିଲା ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟ

ଅନ୍ୟପକ୍ଷରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଚାଲିଥିବାବେଳେ ସଂକ୍ରମଣ ଏଡ଼ାଇବାକୁ ବନ୍ଦ ରହିଥିବା ଭୁବନେଶ୍ୱର କୋର୍ଟ ବା ଖୋର୍ଦ୍ଧା ଜିଲା ଦୌରାଜଜ କୋର୍ଟ ସୋମବାରଠାରୁ ଖୋଲିଛି। କୋଭିଡ୍ ନିୟମ ପାଳନ କରି ସମସ୍ତ ଜୁଡିସିଆଲ ଓ କ୍ୱାସି ଜୁଡିସିଆଲ କୋର୍ଟ କାର୍ଯ୍ୟ କରିବ। ଏଥିପାଇଁ ସ୍ୱତନ୍ତ୍ର କଟକଣା ଜାରି କରାଯାଇଛି। କୋର୍ଟରେ ବେଲ୍, ରିମାଣ୍ଡ, ପ୍ରଡ଼କ୍ସନ କାମ ସ୍ୱାଭାବିକ ହେବ। ସେହିପରି ସିଭିଲ କୋର୍ଟରେ ସିଭିଲ ସୁଟ୍ ମଧ୍ୟ ହୋଇପାରିବ। କୌଣସି ମାମଲାରେ ଉଭୟ ପକ୍ଷ ଉପସ୍ଥିତ ରହିଲେ କୋର୍ଟ ତାହା ଉପରେ ଶୁଣାଣି କରିପାରିବେ।

# ସବ୍ୟସାଚୀଙ୍କ ପାଇଁ ବଞ୍ଚିଲା ୨ ଜୀବନ

### କୋରାପୁଟରୁ ଭୁବନେଶ୍ୱରକୁ ଆସିଲେ ମହିଳା

ଭୁବନେଶ୍ୱର, ୭।୬(ବ୍ୟୁରୋ)

କରୋନା ସମୟରେ ଅସହାୟଙ୍କୁ ସାହାଯ୍ୟ କରି ସମସ୍ତଙ୍କ ଆଦର୍ଶ ପାଲଟିଥିବା ଅଭିନେତା ସବ୍ୟସାଚୀ ମିଶ୍ର ଦେବଦୂତ ସାଜି ପୁଣି ଆଉ ୨ ଜୀବନ ବଞ୍ଚାଇଛନ୍ତି। କରୋନା ସଂକ୍ରମିତ ୭ ମାସର ଗର୍ଭବତୀଙ୍କୁ କୋରାପୁଟରୁ ଭୁବନେଶ୍ୱରର ଆମ୍ରି ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ବର୍ତ୍ତମାନ ଉଭୟ ମହିଳା ଓ ଶିଶୁର ଅବସ୍ଥା ସ୍ଥିର ଥିବା ଜଣାପଡିଛି। ସୂଚନାଯୋଗ୍ୟ, କୋରାପୁଟର ବିଶ୍ୱ କଲ୍ୟାଣୀ ସାମଲ ଗର୍ଭବତୀ ଅବସ୍ଥାରେ ପଜିଟିଭ୍ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଦେଖାଦେବାରୁ ତାଙ୍କୁ କୋରାପୁଟର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଆହୁରି ଖରାପ ହେବା ସହ ଅକ୍ସିଜେନ ମାତ୍ରା କମିବାରେ ଲାଗିଥିଲା। ଏ ନେଇ କଲ୍ୟାଣୀଙ୍କ ସମ୍ପର୍କୀୟ ସବ୍ୟସାଚୀଙ୍କୁ ଟୁଇଟ୍ କରି ସହଯୋଗ ଲୋଡ଼ିଥିଲେ। ଏହାପରେ ସବ୍ୟସାଚୀ କୋରାପୁଟ ଜିଲା ପ୍ରଶାସନକୁ ଅବଗତ କରାଇବା ପରେ ତାଙ୍କ ପାଇଁ ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ଯୋଗାଡ଼ କରାଯାଇଥିଲା। ସବ୍ୟସାଚୀଙ୍କ ଅନୁଷ୍ଠାନ 'ସ୍ମାଇଲ୍ ପ୍ଲିଜ୍'ର ଭଲ୍ୟୁଣ୍ଟର ବାସୁଦେବଙ୍କ ସହାୟତାରେ ରବିବାର ରାତିରେ ତାଙ୍କୁ ଭୁବନେଶ୍ୱର ଅଣାଯାଇଥିଲା। ବାଟ ସାରା ଡା. ଅମ୍ରିତ ପାଟଜୋଷୀ, ଡା. ଦେବାଶିଷ ରାୟ ଓ ଡା. ଶୁଭେନ୍ଦୁ ମିଶ୍ର ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ। ସୋମବାର ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଆମ୍ରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଠାରେ ଡା. ଶରତ ଚନ୍ଦ୍ର ବେହେରା, ଡା. ହରପ୍ରିତ୍ କୌର ଓ ଡା. ଓମ୍ ପ୍ରତୀକ ସାହୁ ତାଙ୍କର ଚିକିତ୍ସା କରୁଛନ୍ତି। ଏ ନେଇ ସବ୍ୟସାଚୀ କୋରାପୁଟ ଜିଲାପାଳଙ୍କ ସମେତ ସମସ୍ତ ଡାକ୍ତରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ମା' ଓ ଶିଶୁଙ୍କ ଆରୋଗ୍ୟ କାମନା କରିଛନ୍ତି।

ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର
ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଏନ୍‌ବିବି_ବିବିଏସ୍_ଇଏଲ୍_ଓଟି_୨୧_୨୨_ଏଚ୍‌ଟି ତାରିଖ: ୦୨।୦୬।୨୦୨୧

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-I, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର, ଆନେକ୍ସ ବିଲ୍‌ଡିଂ, ରେଳବିହାର, ସି.ଏସ୍.ପୁର, ଭୁବନେଶ୍ୱର ୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍ http://ireps.gov.in/ ମାଧ୍ୟମରେ ଇ ବିଡ୍ ଆମନ୍ତ୍ରଣ କରାଯାଉଛି।
କାର୍ଯ୍ୟର ନାମ: ଜିଆର୍.୩୪୮ର ଆର୍‌ଇ କାର୍ଯ୍ୟ ସଂକ୍ରାନ୍ତରେ ପୂର୍ବତଟ ରେଳପଥଙ୍କ ଅଧୀନରେ ଖୋର୍ଦ୍ଧା ଡିଭିଜନର ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ଷ୍ଟେଶନ ମଧ୍ୟରେ ୟୁଜି କେବୁଲ୍ ଦ୍ୱାରା ୩୩ କେଭି (୦୧ ଗୋଟି) ଏବଂ ୧୧ କେଭି (୦୧ ଗୋଟି) ଏଚ୍‌ଟି ପାୱାର୍ ଲାଇନ କ୍ରସିଂର ସଂଶୋଧନ।

| ଅଟକଳ ମୂଲ୍ୟ | ଇ.ଏମ୍.ଡି. | ଟେଣ୍ଡର କାଗଜପତ୍ର ମୂଲ୍ୟ |
|---|---|---|
| ₹ ୫୯,୨୪,୯୦୯.୭୯ | ଶୂନ୍ୟ | ₹ ୫୦୦୦/- |
| ବିଡିଂ ଆରମ୍ଭ ତାରିଖ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ |
| ୨୩।୦୬।୨୦୨୧ | ୦୬ (ଛଅ) ମାସ | ୦୭।୦୭।୨୦୨୧, ୧୨.୦୦ ଘଟିକା |

ବିଡ୍ ଅମାନତ ଘୋଷଣାନାମା ବଦଳରେ ଛାଡ଼ ହୋଇଥିବା ଇଏମ୍‌ଡି, ଯାହା ଅଫର୍ ସହିତ ଅପ୍‌ଲୋଡ୍ ହେଇଛି, ସନ୍ଦର୍ଭ: ଟେଣ୍ଡର ବୁକ୍ ପାରା ୧.୧.୫, ଯାହା ବିନା ଅଫର୍ ବିଧିବଦ୍ଧ ଭାବେ ନାକଚ ହୋଇଯିବ।
ଏହି ଇ-ଟେଣ୍ଡର ପାଇଁ ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ପଠାଯାଇଥିବା କୌଣସି ମାନୁଆଲ୍ ଅଫରକୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟରହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ୍ୟ। ଏପରି ସମସ୍ତ ଅଫରଗୁଡ଼ିକୁ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ।
ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://ireps.gov.in/ରେ ଉପଲବ୍ଧ। ବିଡର୍‌ମାନଙ୍କ ନିକଟରେ କ୍ଲାସ୍-iii ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ। ସମସ୍ତ ସମ୍ପର୍କିତ କାଗଜପତ୍ର ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବା ଏବଂ ଉପରୋକ୍ତ ଇ-ଟେଣ୍ଡର ପାଇଁ ଇ-ବିଡିଂ ନିମନ୍ତେ ନିର୍ଦ୍ଦେଶାବଳୀର ଅନୁସରଣ କରାଯିବା ଜରୁରୀ ଅଟେ।
ଏହି ଟେଣ୍ଡର ପାଇଁ କୌଣସି ସଂଶୋଧନ/ଶୁଦ୍ଧିପତ୍ର ସମ୍ପର୍କିତ ସୂଚନା ନିମନ୍ତେ ଟେଣ୍ଡର ସମାପ୍ତି ତାରିଖରୁ ସାତ ଦିନ ପୂର୍ବରୁ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-I, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା

# ରାନ୍‌ସମ୍‌ୱେର ଯୁଗ

ଗୁଗଲ୍, ଆମାଜନ ଓ ଫେସ୍‌ବୁକ୍ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍‌ଏନ୍‌ସି) ସମଗ୍ର ବିଶ୍ୱରେ ବେପାର କରୁଛନ୍ତି। କିନ୍ତୁ ହାତଗଣତି ଦେଶରେ ଟିକସ ଦେଉଛନ୍ତି। ହେଲେ ଆଗକୁ ସେମାନଙ୍କୁ ବିଶ୍ୱ ସର୍ବନିମ୍ନ କର୍ପୋରେଟ୍ ଟିକସ ଭାବେ ୧୫ ପ୍ରତିଶତ ପଇଠ କରିବାକୁ ପଡ଼ିବ। ୫ ଜୁନ୍‌ରେ ଲଣ୍ଡନଠାରେ ଅନୁଷ୍ଠିତ ଜି-୭ ରାଷ୍ଟ୍ରଗୁଡ଼ିକର ଅର୍ଥମନ୍ତ୍ରୀଙ୍କ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସର୍ବନିମ୍ନ କର୍ପୋରେଟ୍ ଟିକସ ଉପରେ ଆସନ୍ତା ମାସରେ ରାଜିନାମା ସ୍ୱାକ୍ଷରିତ ହେବ ବୋଲି ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ନିଷ୍ପତ୍ତି ଜି-୭ ବୈଠକରେ ନିଆଯାଇଛି, କିନ୍ତୁ ଏଥିପ୍ରତି ଅନ୍ୟ ଦେଶଗୁଡ଼ିକ ପକ୍ଷରୁ ତୀବ୍ର ବିରୋଧ ପ୍ରକାଶ ପାଇବାକୁ ଆରମ୍ଭ କଲାଣି। ତେବେ ବ୍ରିଟେନ୍ ଅର୍ଥମନ୍ତ୍ରୀ ଋଷି ସୁନକ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଉପରେ ମଧ୍ୟ ଆଲୋଚନା ହୋଇଛି ଯେ, ଏମ୍‌ଏନ୍‌ସିଗୁଡ଼ିକୁ ଆକୃଷ୍ଟ କରିବା ଲାଗି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯେଉଁ କମ୍ ଟିକସ ଲୋଭ ଦେଖାଯାଉଥିଲା ତାହା ବନ୍ଦ ହୋଇଯିବ। ଉଲ୍ଲେଖଯୋଗ୍ୟ ଯେ, ଏହି ଜି-୭ ବର୍ଗରେ ବ୍ରିଟେନ୍ ସହିତ ଥିବା ଅନ୍ୟ ବିକଶିତ ଦେଶଗୁଡ଼ିକ ହେଉଛନ୍ତି-ଆମେରିକା, କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ।

ସାଧାରଣତଃ ସୂଚନା ଓ ପ୍ରଯୁକ୍ତି ସହ ସମ୍ପୃକ୍ତ ଅନେକ ଏମ୍‌ଏନ୍‌ସିର ସ୍ଥାୟୀ ଭିତ୍ତିଭୂମି କୌଣସି ଦେଶରେ ନ ଥିଲେ ମଧ୍ୟ ସେଠାକାର ବଜାରରୁ ବିପୁଳ ଅର୍ଥ ରୋଜଗାର କରିପାରୁଛନ୍ତି। ପାଣ୍ଡେମିକ୍ ସମୟରେ ସେମାନଙ୍କ ଲାଭ ବହୁଗୁଣିତ ହୋଇଯାଇଛି। ହେଲେ ଅଧିକାଂଶ କମ୍ପାନୀ ନିର୍ଦ୍ଦିଷ୍ଟ ଦେଶର ନାଗରିକଙ୍କ ଦ୍ୱାରା ଲାଭବାନ ହେଉଥିଲେ ମଧ୍ୟ ସେହି ରାଷ୍ଟ୍ରକୁ କିଛି ଟିକସ ଦେଉନାହାନ୍ତି। କେତେକ ଅତି ଚାଲାକ କରି ବୌଦ୍ଧିକ ସମ୍ପତ୍ତି ଆଳ ଦେଖାଇ ସହାୟକ କମ୍ପାନୀ ଜରିଆରେ ଟିକସ ସୁବିଧା ନେବାରେ ସକ୍ଷମ ହେଉଛନ୍ତି। ସର୍ବନିମ୍ନ ଟିକସ ବ୍ୟବସ୍ଥା ଲାଗୁ ହୋଇଗଲେ ଯେଉଁ ରାଷ୍ଟ୍ରରେ ଏମ୍‌ଏନ୍‌ସିଗୁଡ଼ିକ କାର୍ଯ୍ୟ କରୁଛନ୍ତି ସେହି ଦେଶକୁ ଟିକସ ଦେବାକୁ ବାଧ୍ୟ ହେବେ।

ଏହି ପରିପ୍ରେକ୍ଷୀରେ ଭାରତ କଥା ଦେଖିଲେ, ଘରୋଇ କର୍ପୋରେଟ୍ ସଂସ୍ଥାଗୁଡ଼ିକ ବିଭିନ୍ନ ଆଳ ଦେଖାଇ ଟିକସ ଫାଙ୍କିବାରେ ଲାଗିଛନ୍ତି। ଏଭଳି କାରବାରରେ ରାଜନେତା ଓ ଅମଲାତନ୍ତ୍ରୀଙ୍କ ଭୂମିକା ରହିଥାଏ। ଏମ୍‌ଏନ୍‌ସିଗୁଡ଼ିକ ସହ ସଲାସୁତରା କରି ଏହି ବର୍ଗ ନିଜ ପକେଟ ପାଇଁ ଅର୍ଥ ରଖିଦେଲା ପରେ ଦେଶର ଆର୍ଥିକ ସ୍ଥିତି ଯୁଆଡ଼େ ଯାଉ ପଛେ ଚିନ୍ତା କରୁନାହାନ୍ତି। ଅନୁରୂପ ଭାବେ ରାଜ୍ୟଗୁଡ଼ିକ କ୍ଷେତ୍ରରେ ଦେଖିଲେ ଏମ୍‌ଏନ୍‌ସି ହେଉ ବା ଦେଶର ବୃହତ୍ କମ୍ପାନୀକୁ ନିଜ ଅଞ୍ଚଳରେ ସ୍ଥାପନ କରିବା ଲାଗି ଗୋଟେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ଭଳି ମନେହେଉଛି। କେଉଁ ରାଜ୍ୟ କେତେ ଶିଳ୍ପ ସଂସ୍ଥାକୁ ଡାକି କେଡ଼େ ଆକାରରେ ପୁଞ୍ଜି ବିନିଯୋଗ କରିପାରିଛି ତାହାକୁ ନେଇ ଜୋରଦାର ପ୍ରଚାର କରାଯାଉଛି। କେହି ପ୍ରଶ୍ନ କରୁନାହାନ୍ତି ଯେ, ପ୍ରତିବର୍ଷ ନିର୍ଦ୍ଦିଷ୍ଟ ରାଜ୍ୟରେ ହେଉଥିବା ବିପୁଳ ପୁଞ୍ଜି ନିବେଶର ସୁଫଳ ସେଠାକାର ଜନସାଧାରଣଙ୍କୁ ମିଳୁନାହିଁ କାହିଁକି। ନିଯୁକ୍ତି ସୁଯୋଗ ପାଇବାରୁ ଯୁବତୀଯୁବକ ବଞ୍ଚିତ ହେବା ବିଷୟକୁ ତର୍ଜମା କରାଯାଉନାହିଁ। ଏହାର ପ୍ରମୁଖ କାରଣ ହେଉଛି ଆଜିକାଲି ବୃହତ୍ କର୍ପୋରେଟ୍ ସଂସ୍ଥା ଅଧିକ ମାନବ ସମ୍ବଳକୁ ବ୍ୟବହାର ନ କରି ସୂଚନା ପ୍ରଯୁକ୍ତି ସମ୍ବନ୍ଧୀୟ ସେବା (ଆଇଟିଇଏସ୍)କୁ ଉପଯୋଗ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ମୂଲ୍ୟବାନ ଜମି, ପ୍ରାକୃତିକ ସମ୍ବଳ ଆଦି ସମ୍ପୃକ୍ତ କମ୍ପାନୀ ହାତରେ ସଅଁପି ଦେଇ ନେତୃତ୍ୱ ନେଉଥିବା ବର୍ଗ ଶ୍ରେୟ ନେଉଛନ୍ତି। ବିଶେଷକରି ଭାରତବର୍ଷର ଅନେକ ଯୁବତୀଯୁବକଙ୍କ ମଧ୍ୟରେ ନିଯୁକ୍ତି ଯୋଗ୍ୟତାର ଅଭାବ ଥିବା ହେତୁ ରୋଜଗାରକ୍ଷମ ହେବା ସମ୍ଭବପର ହେଉନାହିଁ। ଭାରତ ତୁଳନାରେ ଭିଏତ୍‌ନାମ କିମ୍ବା ଫିଲିପାଇନ୍ସ ଭଳି ଦେଶରେ ଆଇଟିଇଏସ୍‌ରେ ଦକ୍ଷତା ଅଧିକ ରହୁଥିବାରୁ ବିଶ୍ୱସ୍ତରୀୟ ପୁଞ୍ଜି ନିବେଶରେ ସେହି ଦେଶଗୁଡ଼ିକ ଆଗୁଆ ହୋଇଗଲେଣି। ଏବେ ସମଗ୍ର ପୃଥିବୀରେ ବ୍ୟବସାୟ ଓ ଶିଳ୍ପର ମୌଳିକ ଢାଞ୍ଚାରେ ବିରାଟକାୟ ପରିବର୍ତ୍ତନ ଘଟିବାକୁ ଆରମ୍ଭ କଲାଣି। ପୂର୍ବରୁ ଯୁକ୍ତି ବଢ଼ାଯାଉଥିଲା ଯେ ସରକାର କୌଣସି ବ୍ୟବସାୟରେ ସମ୍ପୃକ୍ତ ରହିବା ଉଚିତ ନୁହେଁ। ଯେତେବେଳେ ପାଲଟା ପ୍ରଶ୍ନ ଭାବେ ପଚରାଯାଉଥିଲା ଯେ, ସରକାର ଆଦାୟ କରୁଥିବା ଟିକସର କେଉଁ ପ୍ରକାର ସଦୁପଯୋଗ କରାଯିବା ଉଚିତ ତାହାର ଉତ୍ତର ଭାବେ କୁହାଯାଉଥିଲା, ସରକାର କେବଳ ଭିତ୍ତିଭୂମି ପ୍ରସ୍ତୁତ କରିବା କଥା। ଅନେକ ଦେଶରେ ଦେଖାଯାଇଛି ଯେ, ଏହିଭଳି ଭିତ୍ତିଭୂମି କରଦାତାଙ୍କ ଅର୍ଥରେ ଗଢ଼ାଯାଇ ଘରୋଇ ବ୍ୟବସାୟୀମାନଙ୍କୁ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରିଦିଆଯାଉଥିଲା। ଏବେ ସମଗ୍ର ପୃଥିବୀରେ ସେହି ଚିନ୍ତାଧାରାକୁ ନେଇ ଆଲୋଚନା କରାଯାଉଛି। ଆଇଟିଇଏସ୍‌ର ସୁବିଧାରେ ପ୍ରକୃତ ଭିତ୍ତିଭୂମିର ଆବଶ୍ୟକତା ଗୌଣ ହୋଇପଡ଼ିବ। ସେହି ସମୟକୁ ଅପେକ୍ଷା କରି ବସିଥିବା ଏମ୍‌ଏନ୍‌ସି ବୁଝିଗଲେଣି ଯେ, ସେମାନଙ୍କ ସମୟ ଆସିଗଲାଣି। ସେମାନଙ୍କ ସେବା ଉପରେ ସାରା ପୃଥିବୀ ନିର୍ଭରଶୀଳ ହୋଇପଡ଼ିଲାଣି। ଅପରାଧୀ ମଧ୍ୟ ନିଜର ଦକ୍ଷତାକୁ ବୃଦ୍ଧି କରାଇ ରାନ୍‌ସମ୍‌ୱେର୍ ପ୍ରସ୍ତୁତି କରିବାରେ ଲାଗିପଡ଼ିଲେଣି। ଯେତେବେଳେ ଅର୍ଥର ରୂପ କ୍ରିପ୍‌ଟୋକରେନ୍ସିଠାରୁ ଆଗେଇ ଯାଉଛି, ସେତେବେଳେ ଭାରତକୁ ମଧ୍ୟ ନିଜର ପୁରୁଣା ବ୍ୟବସାୟିକ ଢାଞ୍ଚାରେ ପରିବର୍ତ୍ତନ ଆଣିବା ଜରୁରୀ ହୋଇପଡ଼ିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୬

- ଚେକ୍ ଗଣରାଜ୍ୟର ରାଷ୍ଟ୍ରପତି ଭାକ୍ଲାଭ୍ ହାଭେଲ ଦେଶର ପ୍ରଧାନମନ୍ତ୍ରୀ ଭାକ୍ଲାବ କ୍ଲାଉସଙ୍କୁ ନୂତନ ସରକାର ଗଠନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।
- ଶ୍ରୀଲଙ୍କାର ଉତ୍ତର-ପୂର୍ବ ଭାଗରେ ଏଲ୍‌ଟିଟିଇ ଗେରିଲାମାନେ ପୋଲିସ ପାଟ୍ରୋଲ ଦଳ ଉପରେ ଆକ୍ରମଣ କରିବା ଫଳରେ ୧୧ ପୋଲିସ ନିହତ।
- ବିଶିଷ୍ଟ ଆଇନଜୀବୀ ରାମ୍ ଜେଠ୍‌ମାଲାନୀଙ୍କ ଦ୍ୱାରା ଦାୟର କରାଯାଇଥିବା ମାନହାନୀ ମକଦ୍ଦମାରୁ ବିବାଦୀୟ ତାନ୍ତ୍ରିକ ଚନ୍ଦ୍ରସ୍ୱାମୀ ମୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 6 | | | | 5 | | | 1 |
| | 9 | | 6 | | | | | |
| | | | | 4 | | | | |
| | | | | | | | 2 | |
| 1 | | | | | | 8 | 3 | 4 |
| 6 | 8 | 7 | | | | | | |
| | | | | | | | 5 | 9 |
| | 4 | | 8 | | 3 | | | |
| 5 | | | 2 | | | 3 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 4 | 1 | 8 | 7 | 3 | 9 | 6 |
| 8 | 1 | 6 | 5 | 9 | 3 | 7 | 2 | 4 |
| 3 | 9 | 7 | 6 | 2 | 4 | 5 | 8 | 1 |
| 2 | 6 | 5 | 4 | 7 | 8 | 9 | 1 | 3 |
| 7 | 4 | 3 | 9 | 5 | 1 | 2 | 6 | 8 |
| 1 | 8 | 9 | 2 | 3 | 6 | 4 | 7 | 5 |
| 6 | 7 | 2 | 8 | 4 | 5 | 1 | 3 | 9 |
| 9 | 5 | 1 | 3 | 6 | 2 | 8 | 4 | 7 |
| 4 | 3 | 8 | 7 | 1 | 9 | 6 | 5 | 2 |

ଗତକାଲିର ଉତ୍ତର

# ଏଲୋପାଥି ଉପରେ ଆକ୍ରମଣର ନିହିତାର୍ଥ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଆଧୁନିକ ଚିକିତ୍ସା ବିଜ୍ଞାନ ବା ଏଲୋପାଥି ଉପରେ ଯୋଗଗୁରୁ ରାମଦେବଙ୍କ ଦାୟିତ୍ୱହୀନ ମନ୍ତବ୍ୟକୁ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ନିଜର ଏକ ଯୋଗ ଶିବିରରେ ରାମଦେବ ଏଲୋପାଥିକୁ ଏକ ତମାସା, ଫାଲ୍‌ତୁ ଓ ଦେବାଳିଆ ବିଜ୍ଞାନ କହି ବର୍ତ୍ତମାନ କରୋନାରେ ଯେତିକି ମରୁନାହାନ୍ତି, ତା'ଠାରୁ ଢେର ଅଧିକ ଏଲୋପାଥି ଚିକିତ୍ସା ଯୋଗୁ ପ୍ରାଣ ହରାଇଛନ୍ତି ବୋଲି କହିଛନ୍ତି। ଅନ୍ୟ ଏକ ଭିଡିଓରେ ସେ ଡାକ୍ତରମାନଙ୍କୁ ବିଦ୍ରୂପ କରି ଡାକ୍ତର..ଟର୍...ଟର୍...ଟର୍.. ବୋଲି କହିବା ସହ କରୋନା ଟିକାର ଉଭୟ ଡୋଜ୍ ନେଇସାରିବା ପରେ ବି ଏଯାଏଁ ଦଶ ହଜାର ଡାକ୍ତର ମରିଛନ୍ତି ବୋଲି କହିଛନ୍ତି। ଅତ୍ୟନ୍ତ ସମ୍ବେଦନହୀନ ମନେ ହେଉଥିବା ଏହି ବକ୍ତବ୍ୟ ତଥ୍ୟାତ୍ମକ ଦୃଷ୍ଟିରୁ ବି ଏକଦମ୍ ଭୁଲ। କାରଣ କୋଭିଡ୍‌ର ଗତ ଲହରରେ ଯେଉଁ ଆଠଶହରୁ ଊର୍ଦ୍ଧ୍ୱ ଡାକ୍ତର ମରିଛନ୍ତି, ସେତେବେଳେ ଟିକାର ଉଦ୍ଭାବନ ହିଁ ହୋଇ ନ ଥିଲା। ଏପରିକି ଚଳିତ ଲହରରେ ଯେଉଁ ପାଞ୍ଚଶହରୁ ଅଧିକ ଡାକ୍ତର ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଟିକାର ଦ୍ୱିତୀୟ ଡୋଜ୍ ବି ନେଇନାହାନ୍ତି। ବରଂ ଏପରି ମିଥ୍ୟା ଓ ସମ୍ବେଦନହୀନ ବକ୍ତବ୍ୟ ଦେଇ ସେ କୋଭିଡ୍ ବିରୋଧୀ ସଂଗ୍ରାମରେ ନିଜର ଜୀବନ ଦେଇଥିବା ଦେଶର ସହସ୍ରାଧିକ ଡାକ୍ତର ଓ ତାଙ୍କର ପରିବାରବର୍ଗଙ୍କୁ ଅପମାନିତ କରିଛନ୍ତି। ମହାମାରୀ ସମୟରେ ଆଧୁନିକ ଚିକିତ୍ସା ପଦ୍ଧତି ଉପରେ ରାମଦେବଙ୍କ ଏଭଳି ବକ୍ତବ୍ୟ ନିଜର ଜୀବନକୁ ବାଜି ଲଗାଇ ଲମ୍ବା ସମୟ ଧରି କୋଭିଡ୍ ରୋଗୀଙ୍କ ସେବାରେ ନିୟୋଜିତ ଥିବା ଦେଶର ଲକ୍ଷ ଲକ୍ଷ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଏକ ଆକ୍ରମଣ।

କୋଭିଡ୍ ନେଇ ରାମଦେବଙ୍କ ଅବୈଜ୍ଞାନିକ ଚିନ୍ତାର ଏହା ପ୍ରଥମ ଉଦାହରଣ ନୁହେଁ। ଗତବର୍ଷ ସେ ନାକରେ ସୋରିଷ ତେଲ ଲଗାଇଦେଲେ କୋଭିଡ୍ ଭୂତାଣୁ ତା'ର ସଂସ୍ପର୍ଶରେ ଆସିଲେ ମରିଯିବେ ବୋଲି ଏକ ଭିତ୍ତିହୀନ ଦାବି କରିଥିଲେ। ସାରା ବିଶ୍ୱର ବୈଜ୍ଞାନିକ କୋଭିଡ୍ ଭୂତାଣୁ ସମ୍ପର୍କରେ ଜାଣିବାକୁ ଗବେଷଣା ଚଳାଇଥିବା ବେଳେ ରାମଦେବ ଏହାର ୧୦୦% ଉପଚାର କରୁଛି କହି ବିନା ସରକାରୀ ଅନୁମତିରେ 'କରୋନିଲ' ନାମକ ଏକ ଔଷଧକୁ ଘୋଷଣା କରିଥିଲେ। କିଛି ଦିନ ତଳେ ସାରା ଦେଶରେ ଅକ୍ସିଜେନ୍ ପାଇଁ ହାହାକାର ପଡ଼ିଥିଲା ବେଳେ ସେ ଶ୍ୱାସ କଷ୍ଟ ଲାଗି ପ୍ରାଣ ବିକଳରେ ଅକ୍ସିଜେନ୍ ସିଲିଣ୍ଡର ଖୋଜୁଥିବା କୋଭିଡ୍ ସଂକ୍ରମିତମାନଙ୍କୁ ପରିହାସ କରି, ଭଗବାନ୍ ଆମ ଦୁଇ ନାକପୁଡ଼ାରେ ଦୁଇଟି ସିଲିଣ୍ଡର ଦେଇଥିବା ବେଳେ ଏହି ବୋକାମାନେ ଅଯଥାରେ ଅକ୍ସିଜେନ୍ ଖୋଜୁଛନ୍ତି ବୋଲି କହିଥିଲେ। ଦେଶରେ ହସ୍ପିଟାଲ ବେଡ୍, ଅକ୍ସିଜେନ୍, ଔଷଧ ଏବଂ ଶ୍ମଶାନରେ ଜାଗାର ଅଭାବ ନେଇ ଅଭିଯୋଗ କରିବାକୁ ଲୋକେ ନକାରାତ୍ମକତାର ପ୍ରସାର କରୁଛନ୍ତି ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠେ, ଅକ୍ସିଜେନ୍ ଅଭାବରୁ ପ୍ରାଣ ହରାଇଥିବା ବ୍ୟକ୍ତି ଓ ତାଙ୍କ ପରିଜନମାନଙ୍କୁ ଏଭଳି କଟାକ୍ଷ କରି ସେ କେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି? ଅସଲ କଥା ହେଲା, ଦେଶରେ କୋଭିଡ୍ ସଂକ୍ରମଣ ଯୋଗୁ ଆଜି ହସ୍ପିଟାଲଠାରୁ ଆରମ୍ଭ କରି ଶ୍ମଶାନ ଘାଟ ପର୍ଯ୍ୟନ୍ତ ଯେଉଁ ଅଭୂତପୂର୍ବ ସଙ୍କଟ ଦେଖାଯାଇଛି, ସେଥିରେ କେନ୍ଦ୍ର ସରକାରଙ୍କ ବିଫଳତାଟି ସମ୍ପୂର୍ଣ୍ଣ ଭାବେ ଉଜାଗର ହୋଇଯାଇଛି ଏବଂ ରାମଦେବଙ୍କ ବୟାନ ତାକୁ ଘୋଡ଼େଇବାକୁ ଉଦ୍ଦିଷ୍ଟ।

ତେବେ ଏଲୋପାଥି ଓ ତା'ର ଚିକିତ୍ସକମାନଙ୍କ ବିରୋଧରେ ରାମଦେବଙ୍କ ଏଭଳି ଅପପ୍ରଚାର ଓ ବିଷୋଦ୍‌ଗାର ସହ ଆୟୁର୍ବେଦର କୌଣସି ସମ୍ପର୍କ ନାହିଁ। ସେ ନିଜର ବ୍ୟବସାୟ ଓ ରାଜନୀତିର ସ୍ୱାର୍ଥରେ ଏଲୋପାଥି ଉପରେ ଆକ୍ରମଣ କରୁଥିବା ବେଳେ ନିଜର ଭୁଲ ବୟାନରୁ ରକ୍ଷା ପାଇବା ପାଇଁ ଆୟୁର୍ବେଦକୁ ଢାଲ ରୂପେ ବ୍ୟବହାର କରିଛନ୍ତି। ତାଙ୍କର ନା ଏଲୋପାଥି ଉପରେ କୌଣସି ଧାରଣା ରହିଛି ନା ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ସେ କୌଣସି ବିଧିବଦ୍ଧ ଅଧ୍ୟୟନ ବା ଡିଗ୍ରୀ ହାସଲ କରିଛନ୍ତି। ସେ ମୂଳତଃ ଜଣେ ଯୋଗ ଶିକ୍ଷକ ଏବଂ ଯୋଗ ପ୍ରଚାର ଜରିଆରେ ସୃଷ୍ଟି ହୋଇଥିବା ନିଜର ଲୋକପ୍ରିୟତାକୁ ଆଧାର କରି ପତଞ୍ଜଳି ନାଁରେ ଏକ ଆୟୁର୍ବେଦିକ ଫାର୍ମାସୀ ପ୍ରତିଷ୍ଠା କରି ତା'ରି ଜରିଆରେ ଆୟୁର୍ବେଦିକ ଔଷଧର ବ୍ୟବସାୟ କରୁଛନ୍ତି।

ଅନେକ ଲୋକଙ୍କ ମତରେ ରାମଦେବ ନିଜର ଆୟୁର୍ବେଦ ଔଷଧ ବ୍ୟବସାୟର ସ୍ୱାର୍ଥରେ ଏଲୋପାଥି ବିରୋଧରେ ଏଭଳି ବିଷୋଦ୍‌ଗାର କରୁଛନ୍ତି। ଏହା ସତ ଯେ, ତାଙ୍କ ପତଞ୍ଜଳି କମ୍ପାନୀର ମୁନାଫାରେ ଲଗାତାର ହ୍ରାସ ଦେଖାଯାଇଛି। ୨୦୧୬-୧୭ରେ ଏହାର ମୁନାଫା ୧୧୯୦ କୋଟି ଥିବା ବେଳେ ତାହା ହ୍ରାସ ପାଇ ୨୦୧୯-୨୦ରେ ମାତ୍ର ୨୪୨ କୋଟିରେ ପହଞ୍ଚିଛି। ଏପରିକି କୋଭିଡ୍ ସଙ୍କଟରୁ ଫାଇଦା ନେବା ପାଇଁ ତାଙ୍କ କମ୍ପାନୀ ଦ୍ୱାରା ପ୍ରସ୍ତୁତ 'କରୋନିଲ' ବି ବିକ୍ରି ହୋଇପାରୁନି। ଅତଏବ ବ୍ୟବସାୟିକ ସ୍ୱାର୍ଥ ତ ରହିଛି। ତେବେ ସମସ୍ୟାଟି କେବଳ ତାଙ୍କର ବେପାରରେ ସୀମିତ ରହିନି। କୋଭିଡ୍ ପରିଚାଳନାରେ ମୋଦି ସରକାରଙ୍କ ବିଫଳତାକୁ ଘୋଡ଼େଇବା ପାଇଁ ରାମଦେବ ଲଗାତାର ଚେଷ୍ଟା କରିଆସିଛନ୍ତି। ବିଶେଷକରି ଦେଶରେ ଅକ୍ସିଜେନ୍, ଔଷଧ, ଖଟିଆ ଏପରିକି ଟିକା ନ ମିଳିବା ଫଳରେ ଅଧିକରୁ ଅଧିକ ଲୋକ ସଂକ୍ରମିତ ଏବଂ ମୃତ୍ୟୁବରଣ କରୁଥିବା ଯୋଗୁ ମୋଦି ସରକାରଙ୍କ ଯେଉଁ ବଦନାମ ହେଉଛି, ଏକ ରାଜନୈତିକ ଏଜେଣ୍ଡା ଅନୁରୂପ ସେ ଅତ୍ୟନ୍ତ ଚତୁରତାର ସହିତ ଏଲୋପାଥି ଓ ଡାକ୍ତରଙ୍କୁ ସଂକ୍ରମିତଙ୍କ ମୃତ୍ୟୁ ପାଇଁ ଦାୟୀ କରି ସରକାରଙ୍କୁ ବଞ୍ଚେଇବାକୁ ଉଦ୍ୟମ କରିଛନ୍ତି।

ବିଶ୍ୱରେ ଶହ ଶହ ପ୍ରକାରର ଚିକିତ୍ସା ପଦ୍ଧତି ରହିଛି। ଏସବୁ ପ୍ରଣାଳୀଗୁଡ଼ିକ ମଣିଷ ପ୍ରକୃତିର କୋଳରେ ରହି ତା' ସହିତ ଲଢ଼ି, ବିଜୟ ଲାଭ କରି ନିଜର ଅନୁଭୂତିରୁ ଶିଖିଛି ଏବଂ ପ୍ରୟୋଗ ଜରିଆରେ ତାକୁ ସମୃଦ୍ଧ କରିବା ସହିତ ସଂଶୋଧିତ ମଧ୍ୟ କରିଛି। ପରବର୍ତ୍ତୀ ପିଢ଼ିମାନେ ନିଜର ଅନୁଭୂତି, ପ୍ରୟୋଗ, ବୁଦ୍ଧି ଏବଂ ବୁଝିବା ମଧ୍ୟ ଦେଇ ତାକୁ ଅଧିକରୁ ଅଧିକ ଆଧୁନିକ ଏବଂ ଉନ୍ନତ କରିଆସିଛନ୍ତି। ସବୁ ଚିକିତ୍ସା ପ୍ରଣାଳୀର ନିଜ ନିଜର ଇତିହାସ ଓ ଯୋଗଦାନ ରହିଛି। ସମସ୍ତଙ୍କ ନିଜ ନିଜର ଯୋଗ୍ୟତା ଓ କ୍ଷମତା ସହିତ ସୀମା ବି ରହିଛି। ଏହା ସତ ଯେ, ଆୟୁର୍ବେଦ ହଜାର ବର୍ଷ ପୁରୁଣା । କିନ୍ତୁ ସାରା ଦୁନିଆରେ ଏହାହିଁ ଏକମାତ୍ର ଚିକିତ୍ସା ପ୍ରଣାଳୀ ନୁହେଁ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଆୟୁର୍ବେଦଠାରୁ ଆରମ୍ଭ କରି ହୋମିଓପାଥି, ୟୁନାନି, ତିବତ୍ତି, ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର, ସିଦ୍ଧ, ମାଟି ଚିକିତ୍ସା, ଦେଶୀ ଚିକିତ୍ସା ଆଦି ଅନେକ ଚିକିତ୍ସା ପଦ୍ଧତି ରହିଛି। ଏସବୁ ଚିକିତ୍ସା ପଦ୍ଧତି ହୁଏତ କମ୍ ବା ବେଶୀ ବିକଶିତ ହୋଇପାରେ। କିନ୍ତୁ ସେସବୁ ମଧ୍ୟରୁ କାହାରିକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେବା ଅଥବା ଗୋଟିଏକୁ ସର୍ବଶ୍ରେଷ୍ଠ କହି ସବୁ ରୋଗର ସମାଧାନ ବୋଲି ଦାବି କରିବା ମୂର୍ଖାମି। ଗତ ୨୫୦ ବର୍ଷ ମଧ୍ୟରେ ବିଶ୍ୱରେ ଆଧୁନିକ ଚିକିତ୍ସା ବିଜ୍ଞାନର ଅଭୂତପୂର୍ବ ବିକାଶ ଘଟିଛି। ଆଣ୍ଟିବାୟୋଟିକ୍, କ୍ଲୋରୋଫର୍ମ, ଇନ୍‌ସୁଲିନ୍, ଟିକା ଆଦିର ଉଦ୍ଭାବନ ମଣିଷର ଜୀବନକୁ ରୋଗରୁ ବଞ୍ଚାଇବାରେ ତଥା କଷ୍ଟ ଲାଘବ କରିବାରେ ସହାୟକ ହୋଇଥିବା ବେଳେ ଷ୍ଟେଥୋସ୍କୋପ୍‌ଠାରୁ ଆରମ୍ଭ କରି ଏକ୍ସ-ରେ ମେସିନ, ସିଟି ସ୍କାନ ପର୍ଯ୍ୟନ୍ତ ଅନେକ ଚିକିତ୍ସା ସମ୍ପର୍କିତ ସରଞ୍ଜାମର ଉଦ୍ଭାବନ ମଣିଷର ରୋଗର ନିଦାନ ଓ ଚିକିତ୍ସାକୁ ସହଜ କରିଦେଇଛି। ଫଳସ୍ୱରୂପ ଗତ ଏକ ଶତକ ମଧ୍ୟରେ ମଣିଷର ହାରାହାରି ପରମାୟୁ ତିନି ଗୁଣ ହୋଇଯାଇଥିବା ବେଳେ ପୋଲିଓ, ବସନ୍ତ ପରି ଅନେକ ରୋଗକୁ ସମୂଳେ ଧ୍ୱଂସ କରାଯାଇ ପାରିଛି। ସମୟକ୍ରମେ ଦୁନିଆର ଅନେକ ସଭ୍ୟତା ନିଜ ନିଜର ପରମ୍ପରାଗତ ଚିକିତ୍ସା ପଦ୍ଧତିକୁ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ସମ୍ମିଳିତ କରିବାକୁ ପ୍ରୟାସ କରିଛନ୍ତି।

ରାଜନୈତିକ ସ୍ୱାର୍ଥରେ ଆୟୁର୍ବେଦର କଥା କହୁଥିବା ଏବଂ କଥା କଥାରେ ଆଧୁନିକ ଚିକିତ୍ସା ପଦ୍ଧତି ବିରୋଧରେ ବିଷୋଦ୍‌ଗାର କରି ଗୋମୂତ୍ର ଓ ଗୋବରର ଉପଚାର ଦେଉଥିବା ରାମଦେବ ଏବଂ ପ୍ରଜ୍ଞା ଠାକୁରଙ୍କ ପରିବାବା, ନେତା ଓ ମନ୍ତ୍ରୀମାନେ କୋଭିଡ୍‌ରେ ସଂକ୍ରମିତ ହୋଇ ଏମ୍ସ ଓ ଅନ୍ୟ କର୍ପୋରେଟ୍ ହସ୍ପିଟାଲରେ ଚିକିତ୍ସିତ ହେବା ଜଣାପଡିଛି। ସ୍ୱୟଂ ରାମଦେବ ଓ ବାଳକୃଷ୍ଣ ମଧ୍ୟ ଅତୀତରେ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ଦେଖାଯାଇଛି। ନିକଟରେ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ତାଙ୍କ ସଂସ୍ଥାର ଡେୟରି ଉତ୍ପାଦର ମୁଖ୍ୟ ବି ସେମାନଙ୍କ ବହୁ ପ୍ରଚାରିତ 'କରୋନିଲ୍' ଉପରେ ଭରସା ନ କରି ଆଧୁନିକ ଚିକିତ୍ସା ଯୋଗାଉଥିବା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଜି ଦେଶର ଏମିତି କୌଣସି ଆୟୁର୍ବେଦ ହସ୍ପିଟାଲ ନାହିଁ, ଯେଉଁଠି ଜଣେ କୋଭିଡ୍ ସଂକ୍ରମିତ ବିନା ଦ୍ୱିଧାରେ ଦାଖଲ ହୋଇପାରିବ ଏବଂ ଆୟୁର୍ବେଦିକ ଚିକିତ୍ସା ଦ୍ୱାରା ସୁସ୍ଥ ହୋଇପାରିବ ବୋଲି ଭରସା କରିପାରିବ। କାରଣ କୋଭିଡ୍ ସଂକ୍ରମଣର ଏଯାଏଁ କୌଣସି ଔଷଧ ନାହିଁ ଏବଂ ସଂକ୍ରମଣ ପ୍ରଭାବରେ ରୋଗୀର ସ୍ୱାସ୍ଥ୍ୟରେ ଯେଉଁ ଦ୍ରୁତ ଅବନତି ଘଟୁଛି, ସେଥିରେ ଆଧୁନିକ ଚିକିତ୍ସା ପଦ୍ଧତି ଆପଣାଉଥିବା ଆଇସିୟୁ ଓ ଭେଣ୍ଟିଲେଟରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

କରୋନା କାଳରେ ସମସ୍ତେ ମାନସିକ ଅବସାଦ ଭିତରେ ରହିଥିବା ବେଳେ ବିଶେଷକରି ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହୋଇ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ସମୟରେ ତଥା ଅନେକ ପରିବାର ନିଜର ପ୍ରିୟଜନଙ୍କୁ ହରାଇ ଅତ୍ୟନ୍ତ ଦୁଃଖ ଓ ଅବସାଦ ଭିତରେ ରହିଥିବା ବେଳେ ଏଭଳି ଦାୟିତ୍ୱହୀନ ବୟାନ ଲୋକଙ୍କ ଭିତରେ ଭୟଙ୍କର ବିଭ୍ରାନ୍ତି ସୃଷ୍ଟି କରି କୋଭିଡ୍ ବିରୋଧୀ ଲଢ଼େଇକୁ ଦୁର୍ବଳ କରିବା ନିଶ୍ଚିତ। ଯଦି ରାମଦେବ କିମ୍ବା ପ୍ରଜ୍ଞା ଠାକୁରଙ୍କ କଥାରେ ପଡ଼ି ସାଧାରଣ ଲୋକ ଆଧୁନିକ ଚିକିତ୍ସା ବ୍ୟବସ୍ଥାକୁ ଅବିଶ୍ୱାସ କରିବେ ଏବଂ ଡାକ୍ତରଙ୍କ ଦ୍ୱାରା ମରିଯିବା ଭୟରେ ହସ୍ପିଟାଲକୁ ଯିବେନି ଅଥବା ଟିକା ନେବେନି, ତା'ହେଲେ ଦେଶରେ ସଂକ୍ରମଣ ଓ ମୃତ୍ୟୁ ଉଭୟ ବୃଦ୍ଧି ପାଇବ। ଏଭଳି ବୟାନ ଦେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜରୁରୀ। ଖୁସିର କଥା, ଏଭଳି ଅବୈଜ୍ଞାନିକ ଅଭିଯାନ ବିରୋଧରେ ଆଜି ଦେଶର ଚିକିତ୍ସକ ଗୋଷ୍ଠୀ ଏକଜୁଟ ହୋଇଛନ୍ତି।

ମୋ: ୯୪୩୭୧୬୬୩୯୧

# ଅମ୍ଳଜାନ ଅଭାବଜନିତ ସଙ୍କଟ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଗଣମାଧ୍ୟମରେ ପ୍ରକାଶିତ ଗୋଟିଏ ଚର୍ଚ୍ଚିତ ଘଟଣା। ରାଞ୍ଚିରେ ଦେବେନ୍ଦ୍ର ଶର୍ମା ରହନ୍ତି। ୨୪ ଏପ୍ରିଲ ୨୦୨୧ରେ ସେ ଜଣେ ପରିଚିତ ବ୍ୟକ୍ତିଙ୍କଠାରୁ ଜରୁରୀ ଖବର ପାଇଲେ ଯେ, ଗାଜିଆବାଦରେ ରହୁଥିବା ତାଙ୍କ ବନ୍ଧୁ ରଞ୍ଜନ କରୋନା ପୀଡ଼ିତ ଓ ସେ ସେଠାକାର କୌଣସି ଏକ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ଦିଲ୍ଲୀ-ଗାଜିଆବାଦ ଅଞ୍ଚଳରେ ଅମ୍ଳଜାନର ଘୋର ଅଭାବ। ଏହି କାରଣରୁ ରଞ୍ଜନଙ୍କ ଜୀବନ ସଙ୍କଟାପନ୍ନ। ଦେବେନ୍ଦ୍ର ଅସୁସ୍ଥ ସାଥୀଙ୍କୁ ବଞ୍ଚାଇବା ପାଇଁ ତତ୍ପର ହେଲେ। ପୁଣି ଯଥାଶୀଘ୍ର ଗାଜିଆବାଦରେ ନ ପହଞ୍ଚି ପାରିଲେ ସମସ୍ତ ଚେଷ୍ଟା ନିରର୍ଥକ ହୋଇଯିବ। ତୁରନ୍ତ ମୋଟର ସାଇକେଲରେ ରାଞ୍ଚିରୁ ବୋକାରୋ ପହଞ୍ଚିଲେ। ଜଣେ ବ୍ୟବସାୟୀଙ୍କୁ ସେଠାରେ ସାକ୍ଷାତ କଲେ ଓ ସମସ୍ତ ଘଟଣା ବର୍ଣ୍ଣନା କଲେ। ଭାଗ୍ୟ ବଳରୁ ମାଗଣାରେ ସେ ତାଙ୍କଠାରୁ ଗୋଟିଏ ସିଲିଣ୍ଡର ପାଇଲେ। ତା'ପରେ କାରଟିଏ ଭଡ଼ା କରି ବୋକାରୋରୁ ବୈଶାଳୀ ଦେଇ ୨୪ ଘଣ୍ଟାରେ ଗାଜିଆବାଦର ଉଦ୍ଦିଷ୍ଟ ଡାକ୍ତରଖାନାରେ ବନ୍ଧୁ ରଞ୍ଜନଙ୍କ ଚିକିତ୍ସା ପାଇଁ ଅମ୍ଳଜାନ ସିଲିଣ୍ଡରଟି ଯୋଗାଇ ଦେଲେ। ଦୀର୍ଘ ତେର ଶହ କିଲୋମିଟର ଏକାଦିକ୍ରମେ ଗାଡ଼ି ଚଳାଇ ଯେମିତି ଚବିଶ ଘଣ୍ଟା ମଧ୍ୟରେ ପହଞ୍ଚି ପାରିଲେ, ତାହା ଅବଶ୍ୟ ପ୍ରଶଂସନୀୟ। ଏହା ଅନାବିଳ ବନ୍ଧୁତ୍ୱର ଏକ ଦୃଷ୍ଟାନ୍ତମୂଳକ ଘଟଣା। ଅସମୟରେ ଏମିତି ଜୀବନ ରକ୍ଷାକାରୀ ସାହାଯ୍ୟ ଦ୍ୱାରା ରଞ୍ଜନଙ୍କ ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ଦେଖାଦେଲା।

ଅକ୍ସିଜେନ (ଅମ୍ଳଜାନ) କେତେକ ପ୍ରକାର ରୋଗୀ ପାଇଁ ଅତ୍ୟାବଶ୍ୟକ। ତେଣୁ ଚିକିତ୍ସାଳୟରେ ଏହାର ସିଲିଣ୍ଡର ଆବଶ୍ୟକ ପରିମାଣରେ ଗଚ୍ଛିତ ଥାଏ। ଯେମିତି କି ଯେ କୌଣସି ଜରୁରୀ ପରିସ୍ଥିତି ଦେଖାଦେଲେ, ରୋଗୀକୁ ଆବଶ୍ୟକତା ଅନୁସାରେ ଏହା ଦିଆଯାଇପାରିବ। ଆମ ଶରୀରର ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ତିନୋଟି ବଖରାରେ ଛାତିରେ ଅବସ୍ଥିତ। ତିନୋଟି ବଖରା ମଧ୍ୟରୁ ମଝିରେ ହୃତ୍‌ପିଣ୍ଡ ଏବଂ ଏହାର ଦୁଇ ପାର୍ଶ୍ୱରେ, ବାମ ପଟକୁ ବାମ ଫୁସ୍‌ଫୁସ୍ ଏବଂ ଦକ୍ଷିଣପଟକୁ ଦକ୍ଷିଣ ଫୁସ୍‌ଫୁସ୍ (ଯାହା କି ବାମ ଫୁସଫୁସଠାରୁ ଆକାର ଓ ଆୟତନ ଦୃଷ୍ଟିରୁ ସାମାନ୍ୟ ବଡ଼) ରହିଛି। ହୃତ୍‌ପିଣ୍ଡର କାମ ହେଉଛି ଶରୀରରେ ବାଣ୍ଟି ହୋଇ ରହିଥିବା ଦୂଷିତ ରକ୍ତକୁ ସଂଗ୍ରହ କରିବା। ଏହି ସଂଗୃହୀତ ରକ୍ତକୁ ଫୁସ୍‌ଫୁସ୍‌କୁ ପ୍ରେରଣ କରିବା, ଯେଉଁଠାରେ ଫୁସ୍‌ଫୁସ୍ ମଇଳା ଦ୍ରବ୍ୟ ବାହାର କରିବ ଏବଂ କେବଳ ବିଶୁଦ୍ଧ ରକ୍ତ ହୃତ୍‌ପିଣ୍ଡକୁ ପଠାଇବ। ହୃତ୍‌ପିଣ୍ଡରେ ଏହି ନିର୍ମଳ ରକ୍ତ ପହଞ୍ଚିବା ପରେ ହୃତ୍‌ପିଣ୍ଡ ଶୁଦ୍ଧ ଅମ୍ଳଜାନଯୁକ୍ତ ରକ୍ତ ଶରୀରର ବିଭିନ୍ନ ଅଂଶକୁ ପଠାଏ। ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ମଧ୍ୟରେ ଘନିଷ୍ଠ ଓ ଉତ୍ତମ ସମ୍ପର୍କ ରହିଲେ ହିଁ ଉତ୍କୃଷ୍ଟ ରକ୍ତ ସଞ୍ଚାଳନ ନିର୍ବିଘ୍ନରେ ସମ୍ପନ୍ନ ହୁଏ। ଏଥିରେ କୌଣସି ବିଭ୍ରାଟ ବା ବିଚ୍ୟୁତି ଘଟିଲେ, ହୃଦ୍‌ଘାତ ଦ୍ୱାରା ଆମେ ପୀଡ଼ିତ ହେଉ।

ସାମଗ୍ରିକ ଭାବେ ବିଚାର କଲେ ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଅକ୍ସିଜେନ ଅପରିହାର୍ଯ୍ୟ। ଏହି ଦୃଷ୍ଟିରୁ ଚିକିତ୍ସାଳୟରେ ଅମ୍ଳଜାନ ସଦାସର୍ବଦା ମହଜୁଦ ରହିବା କଥା। ନଚେତ ଏମିତି ରୋଗୀମାନଙ୍କୁ ବଞ୍ଚାଇବା ଏକ ଦୁରୂହ ବ୍ୟାପାର ହୋଇଯିବ, ଯେଉଁ କ୍ଷେତ୍ରରେ କୃତ୍ରିମ ଉପାୟରେ ଉପଲବ୍ଧ ନିର୍ମଳ ଅମ୍ଳଜାନ ଆବଶ୍ୟକ। ଉଦାହରଣ ସ୍ୱରୂପ: ହୃତ୍‌ପିଣ୍ଡ-ଫୁସ୍‌ଫୁସ୍ ଯନ୍ତ୍ର (ହାର୍ଟ -ଲଙ୍ଗ୍‌ସ ମେଶିନ)। ଏହି ବୈଜ୍ଞାନିକ ଯନ୍ତ୍ରଟି ଏକାଧାରରେ ଉଭୟ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡର କାମ କରେ। ଅର୍ଥାତ୍ ଶ୍ୱାସକ୍ରିୟା ଓ ରକ୍ତ ସଂଚାଳନକୁ ସୁଚାରୁ ଭାବେ ଚାଲୁ ରଖିବା ପରି ଜୀବର ଅପରିହାର୍ଯ୍ୟ କାର୍ଯ୍ୟ ସମ୍ପାଦନ କରେ। ବିଭିନ୍ନ ଆବଶ୍ୟକତା ମଧ୍ୟରେ ଅମ୍ଳଜାନ ନିଶ୍ଚିତ ଓ ନିରବଚ୍ଛିନ୍ନ ଭାବେ ଏହାକୁ ଯୋଗାଇବାକୁ ହେବ। ଜଣେ ରୋଗୀକୁ ଚିକିତ୍ସା ପାଇଁ କେତେ ସମୟ ଏହି ଯନ୍ତ୍ରଟି ଉପଯୋଗୀ ହେବ, ଡାକ୍ତର ସ୍ଥିର କରିଥାନ୍ତି। ତେବେ ଯେତିକି ସମୟ ସେ କାର୍ଯ୍ୟକ୍ଷମ ରହିବା କଥା, ସେହି ଅବଧିରେ କୌଣସି ଯାନ୍ତ୍ରିକ ତ୍ରୁଟି ବା ପରିଚାଳନାରେ ଅବ୍ୟବସ୍ଥା ପ୍ରାଣଘାତୀ ହେବା ଅବଶ୍ୟମ୍ଭାବୀ।

ଉଲ୍ଲେଖଯୋଗ୍ୟ ଯେ, ଏହି ହୃତ୍‌ପିଣ୍ଡ ଫୁସ୍‌ଫୁସ୍ ଯନ୍ତ୍ରଟି ବ୍ୟବହୃତ ହେଉଥିବା ବେଳେ ରୋଗୀର ଶରୀରରେ ଥିବା ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ ଅକାମୀ କରାଯାଏ ; ନଚେତ ତା'ର ଦୂଷିତ ରକ୍ତ ଓ ସେ ଆହରଣ କରୁଥିବା ପ୍ରଦୂଷିତ ବାୟୁ ଚିକିତ୍ସାକୁ ପ୍ରଭାବିତ କରିବ ଏବଂ ରୋଗ ଉପଶମ ହୋଇପାରିବ ନାହିଁ। କିନ୍ତୁ ଯେହେତୁ ବିନା ହୃତ୍‌ପିଣ୍ଡରେ ମଣିଷ ଦଣ୍ଡେ ବଞ୍ଚିପାରିବ ନାହିଁ, ତେଣୁ କୃତ୍ରିମ ଉପାୟରେ ଏହି କାର୍ଯ୍ୟ ସାଧନ କରିବା ଆବଶ୍ୟକ। ଉକ୍ତ ଯନ୍ତ୍ରଟି ଏଥି ସକାଶେ ଉଦ୍ଦିଷ୍ଟ। ବିଶେଷ ଭାବେ ରୁଗ୍‌ଣ ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର ବେଳେ ଏହି ହୃଦ-ଫୁସ୍‌ଫୁସ୍ ମେଶିନ ଅତ୍ୟନ୍ତ ଉପାଦେୟ। ସେମିତି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି, ଅନ୍ୟ କେତେକ ଗୁରୁତର ରୋଗୀ ସକାଶେ ଯନ୍ତ୍ର ଏମିତି ସୂକ୍ଷ୍ମ କାରିଗରି ଓ ସଠିକତା ସହ ତିଆରି ହୋଇଛି ଯେ, ଏହାର ଫୁସ୍‌ଫୁସ୍ ବିଭାଗଟି ରକ୍ତରୁ ଅଙ୍ଗାରକାମ୍ଳ ଅଂଶ ଶୋଷି ବାହାର କରେ । ଅବଶ୍ୟ ଏଥିପାଇଁ ରୋଗୀର ହୃତ୍‌ପିଣ୍ଡ ସହ ଯୋଡ଼ି ହୋଇଥିବା ଶିରା ଓ ଧମନୀକୁ ଏହି ଯନ୍ତ୍ର ସହ ଯୋଡ଼ା ହୁଏ। ଯନ୍ତ୍ରର ଡିଜାଇନରେ ଉପସ୍ଥିତ ଫୁସ୍‌ଫୁସ୍‌ଟି ଶିରା ଦ୍ୱାରା ପହଞ୍ଚି ଥିବା ଦୂଷିତ ରକ୍ତକୁ ଶୁଦ୍ଧ କରି ତାକୁ ଅମ୍ଳଜାନରେ ସମୃଦ୍ଧ କରାଏ। ତେଣୁ ଏହି ଯନ୍ତ୍ର ସହ ସଂଶ୍ଳିଷ୍ଟ ହୋଇଥାଏ ଗୋଟିଏ ଅକ୍ସିଜେନେଟର ; ଯାହା ମଇଳା ରକ୍ତକୁ ଅଙ୍ଗାରକାମ୍ଳମୁକ୍ତ କରି ଆବଶ୍ୟକୀୟ ଅମ୍ଳଜାନ ଭର୍ତ୍ତି କରିବା ତଥା ହୃତ୍‌ପିଣ୍ଡ ପରି ସମଗତିରେ ରୋଗୀର ରକ୍ତ ସଂଚାଳନ କରାଇବାରେ ଏହା ସହାୟତା କରେ। କୋଭିଡ କାଳରେ ଅମ୍ଳଜାନର ଚାହିଦା ପୂର୍ବାପେକ୍ଷା ବହୁଗୁଣରେ ବଢିଯାଏ। ଯେତେବେଳେ କରୋନା ରୋଗୀର ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ହୁଏ, ତା'ର ଫୁସ୍‌ଫୁସ୍‌ର କାର୍ଯ୍ୟକାରିତା ଓ ଦକ୍ଷତା ହ୍ରାସ ପାଏ। ସେ ନିଃଶ୍ୱାସ ପ୍ରଶ୍ୱାସ ନେବା ବେଳେ ଅଣନିଃଶ୍ୱାସୀ ହୋଇ ପୀଡ଼ା ଅନୁଭବ କରେ। ଏହି ସମସ୍ୟା ଯୋଗୁ ଫୁସ୍‌ଫୁସ୍‌ରେ ଅଧିକ ଜଳୀୟ ଅଂଶ ଓ ବାୟୁ ଜମିଯାଏ। ଫୁସଫୁସ ଦ୍ୱାରା ବାୟୁ ଠିକ୍ ଭାବେ ସଂଚାଳିତ ନ ହେଲେ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଶୁଦ୍ଧ ଅମ୍ଳଜାନଯୁକ୍ତ ରକ୍ତରୁ ବଞ୍ଚିତ ହୁଅନ୍ତି ଏବଂ ରୋଗୀର ଜୀବନୀ ଶକ୍ତି କ୍ରମଶଃ ହ୍ରାସ ପାଇ ସେ ଶେଷରେ ମୃତ୍ୟୁବରଣ କରେ। ଏହି ପରିସ୍ଥିତି ନିମୋନିଆର ଆକ୍ରମଣକୁ ପ୍ରଶସ୍ତ କରିଥାଏ।

ଆମ ଦେଶ ସଂପ୍ରତି ଅମ୍ଳଜାନ ଅଭାବଜନିତ ସଙ୍କଟଗ୍ରସ୍ତ । ଏଠାରେ ଯେମିତି ଅପ୍ରତ୍ୟାଶିତ ଭାବେ ଦୈନିକ ଲକ୍ଷ ଲକ୍ଷ ଲୋକ କରୋନାର ଶିକାର ହେଉଛନ୍ତି, ଏମିତି ମହାମାରୀକୁ କେତେକାଂଶରେ ନିୟନ୍ତ୍ରଣାଧୀନ କରିବାକୁ ମେଡିକାଲ ଅକ୍ସିଜେନ୍‌ର ବିରାଟ ଭଣ୍ଡାର ଲୋଡ଼ା।

ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ,
ବ୍ରହ୍ମପୁର, ମୋ-୯୦୭୮୭୪୩୮୪୩

## ଏଇ ଭାରତରେ

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଣିଷ ଜୀବନ ବଞ୍ଚାଇବା ଲାଗି ଯେତିକି ଗୁରୁତ୍ୱ ଦିଆଯାଏ ବାହାରେ ରହୁଥିବା ପ୍ରାଣୀଙ୍କ ସୁରକ୍ଷା ଉପରେ ସେତିକି ଧ୍ୟାନ ଦିଆଯାଇ ନ ଥାଏ। କିନ୍ତୁ ହାଇଦ୍ରାବାଦର ପ୍ରଦୀପ ନାୟାର ଆଇଟି ଇଣ୍ଡଷ୍ଟ୍ରୀରୁ ଚାକିରି ଛାଡି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀଙ୍କ ଜୀବନ ରକ୍ଷା କରୁଛନ୍ତି। କେବଳ ବିପର୍ଯ୍ୟୟ ବେଳେ ନୁହେଁ, ବର୍ଷର ଅନ୍ୟ ସମୟରେ ବି ସେ ବିଭିନ୍ନ ସ୍ଥାନରୁ ବିପଦରେ ପଡ଼ିଥିବା ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି। ଏଭଳି ସାହସିକ ପଦକ୍ଷେପ ନେଇ ଏବେ ସୁଦ୍ଧା ସେ ୭୭,୦୦୦ରୁ ଅଧିକ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ଏମାନଙ୍କ ମଧ୍ୟରେ ରହିଛନ୍ତି ସାପ, କୁକୁର, ମାଙ୍କଡ, ବିଲେଇ, ବିଭିନ୍ନ ପ୍ରଜାତିର ପକ୍ଷୀ ଓ ହିଂସ୍ର ପ୍ରାଣୀ। ଉଦ୍ଧାର ପରେ ଆହତ ପ୍ରାଣୀମାନଙ୍କୁ ନେହେରୁ ଜୁଲୋଜିକାଲ ପାର୍କରେ ଚିକିତ୍ସା କରାଉଛନ୍ତି। ଆନିମଲ ୱାରିୟର୍ସ କଞ୍ଜର୍‌ଭେଶନ ସୋସାଇଟି ଗଠନ କରି ପ୍ରାଣୀମାନଙ୍କୁ ବଞ୍ଚାଇବା ପାଇଁ ଏକ ସୁନିୟୋଜିତ ଅଭିଯାନ ଚଳାଇଛନ୍ତି ୩୭ ବର୍ଷୀୟ ପ୍ରଦୀପ। ହାଇଦ୍ରାବାଦର ଅମିନପୁରାସ୍ଥ ତାଙ୍କ ଘରେ ସେ ଅନେକ ଆହତ ବୁଲା କୁକୁରଙ୍କୁ ରଖିଛନ୍ତି ଓ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରୁଛନ୍ତି। କୌଣସି ପ୍ରାଣୀ ବିପଦରେ ପଡିଥିବାର ଖବର ପାଇବା କ୍ଷଣି ସେ ଓ ତାଙ୍କ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର କରନ୍ତି। ସେ ତାଙ୍କ ଅଭିଯାନ ଆରମ୍ଭ କରିବା ସମୟରେ ଦୈନିକ ୧୦-୧୫ ପ୍ରାଣୀଙ୍କୁ ଉଦ୍ଧାର କରୁଥିଲେ। ଏବେ ଏହି ସଂଖ୍ୟା ବଢ଼ିପାରିଛି।

## ଚିରନ୍ତନୀ

ହେ ସାରଥି ଆଜି ଚଉପାଶେ ଏ କି ବ୍ୟୂହ
ନ ଚଳେ ତୁରଗ ନ ପାରଇ ରଥ ବାହି
ଯେଉଁ ଦେଶେ ମୁଖ ଫେରାଉ ଶୁଭଇ
ବାଣୀ-
ପଥ କାହିଁ? ପଥ କାହିଁ?
-(ପଥ କାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦାଉ ସାଧିଲା ଲକ୍‌ଡାଉନ

ମହାଶୟ,

ମହାମାରୀ କରୋନାକୁ ରୋକିବା ପାଇଁ ରାଜ୍ୟ ସରକାର ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହା ମାନସିକ ବିକାରଗ୍ରସ୍ତଙ୍କ ପାଟିରୁ ଆହାର ଛଡେଇ ନେଇଛି। ହୋଟେଲ ରେଷ୍ଟୁରାଣ୍ଟର ବଳକା ଖାଦ୍ୟ କିମ୍ବା କେହି କେତେବେଳେ କ'ଣ ଖାଇବାକୁ ଦେଲେ ସେମାନେ ଖାଉଥିଲେ। କିନ୍ତୁ ଲକ୍‌ଡାଉନରେ ସେମାନଙ୍କ ପେଟକୁ ଏବେ ଦାନା ମିଳୁନି । ହାଟ, ବାଟ, ଦୋକାନ ବଜାର, ରାସ୍ତା ଘାଟ ଖାଁ ଖାଁ ଲାଗୁଛି। ଏମାନଙ୍କ ଜୀବନ କଟେ ରାସ୍ତା କଡରେ ନଚେତ ମନ୍ଦିର ପିଣ୍ଡାରେ। ଏମାନେ ବଞ୍ଚନ୍ତି ଆମ ଆଶ୍ରାରେ । ଆମ ହାତ ଟେକାକୁ ସେମିତି ଚାହିଁ ବସିଥାନ୍ତି । କିନ୍ତୁ ଏବେ ଏମାନଙ୍କ ପେଟକୁ ଆଉ ଦାନା ପାଣି ମିଳୁନି। ଏମାନେ ଏବେ ବି ରାସ୍ତା କଡରେ, କରୋନା ଜୀବନ ନେବା ପୂର୍ବରୁ ଭୋକ ଏମାନଙ୍କ ଜୀବନ ନେଇଯିବ। ତେଣୁ ସରକାର ସାହାଯ୍ୟ କଲେ ଏମାନେ ବଞ୍ଚିଯିବେ।

-କ୍ରିସ୍ତାରାଣୀ ସେଠୀ, ମାଲକାନଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାବାଳିକା ଅପହରଣ ଘଟଣା, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ନାବାଳିକା ଅପହରଣ ଅଭିଯୋଗରେ ଜଣେ ଯୁବକଙ୍କୁ ମଞ୍ଚେଶ୍ୱର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ଏଥିସହ ନାବାଳିକାଙ୍କୁ ଉଦ୍ଧାର କରିଛି। ସେ ହେଲେ କଟକ ଜିଲା ନରସିଂହପୁର ଥାନା ଅଞ୍ଚଳ ବ୍ରହ୍ମପୁରର ସ୍ୱପ୍ନେଶ୍ୱର ନାୟକ। ଏପ୍ରିଲ ୪ରେ ଅଭିଯୁକ୍ତ ଚକେଇସିଆଣୀ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୩୬/୨୧ରେ ମାମଲା ରୁଜୁ କରିଥିଲା। ସୋମବାର ଅଭିଯୁକ୍ତ ନିଜ ଗ୍ରାମରେ ନେଇ ନାବାଳିକାଙ୍କୁ ରଖିଥିବା ପୋଲିସ ସୂଚନା ପାଇ ଚଢ଼ାଉ କରି ଧରିଥିଲା। ମଙ୍ଗଳବାର ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି।

### ସଂକ୍ଷେପରେ

## କୋଭିଡ୍ ଟିକା ପଞ୍ଜୀକରଣ ଆରମ୍ଭ

ଖୁଣ୍ଟୁଣୀ,୭।୬(ଡି.ଏନ.ଏ.)- ରାଜ୍ୟବାସୀଙ୍କୁ କରୋନା କବଳରୁ ସୁରକ୍ଷା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉଦ୍ୟମରେ ସୋମବାର କୋଭିଡ୍ ଟିକା ପାଇଁ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଯୁବନେତା ଆଦିତ୍ୟ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଘଣ୍ଟିଖାଲ ଓ ମଞ୍ଚେଶ୍ୱର ପଞ୍ଚାୟତରେ ରାଜ୍ୟର ପ୍ରଥମ ଟିକା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ର ବିଜେଡିର ନେତୃମଣ୍ଡଳୀ ଏହି ଦୁଇ ପଞ୍ଚାୟତରେ ଥିବା ଆଦିବାସୀ ଓ ହରିଜନପଡାରେ ଘରକୁ ଘର ବୁଲି ଲୋକଙ୍କୁ କୋଭିଡ୍ ମହାମାରୀରୁ ନିଜକୁ ରକ୍ଷା କରିବାକୁ ପ୍ରତ୍ୟେକ ମାସ୍କ ବ୍ୟବହାର କରିବା, ସାବୁନରେ ହାତ ଧୋଇବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ସଚେତନ କରିଥିଲେ। ଏଥିସହ ଟିକା ନେଇ ନ ଥିବା ଲୋକଙ୍କ ନାମ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରନେତା ଆକାଶ ସାହୁ, କାର୍ତ୍ତିକ ଖଟୁଆ, କେଶଦେବ ରାଉତ, ଘଣ୍ଟିଖାଲ ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି, ପ୍ରାଣବାନନ୍ଦ ପ୍ରଧାନ, ସରୋଜ ସ୍ୱାଇଁ, ସନ୍ତୋଷ ବେହେରା, ରବି ବରାଳ, ଜିଲାପରିଷଦ ସଦସ୍ୟ ଜାନକିଲତା ନାଏକ, ରବି ବେହେରା ଓ ଜିଲା ବିଜେଡି ସମ୍ପାଦକ ଅଶୋକ ରାଉତ ସାମିଲ ହୋଇଥିଲେ। ତୋଫାନ ସାମଲ, ଧନେଶ୍ୱର ବେହେରା ଓ ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡକାୟତି ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର,୭।୬(ବ୍ୟୁରୋ): ଡକାୟତି ଉଦ୍ୟମ ଅଭିଯୋଗରେ ପୋଲିସ ସୋମବାର ଜଣକୁ ଗିରଫ କରିଛି। ସେ ହେଲେ ନୀଳାଦ୍ରିବିହାର ସେକ୍ଟର-୫ ନିକଟ ପଣ୍ଡା ପାର୍କ ବସ୍ତିରେ ରହୁଥିବା ମଙ୍ଗୁ ଗୌଡ। ଜାନୁୟାରୀ ୩୧ରେ କେତେଜଣ ଯୁବକ ପଣ୍ଡାପାର୍କ ନିକଟରେ ଏକାଠି ହୋଇ ସ୍ଥାନୀୟ ଅଞ୍ଚଳରେ ଡକାୟତି ଯୋଜନା କରୁଥିଲେ। ଏ ସମ୍ପର୍କରେ ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା। କିନ୍ତୁ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ମଙ୍ଗୁ ବସ୍ତିରୁ ଖସି ପଳାଇଯାଇଥିଲେ। ପୋଲିସ ସୋମବାର ମଙ୍ଗୁଙ୍କୁ ଉକ୍ତ ବସ୍ତିରୁ କାବୁ କରିଥିଲା। ଏନେଇ ଥାନାରେ ମାମଲା (ନଂ. ୬୮/୨୧) ରୁଜୁ ହୋଇଥିଲା।

## ୩୭ ଲିଟର ମଦ ଜବତ, ୩ ଗିରଫ

ଭୁବନେଶ୍ୱର,୭।୬(ବ୍ୟୁରୋ): କମିଶନରେଟ ପୋଲିସ ଅଞ୍ଚଳରେ ଦୁଇ ଥାନା ଅଞ୍ଚଳରୁ ୩୭ ଲିଟର ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ବରିମୁଣ୍ଡ ଗ୍ରାମର ସମୀର ଭୂୟାଁ। ତାଙ୍କଠୁ ୧୦ଲିଟର ମଦ ଜବତ ହୋଇଛି। ଚନ୍ଦ୍ରଶେଖରପୁର ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଡମଣା ଗୋପୀନାଥ ସାହିର ଜଗନ୍ନାଥ ପୃଷ୍ଟି ଏବଂ କାଳନ୍ଦୀ ପୃଷ୍ଟି (୩୩) । ଏମାନଙ୍କଠୁ ୨୭ ଲିଟର ଦେଶୀ ମଦ ଜବତ କରିଛି ପୋଲିସ। ଅଭିଯୁକ୍ତମାନେ ନିଜ ଘରେ ମଦ ରଖି ବ୍ୟବସାୟ ଚଳାଉଥିଲେ। ଏ ନେଇ ପୋଲିସ ଖବର ପାଇବା ପରେ ତାଙ୍କ ଘରେ ଚଢ଼ାଉ କରିଥିଲା । ମଞ୍ଚେଶ୍ୱର ଥାନା ପୋଲିସ (ନଂ-୧୬୧/୨୧)ରେ ଏବଂ ଚନ୍ଦ୍ରଶେଖର ଥାନା ପୋଲିସ (ନଂ-୨୬୧/୨୧)ରେ ମାମଲା ରୁଜୁ କରିଥିଲା ।

## ଏଓଏନ୍‌ଭିଟିଏଫ୍ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

**କଟକ ଅଫିସ, ୭।୬:**
ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନ (ଏଓଏନ୍‌ଭିଟିଏଫ୍) ପକ୍ଷରୁ ସୋମବାର କଟକର ବିଭିନ୍ନ ଅଞ୍ଚଳରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇଥିବା ପରିବାର, ରିକ୍ସାଚାଳକ, ଦିନମଜୁରିଆଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ଦିଲ୍ଲୀ ସରକାରଙ୍କ ଭଳି ଜୀବିକା ହରାଇଥିବା ସମସ୍ତ ପରିବାରକୁ ୫୦୦୦ ଟଙ୍କା ସହଯୋଗ କରାଯିବାକୁ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫେଡେରେଶନର ସଭାପତି ଶେଖ ମୁନ୍ତାକିମ ବକ୍ସ, ଉପସଭାପତି କ୍ଷୀରେନ୍ଦ୍ର କୁମାର ବେହେରା, ଉମେଶ ଚନ୍ଦ୍ର ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସରଫରାଜ, ମହମ୍ମଦ ମନସୁର, ପ୍ରଦ୍ୟୁମ୍ନ କୁମାର ଚକ୍ରବର୍ତ୍ତୀ, ଶେଖ୍ ଅଫଜଲ, ସରୋଜ ଦାସ, ବିଜୟ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

# କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ : ୩ ଗିରଫ

### କାର, ବାଇକ୍ ଜବତ

**କଟକ ଅଫିସ, ୭।୬**

କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ କଟକ ସିଡ଼ିଏ ଫେଜ୍-୨ ଥାନା ପୋଲିସ ମିଳିତ ଚଢ଼ାଉ କରି ମଧୁସୂଦନ ସେତୁ ନିକଟରୁ କୋଟିଏ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଘଟଣାରେ ବ୍ରାଉନ୍‌ସୁଗାର ବ୍ୟବସାୟୀ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଗୋବିନ୍ଦପୁର ଗ୍ରାମର ସେକ୍ ତାମିର(୨୦), ସେକ୍ ଇରସାଦ୍(୧୮), ସେକ୍ ଆଲ୍ଲାଉଦ୍ଦିନ(୧୮)ଙ୍କ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧ କେଜି ୩୮ ଗ୍ରାମର ବ୍ରାଉନସୁଗାର, ଏକ ବାଇକ୍ (ଓଡ଼ି୦୧କ୍ୟୁ-୬୯୭୮), କାର୍ (ଓଆର୦୧ଏନ୍-୦୧୬୦)କୁ ଜବତ କରାଯାଇଛି। ଅଭିଯୁକ୍ତମାନେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ବସ୍ତିରେ ରହୁଥିବା ଜଣାପଡିଛି।

ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଭିଡିଓ ବାର୍ତ୍ତାରେ ଦେଇଥିବା ସୂଚନାନୁଯାୟୀ, ରବିବାର ମଧ୍ୟାହ୍ନରେ ଆଠଗଡ଼ ପଟୁ ବ୍ରାଉନସୁଗାର ଆସୁଥିବା ସ୍ପେଶାଲ ସ୍କ୍ୱାଡ୍ ଏସିପି ଅଜୟ କୁମାର ଦାସ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇଥିଲେ। ସିଡିଏ ଫେଜ୍-୨ ଥାନା ଅଧିକାରୀ ଓ ସ୍ପେଶାଲ ସ୍କ୍ୱାଡ୍ ଏସିପି ତାଙ୍କ ଟିମ୍ ସହିତ ମଧୁସୂଦନ ସେତୁ ଉପରେ ଚେକିଂ ଆରମ୍ଭ କରିଥିଲେ। ଚେକିଂବେଳେ ଉକ୍ତ କାରରେ ବ୍ରାଉନ୍‌ସୁଗାର ଥିବା ଜଣାପଡିଥିଲା। ପରେ ତାହାକୁ ଜବତ କରିବା ସହ କାର ଚାଳକ ଏବଂ ବାଇକ୍‌ରେ ଆସୁଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଜବତ ବ୍ରାଉନ୍‌ସୁଗାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୪/୨୧) ରୁଜୁ କରିଛି। ତେବେ ଅଭିଯୁକ୍ତମାନେ ନିୟମିତ ଭାବେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ପୁରୀ ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରିଥାନ୍ତି ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତକୁ ଜୋର୍‌ଦାର କରାଯାଇଛି। ସୂଚନାଯୋଗ୍ୟ, ଗତ ଗୁରୁବାର କଟକ ଜିଲା ତିନିଘରିଆ ଆମ୍ବବଗିଚା ଅଞ୍ଚଳରେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ମଧୁପାଟଣା ପୋଲିସ ଚଢାଉ କରି ୩ ଜଣ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୧ କେଜି ୧୨୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର, ଏକ ବାଇକ୍, ୧୭ ହଜାର ଟଙ୍କା ଓ ୪ ମୋବାଇଲ ଫୋନ୍ ଜବତ କରିଥିଲା। ୨୦୨୧ରେ କଟକ କମିଶନରେଟ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ ୪ କେଜି ବ୍ରାଉନସୁଗାର ଜବତ କରାଯିବା ସହ ୨୭ ଜଣଙ୍କୁ ଗିରଫ କରାଯାଇଛି ବୋଲି କମିଶନର ସୂଚନା ଦେଇଛନ୍ତି।



ଜବତ ଗାଡ଼ି ଓ ବ୍ରାଉନ୍‌ସୁଗାର।


ଗିରଫ ୩ ଅଭିଯୁକ୍ତ।



ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ସିପିଆଇ ପକ୍ଷରୁ ଭୁବନେଶ୍ୱର ଅଶୋକନଗରସ୍ଥିତ ଭଗବତୀ ଭବନ ପରିସରରେ ବିକ୍ଷୋଭ।

## ଷଣ୍ଢ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**କଟକ ସଦର,୭।୬(ଡି.ଏନ.ଏ.)**

କଟକ-ପାରାଦୀପ ରାସ୍ତାର କନ୍ଦରପୁର ଥାନା ନିକଟରେ ସୋମବାର ଏକ ଷଣ୍ଢ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରାଯାଇଛି। ଉକ୍ତ ଗାଡିଟି ୪ଟି ଷଣ୍ଢକୁ ନେଇ କଟକ ଅଭିମୁଖେ ଯାଉଥିବାବେଳେ ବଜରଙ୍ଗ ଦଳର କର୍ମୀ ସଞ୍ଜୟ ସାହୁ, ବିପ୍ଳବ ସ୍ୱାଇଁ, ସୁମନ ଦାସ ଓ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଅଟକାଇ ଥାନାକୁ ନେଇଥିଲେ। ଥାନାରେ ଏତଲା ଦିଆଯିବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଣ ଉକ୍ତ ଗାଡି ମାଲିକ ଷଣ୍ଢକୁ କିଣି ଆଣିଥିବା କହିଥିଲେ। ମାତ୍ର ଷଣ୍ଢର କେହି ମାଲିକ ନ ଥିବାରୁ ଏହା ମିଛ କଥା ବୋଲି କର୍ମୀମାନେ ପୋଲିସ ଆଗରେ ଯୁକ୍ତି କରିଥିଲେ।

# ଟୋକନ ପାଇଥିବା ଚାଷୀଙ୍କ ଧାନ କିଣିବାକୁ ଦାବି

**କଟକ ଅଫିସ, ୭।୬**

ରବି ଋତୁ ଧାନ କିଣାରେ ଦେଖାଦେଇଥିବା ଅବ୍ୟବସ୍ଥା ଦୂର କରିବା, ବାତ୍ୟା 'ୟାସ୍' ଓ ଅଦିନିଆ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଭାଜପା କଟକ ନଗର ଓ ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରବି ଋତୁ ପାଇଁ ରେଜିଷ୍ଟ୍ରେଶନ କରିଥିବା ଚାଷୀଙ୍କଠାରୁ ଧାନ କିଣିବାକୁ ରାଜ୍ୟ ସରକାର ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରନ୍ତୁ। ଏଥିସହ ଟୋକନର ସମୟସୀମା ନିର୍ଦ୍ଧାରଣ ନ କରି ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ଧାନ ମଣ୍ଡିରେ ପହଞ୍ଚିବା ପରେ ରାଜ୍ୟ ସରକାର କିଣନ୍ତୁ। ସେହିପରି ଚାଷୀଙ୍କ ଧାନ ଲୋଡିଂ, ଅନ୍‌ଲୋଡିଂ, ପରିବହନ, ବସ୍ତା ଆଦିର ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ। ଏତଦ୍‌ବ୍ୟତୀତ ବାତ୍ୟା ୟାସ୍ ଓ ଅଦିନିଆ ବର୍ଷା ଯୋଗୁ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଣୁ ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନାଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ସତ୍ୟବାଦୀ ଚଇନି, କଟକ ଜିଲା ସଭାପତି ଶଙ୍କର୍ଷଣ ମହାନ୍ତି, ପୂର୍ବତନ ସଭାପତି ସଞ୍ଜୀବ ରଣା, ଜିଲା ସମ୍ପାଦକ ସୁଶାନ୍ତ ମହାନ୍ତି, ସନ୍ତୋଷ ରାଉତ, ପ୍ରଦୀପ ମହାପାତ୍ର, ଡମ୍ବରୁଧର ସେଠ ପ୍ରମୁଖ ଉକ୍ତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## ମହିଳାଙ୍କୁ ଅସଦାଚରଣ: ଯୁବକ ଗିରଫ

**ସାଲେପୁର, ୭।୬(ଡି.ଏନ୍.ଏ.)**

ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ସାଲେପୁର ପୋଲିସ ସ୍ଥାନୀୟ ଅଞ୍ଚଳର କାଳନ୍ଦୀ ଗୋଚ୍ଛାୟତ ନାମକ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ରବିବାର ସକାଳେ ଉକ୍ତ ଅଞ୍ଚଳର ଜଣେ ମହିଳା ଚଉଁରାରେ ପାଣି ଦେବାକୁ ଯାଇଥିବାବେଳେ କାଳନ୍ଦୀ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ।

# ସାବିତ୍ରୀ ବଜାରକୁ କରୋନା ମାଡ଼



**ଭୁବନେଶ୍ୱର, ୭।୬ (ବ୍ୟୁରୋ)**

ଆଉ ଦିନକ ପରେ ପଡୁଛି ସାବିତ୍ରୀ ବ୍ରତ। ଓଡ଼ିଆ ଘରର ମହିଳାଙ୍କ ପାଇଁ ଏହା ହେଉଛି ବଡ଼ ପର୍ବ। ବ୍ରତର କିଛିଦିନ ପୂର୍ବରୁ ବେଶ୍ ଚଳଚଞ୍ଚଳ ହୋଇଉଠେ ବଜାର ଘାଟ। ମାତ୍ର କରୋନା ମହାମାରୀ ପାଇଁ ଚଳିତବର୍ଷ ସବୁକିଛି ଖାଁ ଖାଁ ହୋଇଯାଇଛି। ସାବିତ୍ରୀରେ ନୂଆ ଲୁଗା ସହ ଅଳତା, ସିନ୍ଦୁର, ଶଂଖା ଆଦି ପୂଜା କରିବାର ବିଧି ରହିଛି। ମାତ୍ର ଲକ୍‌ଡାଉନ୍ କଟକଣା ପାଇଁ ଏସବୁ ଦୋକାନ ବନ୍ଦ ରହିଥିବାରୁ କେମିତି ସାବିତ୍ରୀ ପୂଜା କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ସେହିପରି ସାବିତ୍ରୀ ବ୍ରତରେ ଫଳ ବଜାରରେ ବ୍ୟବସାୟ ଭଲ ଜମିଥାଏ। ସରକାର ଫଳ ଦୋକାନ ଖୋଲିବାକୁ ଅନୁମତି ଦେଇଥିଲେ ବି କଟକଣା ଭିତରେ ବେପାର ଭଲ ହେଉ ନ ଥିବା ବ୍ୟବସାୟୀମାନେ କହିଛନ୍ତି। ଏପଟେ ବିକ୍ରିଠାରୁ ଅଧିକ ଫଳ ନଷ୍ଟ ହେଉଥିବାରୁ ଓ ସେପରି ବେପାର ନ ଥିବାରୁ ଫଳ ଦର ମଧ ଆକାଶ ଛୁଆଁ ହୋଇଛି। ସୋମବାର ବଜାରରେ ସେଓ କିଲୋ ୨ଶହରୁ ୨୩୦ ଥିବାବେଳେ କମଳା ଦାମ ୧୫୦ରୁ ୧୭୦ ରହିଛି। ସେହିପରି ଆମ୍ରପାଲି ଆମ୍ବ କିଲୋ ୪୫ଟଙ୍କା ଥିବାବେଳେ ଅନ୍ୟ ବାଇଗଣ ପଲେଇ ୪୦ ଟଙ୍କା ରହିଛି। କଦଳୀ ଡର୍ଜନ ୬୦ ଟଙ୍କାରୁ ଆରମ୍ଭ ହୋଇ ୧୫୦ଶହ ପର୍ଯ୍ୟନ୍ତ ବିକ୍ରି ହେଉଛି। ଅଙ୍ଗୁର କିଲୋ ୧୪୦ରୁ ୨୦୦ ଟଙ୍କା, ନାସପାତି ୧୬୦ରୁ ୧୮୦, ଡାଳିମ୍ବ ୧୮୦ରୁ ୨୦୦, ଲିଚୁ ୨୨୦ରୁ ୩୦୦, ତରଭୁଜ ୨୫, ପିଜୁଳି ୧୦୦, ପଣସ ଗୋଟା ୧୦୦ରୁ ୧୪୦, ନଡିଆ ଗୋଟା ୩୦, ତାଳ ଗୋଟା ୨୦ ଟଙ୍କାରେ ବିକ୍ରି ହେଉଛି। ବର୍ଷେ ଆରମ୍ଭରୁ କରୋନା ପାଇଁ ବେପାର ମାନ୍ଦା ପଡି ଥିବାବେଳେ ସାବିତ୍ରୀ ଓ ରଜରେ ଭଲ ବେପାର ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଥିଲେ। ମାତ୍ର କରୋନା ମାଡ଼ ସାବିତ୍ରୀ ବଜାରକୁ ଫିକା ପକାଇ ଦେଇଛି।

### ଏମାନେ କ'ଣ କୁହନ୍ତି...


ସାବିତ୍ରୀ ବ୍ରତ ବିବାହିତାଙ୍କର ସବୁଠାରୁ ବଡ ପର୍ବ କହିଲେ ଭୁଲ୍ ହେବ ନାହିଁ। ବର୍ଷସାରା ଆମେ ଏଇ ଦିନଟିକୁ ଅପେକ୍ଷା କରିଥାଉ। ବାପଘରୁ ସାବିତ୍ରୀ ଭାର ଆସିଲେ ପୂଜା କରୁ। କିନ୍ତୁ ଏଥର କରୋନା ପାଇଁ ସବୁକିଛି ନଷ୍ଟ ହୋଇଗଲା। ସବୁଆଡେ ତ ଲକ୍‌ଡାଉନ୍ ଆଉ ଭାର ବା କେମିତି ଆସିବ। ନୂଆ ଲୁଗା ଖଣ୍ଡେ ବି କିଣି ପାରିବି ନାହିଁ।
**-ସାବିତ୍ରୀ ବେଉରା, ଭୁବନେଶ୍ୱର**


ସରକାର ଫଳ, ପନିପରିବା ବ୍ୟବସାୟୀଙ୍କ ପାଇଁ ଲକ୍‌ଡାଉନ ନିୟମ କୋହଳ କରିଛନ୍ତି। କିନ୍ତୁ ମୋ ଭଳି ଆହୁରି ଅନେକ ବ୍ୟବସାୟୀ ଅଛନ୍ତି ଯେଉଁମାନେ ସାବିତ୍ରୀ, ରଜରେ ଭଲ ଦି ପଇସା ରୋଜଗାର କରିବେ ବୋଲି ଆଶା ରଖିଥିଲେ। କିନ୍ତୁ ଲକ୍‌ଡାଉନ୍ ପାଇଁ କିଛି ହୋଇ ପାରିଲା ନାହିଁ। ଏମିତି ଚାଲିଲେ ଆମ ପରିବାର ଚଳେଇବା କଷ୍ଟକର ହୋଇ ପଡିବ।
**-ସଞ୍ଜୟ ସାହୁ, ଲେଡିଜ୍ କର୍ଣ୍ଣର ବ୍ୟବସାୟୀ**


ନିର୍ଦ୍ଦିଷ୍ଟ ସମୟ ପାଇଁ ଦୋକାନ ଖୋଲା ରହୁଥିବାରୁ ଗ୍ରାହକଙ୍କ ଭିଡ ରହୁଛି। ସେହିପରି ଲକ୍‌ଡାଉନ କାରଣରୁ ବାହାରୁ ଫଳ ଆସିବା କଷ୍ଟକର ହେଉଛି। ତେଣୁ ଯାହା ପାଖରେ ଯେତିକି ଫଳ ଅଛି ତାହାର ଦାମ୍ ଚଢ଼ା ରହୁଛି।
**-ଜିଲୁ ପଲେଇ, ଫଳ ବ୍ୟବସାୟୀ**

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମାନା


@ ଦିଶାନ୍ତ


@ ଚିକୁନ୍


@ ରାଜେନ୍ଦ୍ର


@ ବିଭୁ


@ ଅଖିଳ


@ ରବୀନ୍ଦ୍ର

# ସିସିସିରେ ଅସହାୟ ନାବାଳିକା

**ଚୌଦ୍ୱାର,୭।୬(ଡି.ଏନ୍.ଏ.)**

### କରୋନାରେ ମାଆବାପା ଆରପାରିକୁ ଚାଲିଗଲେ

କରୋନାରେ ଆକ୍ରାନ୍ତ ହୋଇଥିବା ବାପା କିଛିଦିନ ତଳେ ଆରପାରିକୁ ଚାଲିଗଲେ। ଡାକ୍ତରଖାନାରେ ଚିକିତ୍ସାଧିନ ଥିବାବେଳେ ଶୁକ୍ରବାର ମା'ଙ୍କର ମୃତ୍ୟୁ ଘଟିଥିଲା। ଉଭୟଙ୍କ ମୃତ୍ୟୁପରେ ଅସହାୟ ହୋଇପଡିଥିବା ଏକମାତ୍ର ଝିଅ ରୁକ୍ମିଣୀ ବିଶ୍ୱାଳ(୧୪) ଏବେ କରୋନାରେ ଆକ୍ରାନ୍ତ। ଚିକିତ୍ସାଲାଗି ତାଙ୍କୁ ହିନ୍ଦ୍ ସେବକ ସଂଘର ଚୌଦ୍ୱାର କେନ୍ଦ୍ରରେ ଶିଶୁଙ୍କ ପାଇଁ ଖୋଲା ଯାଇଥିବା କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକା ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଗଉଡ଼ସାହିରେ ଭଡ଼ାରେ ରହୁଥିଲେ ନାରାୟଣ ବିଶ୍ୱାଳ, ତାଙ୍କ ସ୍ତ୍ରୀ ସରୋଜିନୀ ଓ ଝିଅ ରୁକ୍ମିଣୀ। କରୋନାରେ ଆକ୍ରାନ୍ତ ହୋଇଥିବା ମା'ଙ୍କ ମୃତ୍ୟୁ ଘଟିବା ପରେ ରୁକ୍ମିଣୀ ନମୁନା ପରୀକ୍ଷା କରାଯାଇଥିଲା। ସେ କରୋନା ପଜିଟିଭ ଥିବା ଜଣାପଡ଼ିଥିଲା। ଝିଅର ଅବସ୍ଥା ଦେଖି ଘର ମାଲିକ ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍‌ର ଜିଲା ସଂଯୋଜକ ନାରାୟଣ ଶୁକ୍ଳା ଓ ଟାଙ୍ଗୀ-ଚୌଦ୍ୱାର ଟାସ୍କ ଫୋର୍ସ କମିଟି ସଦସ୍ୟ ନରୋତ୍ତମ ଦାସ ରବିବାର ରୁକ୍ମିଣୀକୁ ଉଦ୍ଧାର କରି ସିସିସିରେ ଭର୍ତ୍ତି କରିଥିଲେ। ସିସିସିର ମୁଖ୍ୟ ଦାମୋଦର ସାହୁଙ୍କ ତତ୍ତ୍ୱାବଧାନରେ ରୁକ୍ମିଣୀଙ୍କ ଚିକିତ୍ସା କରାଯାଉଛି।

## ସଂକ୍ଷେପରେ

### ମୁଢ଼ି ବସ୍ତା ଭିତରୁ ୧ଟନ୍ ଗଞ୍ଜେଇ ଜବତ

ଜୟପୁର, ୭।୬ (ନି.ପ୍ର.): ଅଭିନବ ଉପାରେ ମୁଢ଼ି ବସ୍ତା ଭିତରେ ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ଏହାକୁ ଧରିଛି। ପ୍ରାୟ ୧ ଟନ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏକ ଟ୍ରକ୍‌ରେ ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀ ଆଦିତ୍ୟ ମହାକୁଡ କୋରାପୁଟ ଘାଟିରେ ଜଗି ରହିଥିଲେ। ଟ୍ରକ୍ (ଏମ୍‌ଏଚ୍ ୧୮ ବିଜି-୫୫୪୧) ପହଞ୍ଚିବା ପରେ ଏହାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମୁଢ଼ି ବସ୍ତା ଭିତରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବ। ଏହାର ତଦନ୍ତ ପରେ ସବୁ ଜଣାପଡିବ ବୋଲି ଥାନା ଅଧିକାରୀ ମହାକୁଡ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗଞ୍ଜେଇ ଚାଲାଣକାରୀମାନେ ପରିବା ବସ୍ତା, ପଣସ ବସ୍ତା ଭିତରେ ଗଞ୍ଜେଇ ପୂରାଇ ନେଉଥିବା ବେଳେ ଧରାପଡ଼ିଥିଲେ। ଏବେ ପୋଲିସ ନଜର ହଟାଇବା ପାଇଁ ସେମାନେ ମୁଢ଼ି ବସ୍ତା ଭିତରେ ଗଞ୍ଜେଇ ନେଉଥିଲେ।

### ନଦୀରୁ ନବଜାତ ଶିଶୁକନ୍ୟା ମୃତଦେହ ଜବତ

ସାଲେପୁର,୭।୬(ଡି.ଏନ୍.ଏ.): କଟକ ଜିଲା ସାଲେପୁର ଥାନା ଅଧୀନ ବଟେଶ୍ୱର ଗ୍ରାମ ନିକଟ ଚିତ୍ରୋତ୍ପଳା ନଦୀ କୂଳରୁ ସୋମବାର ଏକ ନବଜାତ ଶିଶୁକନ୍ୟାର ମୃତଦେହ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ପହଞ୍ଚିଥିଲା। ସାଲେପୁର ଅଗ୍ନିଶମ ବାହିନୀ ସହାୟତାରେ ନଦୀରୁ ଉକ୍ତ ଶିଶୁକନ୍ୟାର ମୃତଦେହ ବାହାର କରାଯାଇଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, କେତେଜଣ ବ୍ୟକ୍ତି ଉକ୍ତ ନଦୀକୂଳରେ ବାର୍ତ୍ତାଳାପ କରୁଥିଲେ। ଏହାର କିଛି ସମୟ ପରେ ସେମାନେ ନଦୀରେ କିଛି ଫିଙ୍ଗି ଚାଲିଯାଇଥିଲେ। ସେଠାରେ ଥିବା ମତ୍ସ୍ୟଜୀବୀ ଓ ନିକଟ କ୍ଷେତରେ କାମ କରୁଥିବା କେତେଜଣ ଚାଷୀ ନଦୀରେ ଏକ ଶିଶୁ କନ୍ୟା ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ।

# ସଚେତନ କରିବ ଟିକି ମାଉସୀ

ଭୁବନେଶ୍ୱର, ୭।୬(ବ୍ୟୁରୋ)

## ‘ଟିକି ମାଉସୀ କହେ’ ଅଭିଯାନର ଶୁଭାରମ୍ଭ

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ‘ଟିକି ମାଉସୀ କହେ’ ଅଭିଯାନ ସୋମବାର ଶୁଭାରମ୍ଭ ହୋଇଛି। ବିଭାଗୀୟ ମନ୍ତ୍ରୀ ଟୁକୁନୀ ସାହୁ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିବା ସହିତ ‘ଟିକି ମାଉସୀ କହେ’ କମିକ୍ ବୁକ୍, ପ୍ରଚାର ଓ ପ୍ରସାର ସାମଗ୍ରୀ ଏବଂ ଆନିମେଶନର ଲୋକାର୍ପଣ କରିଛନ୍ତି। ମନ୍ତ୍ରୀ କହିଛନ୍ତି, କୋଭିଡ୍ ସଚେତନତା ଓ ନିୟମାବଳୀର କଠିନ ଅନୁପାଳନ ବ୍ୟବସ୍ଥାକୁ ଆମକୁ ଆହୁରି ଦୃଢ଼ୀଭୂତ କରିବାକୁ ହେବ। ପରିସ୍ଥିତିର ଦୃଢ଼ ମୁକାବିଲା କରିବା, ଯୋଗାଯୋଗ ମାଧ୍ୟମକୁ ଆହୁରି ସକ୍ରିୟ କରିବା ଏବଂ ସମାଜର ସବୁଠାରୁ ଶେଷଧାଡ଼ିରେ ଠିଆ ହୋଇଥିବା ଲୋକଟି ପାଖରେ କିଭଳି କୋଭିଡ୍ ସମ୍ବନ୍ଧୀୟ ଠିକ ତଥ୍ୟ ଓ ସୂଚନା ପହଞ୍ଚିପାରିବ ସେଥିପାଇଁ ‘ଟିକି ମାଉସୀ କହେ’ ଏକ ଅଭିନବ ଅଭିଯାନ। ବିଭାଗର ମାସ୍କଟ ଟିକି ମାଉସୀ ଜରିଆରେ କୋଭିଡ୍ ମାର୍ଗଦର୍ଶିକା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିବ। କୋଭିଡ୍ ସମୟରେ ମହିଳା, କିଶୋରୀ ଓ ଶିଶୁଙ୍କ ପୁଷ୍ଟିସାଧନ, ହିଂସାର ଶିକାର ହେଉଥିବା ମହିଳା ଓ କିଶୋରୀଙ୍କୁ ସୁରକ୍ଷା, କୋଭିଡ୍ ପ୍ରଭାବିତ ଶିଶୁଙ୍କ ନିରାପତ୍ତା, ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଆଶ୍ରୟ ଗୃହର ଅନ୍ତେବାସୀଙ୍କ ପାଇଁ ଜାଣିବା କଥା ଆଦି ସମ୍ପର୍କରେ ଏସବୁ ପ୍ରଚାର ପୁସ୍ତିକା ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଲେ, କୋଭିଡ୍ ଯୁଦ୍ଧରେ ଆମର ଆଗଧାଡ଼ିର କାର୍ଯ୍ୟକର୍ତ୍ତାମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ମାଧ୍ୟମରେ ଗୋଷ୍ଠୀ ସ୍ତରରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି। ଏଥିପାଇଁ ବିଭାଗର ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ପ୍ରଶିକ୍ଷିତ କାର୍ଯ୍ୟକର୍ତ୍ତା ମାସ୍କଟ ‘ଟିକି ମାଉସୀ’କୁ ସାମ୍ନାରେ ରଖି ଏହିସବୁ ପ୍ରଚାର ଓ ପ୍ରସାର ସାମଗ୍ରୀ ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରିବେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବାଲ୍ୟବିବାହ, ଯୌନ ନିର୍ଯାତନା, କମ୍ ବୟସର ଗର୍ଭବତୀ ହେବା ଆଦି ପ୍ରସଙ୍ଗକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ପ୍ରତିହତ କରିବା ଦିଗରେ ଏଭଳି କୌଶଳପୂର୍ଣ୍ଣ ପ୍ରଚାର ଓ ପ୍ରସାର ଲାଭଦାୟକ ହେବ ବୋଲି କହିଥିଲେ। ୟୁନିସେଫ୍ ସହଯୋଗରେ ପ୍ରସ୍ତୁତ ଏହି ପ୍ରଚାର ଅଭିଯାନ ସମ୍ପର୍କରେ ୟୁନିସେଫ୍ ଓଡ଼ିଶାର ମୁଖ୍ୟ କ୍ଷେତ୍ର ଅଧିକାରୀ ଡ. ମୋନିକା ନିଲେସନ୍ ସୂଚନା ଦେଇଥିଲେ। ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଅଭିଯାନର ସଫଳ ରୂପାୟନ ନିମନ୍ତେ କ୍ଷେତ୍ର କର୍ମଚାରୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ।

# ୮.୪୬ ଲକ୍ଷ ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ

ଭୁବନେଶ୍ୱର,୭।୬(ବ୍ୟୁରୋ)

## ୨.୩୨ ଲକ୍ଷ ଚାଷୀ ପଞ୍ଜୀକୃତ

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୧୭ଟି ଜିଲ୍ଲାରୁ ଅଦ୍ୟାବଧି ୮ ଲକ୍ଷ ୪୫ ହଜାର ୯୩୧ ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ କରାଯାଇଛି। ମଣ୍ଡିରେ ସାମାଜିକ ଦୂରତ୍ୱ ଓ କୋଭିଡ୍ ନିୟମକୁ କଡ଼ାକଡ଼ି ଅନୁପାଳନ କରାଯାଇ ରବିଧାନ ସଂଗ୍ରହ କାର୍ଯ୍ୟ ଜାରି ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ପଞ୍ଜୀକୃତ ଚାଷୀମାନଙ୍କୁ ମଣ୍ଡିରେ ଧାନ ବିକ୍ରି ନିମନ୍ତେ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବର୍ଷ ରବିଧାନ ବିକ୍ରି ନିମନ୍ତେ ରାଜ୍ୟର ମୋଟ ୨ ଲକ୍ଷ ୩୨ ହଜାର ୪୦୯ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ୨ ଲକ୍ଷ ୨୨ହଜାର ୮୨୩ ଜଣ ଚାଷୀଙ୍କ ଜମିଜମା ତଥ୍ୟ, ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ ଓ ଜଳସେଚିତ ଜମିର ପରିମାଣ ଆଦି ତଥ୍ୟର ଯାଞ୍ଚ ପ୍ରକ୍ରିୟା ସରିଛି। ଏଥି ମଧ୍ୟରୁ ଅଦ୍ୟାବଧି ୧ ଲକ୍ଷ ୨୬ ହଜାର ୪୫୨ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ରବିଧାନ ସଂଗ୍ରହ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୧୫୮୦କୋଟି ୨୦ ଲକ୍ଷ ଟଙ୍କା।

ରାଜ୍ୟରେ ୧୭ଟି ଜିଲ୍ଲାରୁ ରବିଧାନ ସଂଗ୍ରହ ହେଉଥିବାବେଳେ ଅଧିକ ଧାନସଂଗ୍ରହ କରାଯାଇଥିବା ଜିଲା ମଧ୍ୟରୁ ବରଗଡ଼ରେ ୩,୬୭,୭୧୨ ମେଟ୍ରିକ୍ ଟନ୍, ସୁବର୍ଣ୍ଣପୁର ୧,୩୯,୫୮୯ ମେଟ୍ରିକ୍ ଟନ୍, କଳାହାଣ୍ଡି ୧,୨୦,୧୯୧ ମେଟ୍ରିକ୍ ଟନ୍, ସମ୍ବଲପୁର ୯୪,୦୫୭ ମେଟ୍ରିକ୍ ଟନ୍, କୋରାପୁଟ ୩୪,୯୧୭ ମେଟ୍ରିକ୍ ଟନ ଓ ବାଲେଶ୍ୱର ଜିଲାରୁ ୨୭,୧୩୦ ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ ହୋଇଛି। ଚଳିତ ରବିଧାନ ସଂଗ୍ରହ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ କରାଯିବ।

# ବିଦ୍ୟୁତ୍ ସଂସ୍ପର୍ଶରେ ଦନ୍ତା ମୃତ

## ୪ ମାସ ହେଲା ଦୁଇ ବିଭାଗର ସମନ୍ୱୟ ବୈଠକ ହୋଇନି

ଭଞ୍ଜନଗର, ୭।୬(ଡି.ଏନ.ଏ)


ମୃତ ଦନ୍ତାହାତୀ।

ଗଞ୍ଜାମ ଜିଲା ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଡଉପଲ୍ଲୀ ନିକଟ କାଜୁ ଜଙ୍ଗଲରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ଜୀବନ ଯାଇଛି। ସୋମବାର ସକାଳେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଦୁଇ ବିଭାଗର ଅବହେଳାରୁ ହାତୀ ମୃତ୍ୟୁ ଘଟିଥିବା ଜଣାପଡିଛି।

ହାତୀ ଓ ଅନ୍ୟ ବନ୍ୟଜନ୍ତୁ ସୁରକ୍ଷା ପାଇଁ ପ୍ରତି ୨ ମାସରେ ଥରେ ବିଦ୍ୟୁତ୍ ଓ ବନ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୁଏ। ହେଲେ ଗତ ୪ ମାସ ମଧ୍ୟରେ ଥରେ ବି ଏପରି ବୈଠକ ହୋଇନି; ଯାହାଫଳରେ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳରେ ଓହଳି ରହିଥିବା ବିଦ୍ୟୁତ୍ ତାରଗୁଡ଼ିକ ଉପରକୁ ଟଣାଯାଇ ନ ଥିଲା। ଗତ ୩ଦିନ ହେଲା ୮ଟି ହାତୀ ବାଘୁଆପଲ୍ଲୀ, ବିଭୂତିଆ, ଡଉପଲ୍ଲୀ ଅଞ୍ଚଳରେ ଘୂରି ବୁଲୁଥିଲେ। ସେମାନଙ୍କୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ବିଭିନ୍ନ ସମୟରେ ବନ ବିଭାଗ ପକ୍ଷରୁ ଚେଷ୍ଟା କରାଯାଇଥିଲେ ମଧ୍ୟ ବିଦ୍ୟୁତ୍ ତାର ଉପରକୁ ଉଠାଇବା ପାଇଁ ଗୁରୁତ୍ୱ ଦିଆଯାଇ ନ ଥିଲା। ସୋମବାର ଭୋର୍‌ରେ ବନକର୍ମଚାରୀ ପାଟ୍ରୋଲିଂ ପାଇଁ ଯାଇଥିବା ବେଳେ ଦନ୍ତାହାତୀ ମରିପଡ଼ିଥିବା ଦେଖିଥିଲେ। ଡିଏଫଓ ଅଭୟ କାନ୍ତ ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ, ରେଞ୍ଜର କୁମର ବେହେରା, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଉକ୍ତ ଜଙ୍ଗଲରେ ବିଦ୍ୟୁତ୍ ତାର ୧୬ ଫୁଟ ୬ ଇଞ୍ଚ ଉଚ୍ଚରେ ରହିବା ବଦଳରେ ୧୨ ଫୁଟ ୬ ଇଞ୍ଚ ଉଚ୍ଚରେ ଥିବା ଦେଖାଯାଇଥିଲା। ଯେଉଁଠି ବିଦ୍ୟୁତ୍ ତାର ଓହଳି ରହୁଛି, ତାହାକୁ ଟାଣିବା ପାଇଁ ଡିଭିଜନସ୍ତରରେ ପୂର୍ବରୁ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲୁ ବୋଲି ଡିଏଫଓ ଦଳେଇ କହିଛନ୍ତି।

## ଯୁବକଙ୍କ ଗଳାକାଟି ହତ୍ୟା

କାଳିଆପାଣି,୭।୬(ଡି.ଏନ.ଏ.): ଯାଜପୁର ଜିଲା କାଳିଆପାଣି ଥାନା କଅଁସ ପଞ୍ଚାୟତ ଟିକରପଡ଼ା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ମହିଳାଙ୍କ ପେଟକୁ ଛୁରି ଭୁସି ହତ୍ୟା ଉଦ୍ୟମ କରାଯାଇଥିଲା। ଏହାକୁ ବିରୋଧ କରିବାକୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଗଳାକାଟି ହତ୍ୟା କରାଯାଇଛି। ସୋମବାର ରାତି ପ୍ରାୟ ୮ଟା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଦୁଃଖିଆ ଜୁଆଙ୍ଗ(୨୨)। ତାଙ୍କ ସ୍ତ୍ରୀ ଗୁରୁବାରୀ ଜୁଆଙ୍ଗ(୧୯) ଆହତ ହୋଇଛନ୍ତି। ପୋଲିସ ତନାଘନା ଚଳାଇଛି। ଟିକରପଡ଼ା ଗ୍ରାମର ମୁଖିଆ ଜୁଆଙ୍ଗ (୪୮) ଓ ଦୁଃଖିଆ ଜୁଆଙ୍ଗଙ୍କ ପରିବାର ମଧ୍ୟରେ ପୂର୍ବଶତ୍ରୁତା ଲାଗି ରହିଥିଲା। ସୋମବାର ରାତିରେ ମୁଖିଆ ଏକ ଛୁରି ଧରି ଗୁରୁବାରୀଙ୍କ ପେଟକୁ ଭୁସିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଦୁଃଖିଆ ମୁଖିଆଙ୍କୁ ବିରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ମୁଖିଆ ଦୁଃଖିଆଙ୍କ ତଣ୍ଟିକୁ ସେହି ଛୁରିରେ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଃଖିଆଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାରୀଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଶାଳୀ ମୁଣ୍ଡ କାଟିବା ପରେ ଶାଶୁଙ୍କୁ ବଳାତ୍କାର

ବଡ଼ବିଲ/କେନ୍ଦୁଝର, ୭।୬(ସ୍ୱ.ପ୍ର./ଡି.ଏନ.ଏ.)

## ଅଭିଯୁକ୍ତ ଫେରାର

କେନ୍ଦୁଝର ଜିଲା ବଲାଣୀ ଥାନା ଅଞ୍ଚଳରେ ରବିବାର ରାତିରେ ଏକ ଜଘନ୍ୟ କାଣ୍ଡ ଘଟିଛି। ଜଣେ ଯୁବକ ତାଙ୍କ ଶାଳୀ ମୁଣ୍ଡ କାଟି ହତ୍ୟା କରିବା ପରେ ଶାଶୁଙ୍କୁ ବାନ୍ଧି ବଳାତ୍କାର କରି ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଟାଙ୍ଗିଆରେ ହାଣି ଶାଳୀଙ୍କ ମୁଣ୍ଡକୁ ଅଲଗା କରି ପ୍ରାୟ ୨୦୦ ଫୁଟ ଦୂରରେ ଥିବା ଏକ ଖାଲକୁ ଫିଙ୍ଗିଦେଇଥିବା ଜଣାପଡ଼ିଛି। ସେମାନଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର କିରିବୁରୁ ଫାଣ୍ଡି ଅଞ୍ଚଳରେ। ତେବେ ଘଟଣାଟି ଝାଡ଼ଖଣ୍ଡ-ଓଡ଼ିଶା ସୀମା ବଲାଣୀ ଥାନା ଅନ୍ତର୍ଗତ କାରୋ ସଂରକ୍ଷିତ ଜଙ୍ଗଲରେ ଘଟିଥିବାରୁ ବଲାଣୀ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ରବିବାର ଅପରାହ୍ନରେ ଅଭିଯୁକ୍ତ ରୂପସିଂ ସିଦ୍ଧୁ ତାଙ୍କ ଶାଶୁ ଓ ଶାଳୀଙ୍କ ସହିତ କାରୋ ସଂରକ୍ଷିତ ଜଙ୍ଗଲକୁ କୁରୁକୁଟି, ଛତୁ ଆଦି ସଂଗ୍ରହ କରିବାକୁ ଯାଇଥିଲେ। ଫେରିବା ସମୟରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ଅଭିଯୁକ୍ତ ଧରିଥିବା ଟାଙ୍ଗିଆରେ ତାଙ୍କ ଶାଳୀଙ୍କୁ ଆକ୍ରମଣ କରିଥିଲେ। ଶାଶୁ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଗାମୁଛାରେ ବାନ୍ଧି ବଳାତ୍କାର କରିଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଛନ୍ତି। କୌଶଳ କ୍ରମେ ବଳାତ୍କାର ପୀଡ଼ିତା ରବିବାର ରାତିରେ କିରିବୁରୁ ଫାଣ୍ଡିକୁ ଯାଇ ଏତଲା ଦେଇଥିଲେ। ବଲାଣୀ ଥାନା ଅଧିକାରୀ ବିଜୟ ବିହାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ। ସୋମବାର ଅପରାହ୍ନରେ କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ପ୍ରସାଦ ବେହେରା ଓ ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ଶେଖର ବେହେରା ଦମକଳ ବାହିନୀ ଏବଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୫୧/୨୧) ରୁଜୁ ହୋଇଛି।

## ଖେଳ ଖବର

# ଇଂଲଣ୍ଡ ଦଳରେ ଡମ୍ ବେସ୍ ସାମିଲ

ବର୍ମିଂହାମ, ୭।୬





ଡମ୍ ବେସ୍ ଟ୍ରେଣ୍ଟ ବୋଲ୍ଟ

ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ପ୍ରଥମ କ୍ରିକେଟ ଟେଷ୍ଟ ଡ୍ର ରହିଛି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୩୭୮ ଏବଂ ଇଂଲଣ୍ଡ ୨୭୫ ରନ କରିଥିଲା। ନ୍ୟୁଜିଲାଣ୍ଡ ଏହାର ଦ୍ୱିତୀୟ ଇନିଂସକୁ ୧୬୯/୬ରେ ଘୋଷଣା କରିବାରୁ ଇଂଲଣ୍ଡ ସମ୍ମୁଖରେ ୭୫ ଓଭରରୁ ୨୭୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଇଂଲଣ୍ଡ ଧିମା ଖେଳି ଖେଳ ଶେଷ ହେବା ବେଳକୁ ୩ ଉଇକେଟ ହରାଇ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ପ୍ରଥମ ଇନିଂସରେ ଦ୍ୱିଶତକ ହାସଲ କରିଥିବା ନ୍ୟୁଜିଲାଣ୍ଡର ଡେଭନ କନ୍‌ୱେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଜବାଷ୍ଟନଠାରେ ଚଳିତମାସ ୧୦ରୁ ୧୪ ପର୍ଯ୍ୟନ୍ତ ଖେଳାଯିବ। ଏହି ମ୍ୟାଚ ପାଇଁ ୟର୍କଶାୟାର ସ୍ପିନର ଡମ୍ ବେସ୍‌ଙ୍କୁ ଇଂଲଣ୍ଡ ଦଳରେ ସାମିଲ କରାଯାଇଛି। ତେବେ ଜ୍ୟାକ୍ ଲିଚ୍ ଇଂଲଣ୍ଡର ପ୍ରଥମ ପସନ୍ଦ ସ୍ପିନର ରହିଛନ୍ତି। କୋଭିଡ୍-୧୯ଜନିତ କଟକଣାକୁ ଦୃଷ୍ଟିରେ ରଖି ଲିଚ୍ ଉପଲବ୍ଧ ହେଲେ ଖେଳିବେ। ତାଙ୍କ ବ୍ୟାକ୍-ଅପ୍ ଖେଳାଳିଭାବେ ବେସ୍‌ଙ୍କୁ ଡକାଯାଇଛି।

ବେସ୍ ରବିବାର ରାତିରେ ବର୍ମିଂହାମରେ ପହଞ୍ଚିଛନ୍ତି। ଗୋଟିଏ ଦିନ ପୂର୍ବରୁ ସେ ୪ ଉଇକେଟ ହାସଲ କରି ସସେକ୍ସ ବିପକ୍ଷରେ ୟର୍କଶାୟାରକୁ କାଉଣ୍ଟି କ୍ରିକେଟରେ ବିଜୟୀ କରାଇଥିଲେ। ଦୁଇଦିନ ଆଇସୋଲେଶନ ଏବଂ ଟେଷ୍ଟିଂ ଔପଚାରିକତା ପୂରଣ ପରେ ସେ ବୁଧବାରଠାରୁ ଦଳସହ ଟ୍ରେନିଂରେ ଯୋଗଦେବେ। ନିକଟ ଅତୀତରେ ସ୍ଥାନୀୟ ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ ଇଂଲଣ୍ଡ ଏଠାରେ ଜଣେ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା ନିଶ୍ଚିତ। ‘‘ଦଳରେ ଯଦିଓ ଲିଚ୍ ଅଛନ୍ତି ତେବେ ତାଙ୍କ ବ୍ୟାକ୍-ଅପ୍ ପାଇଁ ଜଣେ ଖେଳାଳିଙ୍କ ଆବଶ୍ୟକତା ରହିଥିଲା। ଯଦି କନକସନ ରିପ୍ଲେସମେଣ୍ଟ କିମ୍ବା ସେପରି କିଛି ଆବଶ୍ୟକ ପଡ଼େ ତେବେ ବେସ୍‌ଙ୍କୁ ନିଆଯାଇପାରିବ’’ ବୋଲି ଇଂଲଣ୍ଡ କୋଚ୍ କ୍ରିସ୍ ସିଲଭରଉଡ୍ ପ୍ରକାଶ କରିଛନ୍ତି।

### ବୋଲ୍ଟ ଖେଳିବା ସମ୍ଭାବନା

ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ଯଦିଓ ପ୍ରଭାବୀ ପ୍ରଦର୍ଶନ କରିଛି ତେବେ ଦ୍ୱିତୀୟ ଟେଷ୍ଟରେ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ସାମିଲ ହେବା ସମ୍ଭାବନା ରହିଛି। ଆଶାଠାରୁ ୩-୪ ଦିନ ପୂର୍ବରୁ ସେ ଆଇସୋଲେଶନରୁ ବାହାରକୁ ଆସିଛନ୍ତି ବୋଲି କୋଚ୍ ଗ୍ୟାରୀ ଷ୍ଟେଡ୍ ପ୍ରକାଶ କରିଛନ୍ତି। ବୋଲ୍ଟ ଶେଷଥରପାଇଁ ଚଳିତବର୍ଷ ଜାନୁୟାରୀରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଖେଳିଥିଲେ। ସେ କେବଳ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବେ ବୋଲି ପୂର୍ବରୁ ଆଶା କରାଯାଉଥିଲା। ସେ ଅଧାରୁ ବନ୍ଦ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ ଖେଳିବାପରେ ୟୁକେ ନ ଆସି ସିଧା ଘରକୁ ଯାଇଥିଲେ। ଫଳରେ ବିଳମ୍ବରେ ଅର୍ଥାତ୍ ଗତ ସପ୍ତାହରେ ଇଂଲଣ୍ଡରେ ପହଞ୍ଚିଥିଲେ। କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ଅନୁସାରେ ସେ ଦ୍ୱିତୀୟ ଟେଷ୍ଟ ଖେଳିବା ସମ୍ଭାବନା କ୍ଷୀଣ ବୋଲି ପୂର୍ବରୁ ଷ୍ଟେଡ୍ ସୂଚନା ଦେଇଥିଲେ। ମାତ୍ର ପରବର୍ତ୍ତୀ ନିୟମ ଅନୁସାରେ ୟୁକେରେ ପହଞ୍ଚିବାପରେ ତାଙ୍କୁ ଅଭ୍ୟାସ ପାଇଁ ଅନୁମତି ମିଳିଛି। ତେବେ ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ହେବେ କି ନାହିଁ ତାହା ଦିନେ ଦୁଇଦିନ ମଧ୍ୟରେ ଜଣାପଡ଼ିବ। ବ୍ରିଟିଶ୍ ସରକାର କ୍ୱାରାଣ୍ଟାଇନ୍ ନିୟମରେ କୋହଳ କରିଛନ୍ତି। ତେଣୁ ଆଶାଠାରୁ ୩-୪ ଦିନ ପୂର୍ବରୁ ବୋଲ୍ଟ ଆଇସୋଲେଶନରୁ ବାହାରକୁ ଆସିଛନ୍ତି। ଫଳରେ ସେ ଖେଳିବା ସମ୍ଭାବନା ରହିଛି ବୋଲି କୋଚ୍ ଆଶା ପ୍ରକାଶ କରିଛନ୍ତି। ଯଦି ବୋଲ୍ଟ ଉପଲବ୍ଧ ହେବେ ତେବେ ଲର୍ଡ୍ସରେ ୪୧.୧ ଓଭର ବୋଲିଂ କରିଥିବା ଟିମ୍ ସୌଦୀ, କାଏଲ ଜେମିସନ (୪୧ ଓଭର) କିମ୍ବା ନେଲ ୱାଗନର (୪୦ ଓଭର)ଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦିଆଯାଇପାରେ। ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଆସୁଥିବାରୁ ସୌଦୀଙ୍କୁ ବିଶ୍ରାମ ଦିଆଯିବା ସମ୍ଭାବନା ଅଧିକ ରହିଛି।

## ସ୍ଲୋ ଓଭର ରେଟ୍ ପାଇଁ ଇଂଲଣ୍ଡକୁ ଜରିମାନା

ଲଣ୍ଡନ, ୭।୬ (ପି.ଟି.): ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ସ୍ଲୋ-ଓଭର ରେଟ୍ ବୋଲିଂ ପାଇଁ ଇଂଲଣ୍ଡକୁ ସେମାନଙ୍କ ମ୍ୟାଚ ଫି'ର ୪୦ ପ୍ରତିଶତ ଜରିମାନା ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛୁଆ ରହିବାରୁ ଆଇସିସି ମ୍ୟାଚ ରେଫରି କ୍ରିସ୍ ବ୍ରଡ୍ ଏହି ଦଣ୍ଡବିଧାନ କରିଛନ୍ତି। ଖେଳାଳି ଏବଂ ସେମାନଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଉଦ୍ଦିଷ୍ଟ ଆଇସିସି ଆଚରଣବିଧି ଧାରା ୨.୨୨ ଅନୁସାରେ ଗୋଟିଏ ଓଭର ରେଟ୍ ଅପରାଧ ପାଇଁ ମ୍ୟାଚ ଫି'ର ୨୦ ପ୍ରତିଶତ ଦଣ୍ଡ ବ୍ୟବସ୍ଥା ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ରୁଟ୍ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଘରୋଇ ଦଳ ବିରୋଧରେ ଫିଲ୍ଡ ଅମ୍ପାୟର ମାଇକେଲ ଗଫ୍ ଓ ରିଚାର୍ଡ କେଟେଲବୋରୋ ଏବଂ ଚତୁର୍ଥ ଅମ୍ପାୟର ମାଇକ୍ ବର୍ନ୍ସ ଅଭିଯୋଗ ଆଣିଥିଲେ।

# ଅକ୍ଟୋବର ୧୫କୁ ଘୁଞ୍ଚିପାରେ ଆଇପିଏଲ୍ ଫାଇନାଲ

ନୂଆଦିଲ୍ଲୀ, ୭।୬(ପି.ଟି.)




ଅଧାରୁ ବନ୍ଦ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫାଇନାଲ ଅକ୍ଟୋବର ୧୫କୁ ଘୁଞ୍ଚିପାରେ। ପ୍ରତିଯୋଗିତା ସ୍ଥଳ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଡବଲ ହେଡର ସଂଖ୍ୟା କମାଇ ଦିଆଯିବାକୁ ଥିବାରୁ ଏ ପରିସ୍ଥିତି ଉପୁଜିଛି। ପୂର୍ବରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରେ ଆରମ୍ଭ ହୋଇ ଅକ୍ଟୋବର ୧୦ରେ ଶେଷ କରାଯିବାକୁ ଯୋଜନା ରହିଥିଲା। ମାତ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଆକର୍ଷକ ଟି୨୦ ଇଭେଣ୍ଟକୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବଢ଼ାଇବାକୁ ଚିନ୍ତା କରୁଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ୱିଣ୍ଡୋ ବାହାର କରାଯାଇଛି। ବିସିସିଆଇ ୧୦ ଡବଲ ହେଡର(ଦିନକୁ ୨ ମ୍ୟାଚ) କରିବାକୁ ଚିନ୍ତା କରୁଥିଲା। ମାତ୍ର ସେପ୍ଟେମ୍ବର ତୃତୀୟ ଏବଂ ୪ର୍ଥ ସପ୍ତାହରେ ଅଳ୍ପଦିନରେ ଅଧିକ ଅପରାହ୍ନ ମ୍ୟାଚ ଖେଳାଳିଙ୍କୁ ଶାରୀରିକଭାବେ କ୍ଷତି ପହଞ୍ଚାଇପାରେ। ତେଣୁ ଡବଲ ହେଡର ସଂଖ୍ୟାକୁ ୫ କିମ୍ବା ୬କୁ କମାଇ ଫାଇନାଲ ଅକ୍ଟୋବର ୧୫ରେ କରାଇବାକୁ ଯୋଜନା ହେଉଛି। ୧୫ ତାରିଖ ଶୁକ୍ରବାର ଭାରତରେ ସପ୍ତାହାନ୍ତ ଏବଂ ଦୁବାଇରେ ଛୁଟିଦିନ ପଡୁଥିବାରୁ ଅଧିକରୁ ଅଧିକ ଦର୍ଶକ ଏହାକୁ ଉପଭୋଗ କରିପାରିବେ ବୋଲି ବିସିସିଆଇର ଏକ ସୂତ୍ରରୁ ପ୍ରକାଶ କରାଯାଇଛି।

ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ଉପସଭାପତି ରାଜୀବ ଶୁକ୍ଲା, କାର୍ଯ୍ୟକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ହେମାଙ୍ଗ ଅମିନ, କୋଷାଧ୍ୟକ୍ଷ ଅରୁଣ ଧୁମାଲ ଯୁଗ୍ମ ସମ୍ପାଦକ ଜୟେଶ ଜର୍ଜ ଏବଂ ଆଇପିଏଲ୍ ଚେୟାରମ୍ୟାନ ବ୍ରିଜେଶ ପଟେଲ ସମ୍ପ୍ରତି ୟୁଏଇରେ ଅଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ ଅଫିସିଆଲଙ୍କ ସହ ସିରିଜ ବୈଠକ ପରେ ବିସିସିଆଇ ସମ୍ପାଦକ ଜୟ ଶାହା ଭାରତ ଫେରି ଆସିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ସେପ୍ଟେମ୍ବର ୧୪ରେ ଶେଷ ହେବ। ଏହାର ପରଦିନ ଭାରତୀୟ ଦଳରେ ଥିବା ଆଇପିଏଲ୍ ଖେଳାଳିମାନେ ମାଞ୍ଚେଷ୍ଟରରୁ ଏକ ଚାର୍ଟାର୍ଡ ବିମାନରେ ଦୁବାଇ ଯିବେ। ସେଠାରେ ସେମାନେ ସମ୍ଭବତଃ ୩ ଦିନିଆ କଠିନ କ୍ୱାରାଣ୍ଟାଇନ୍‌ରେ ରହିବେ। ତେବେ ଖେଳାଳିମାନେ ୟୁକେ ବାୟୋ-ବବ୍‌ଲରୁ ଆସୁଥିବାରୁ କୋହଳ ମନୋବୃତ୍ତି ଅବଲମ୍ବନ କରାଯାଇପାରେ।

# ୧୮ ବର୍ଷରୁ କମ୍ ଚେସ୍‌ରେ ଓଡ଼ିଶାରୁ ୮ ଭାଗନେବେ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)



ରାଜ୍ୟ ୧୮ ବର୍ଷରୁ କମ୍ ବାଳିକା ଏବଂ ଓପନ ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହାର ବାଳିକା ବର୍ଗରେ କଟକର ଅଙ୍କିତା ସାହୁ ଚାମ୍ପିୟନ ଏବଂ ଖୋର୍ଦ୍ଧାର ଯଶିତା ରାଉତ ରନର୍ସଅପ୍ ହୋଇଛନ୍ତି। ସେହିପରି ଓପନ ବର୍ଗରେ ପୁରୀର ଜଗଦୀଶ ବାରିକ ଚାମ୍ପିୟନ ଏବଂ ଖୋର୍ଦ୍ଧାର ମନୀଷ କୁମାର ରନର୍ସଅପ୍ ହୋଇଛନ୍ତି। ଏହି ୪ ଜଣଙ୍କ ସମେତ ମହିଳା ଫିଡେ ମାଷ୍ଟର ଖୋର୍ଦ୍ଧାର ସାଇନା ସାଲୋନିକା, ଅନ୍ୟତମ ଖୋର୍ଦ୍ଧା ଖେଳାଳି ମହିତୋଷ ଦେ, କଟକର ହର୍ଷିତ ରଞ୍ଜନ ସାହୁ ଏବଂ ଢେଙ୍କାନାଳର ସୂର୍ଯ୍ୟପ୍ରଞ୍ଜଳ ଇନ୍ଦ୍ରଜିତ ଏସ୍.ପି. ୧୮ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଟୋର୍ନେଲୋ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୪୬ ବାଳକ ଏବଂ ୧୯ ବାଳିକା ଭାଗ ନେଇଥିଲେ। ବାଳକ ବିଭାଗରେ ୬ ଏବଂ ବାଳିକାରେ ୫ ରାଉଣ୍ଡ ଖେଳ ହୋଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜାତୀୟ ପ୍ରତିଯୋଗିତା ଟୋର୍ନେଲୋ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବାଳିକା ବିଭାଗରେ ଟପ୍-୧୦ ଫିନିଶ୍ କରି ପୁରସ୍କାର ହାସଲ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ଅନିଷ୍କା ପାଣ୍ଡେ, ସୁହାନା ଜେନା, ପି. ସାଇରୂପା, ବିଜୟଲକ୍ଷ୍ମୀ ବାରିକ, ନମସ୍ୟା ନଳିନୀ, ଅନନ୍ୟା ଅନାମିକା, ଦୃଷ୍ଟି ପ୍ରଧାନ ଏବଂ ସାଞ୍ଚି ସାହୁ। ସେହିପରି ଓପନ ବିଭାଗରେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ହେଲେ ଆର୍ଯ୍ୟନ ଅର୍ଣ୍ଣବ ସାମନ୍ତରାୟ, ହର୍ଷିତ ରଞ୍ଜନ ସାହୁ, ସମ୍ବିତ ପଣ୍ଡା, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଫିଡେ ମାଷ୍ଟର ମହୀତୋଷ ଦେ, ଶ୍ରୀୟାଂଶ ଦାସ, ପ୍ରିୟାଂଶ ଦାସ ଏବଂ ସତ୍ୟମ୍ ନାୟକ। ରାଜ୍ୟ ୧୬ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍ ଆରମ୍ଭ ହୋଇଛି।

**ଡିଏଚ୍ଏଫ୍ଏଲ୍ ବିକ୍ରିକୁ ଏନ୍‌ସିଏଲ୍‌ଟି ମଞ୍ଜୁରୀ**

ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍ଏଫ୍ଏଲ୍) ବିକ୍ରି ଲାଗି ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ର ମୁମ୍ବାଇ ବେଞ୍ଚ ପିରାମଲ୍ ଗ୍ରୁପର ରିଜଲ୍ୟୁଶନ ପ୍ଲାନକୁ ମଞ୍ଜୁରୀ ଦେଇଛନ୍ତି। ଏହି ମଞ୍ଜୁରୀ ନ୍ୟାଶନାଲ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ଏବଂ ସୁପ୍ରିମକୋର୍ଟଙ୍କ ଚୂଡାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରିବ। ଉଲ୍ଲେଖଯୋଗ୍ୟ, ପିରାମଲ୍ ଗ୍ରୁପ ଡିଏଚ୍ଏଫ୍ଏଲ୍ ଲାଗି ୩୭,୨୫୦ କୋଟି ଟଙ୍କାର ଅଫର ଦେଇଛି।

## ସଂକ୍ଷେପରେ

### ଅଭିବୃଦ୍ଧି ଆକଳନ ୯.୫% କୁ କମାଇଲା କ୍ରିସିଲ

**ମୁମ୍ବାଇ,୭।୬:** ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଆକଳନକୁ ରେଟିଂ ଏଜେନ୍ସି କ୍ରିସିଲ ହ୍ରାସ କରି ୯.୫% ରଖିଛି। ଜିଡିପି ୧୧% ହାରରେ ବଢ଼ିବ ବୋଲି ଏହି ଏଜେନ୍ସି ପୂର୍ବରୁ କହିଥିଲା। ମାତ୍ର ଦ୍ୱିତୀୟ ଲହର ଆସିବା ଯୋଗୁ ଘରୋଇ ବଜାରରେ ଚାହିଦା ଏବଂ ନିବେଶ ହ୍ରାସ ଭଳି ଘଟଣା ଦେଖାଯିବାରୁ ଅଭିବୃଦ୍ଧି ଆକଳନକୁ ଏହା ହ୍ରାସ କରିଛି। କେବଳ କ୍ରିସିଲ ନୁହେଁ ଅନ୍ୟ ଏଜେନ୍ସିଗୁଡିକ ମଧ ମଧ ପୂର୍ବରୁ କରିଥିବା ଆକଳନରେ ହ୍ରାସ କରିଥିବା ଦେଖାଯାଇଛି। ଜିଡିପି ପ୍ରାୟ ୭.୯% ରହିପାରେ ବୋଲି ଅନ୍ୟ କିଛି ଏଜେନ୍ସି ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ଜିଡିପି -୭.୩% ନିମ୍ନରେ ରହିଛି। ବର୍ତ୍ତମାନ ଦେଶ ମଧ୍ୟରେ ଟିକାକରଣ କମ୍ ହେଉଛି।ଯଦି ଆଉ ଏକ ଲହର ଆଗାମୀ ଦିନରେ ଆସେ ତେବେ ପୁଣି ଥରେ ବଜାର ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ବର୍ତ୍ତମାନ କରୋନା ମାମଲା ସାମାନ୍ୟ କମିଛି। ରାଜ୍ୟଗୁଡିକ କଟକଣା ହ୍ରାସ କରିବା ଲାଗି ଅଗ୍ରସର ହେଉଛନ୍ତି। ଅଭିବୃଦ୍ଧି କିଭଳି ରହିବ ତାକୁ ମଧ ଦେଖିବାକୁ ହେବ।

### ଘରୋଇ ଉଡ଼ାଣ ନିୟମ କୋହଳ ହୋଇପାରେ

**ନୂଆଦିଲ୍ଲୀ,୭।୬:** କୋଭିଡ୍ ଯୋଗୁ ବର୍ତ୍ତମାନ ଉଭୟ ବିଦେଶୀ ଏବଂ ଘରୋଇ ବିମାନ ସେବା ଉପରେ କଟକଣା ଲାଗିଛି। ତେବେ ଆଗାମୀ ଦିନରେ ଦେଶ ମଧ୍ୟରେ ଉଡ଼ାଣ ଲାଗି ସରକାର କିଛିଟା କୋହଳ ସୀମା ଅବଲମ୍ବନ କରିପାରନ୍ତି। କୋଭିଡ୍-୧୯ ଟିକାର ଉଭୟ ଡୋଜ୍ ନେଇଥିଲେ ଦେଶ ମଧ୍ୟରେ ବିମାନ ସେବା ଲାଭ କରିବା ପାଇଁ ଆଗାମୀ ଦିନରେ ସୁଯୋଗ ମିଳିପାରେ। ଏ ନେଇ କେନ୍ଦ୍ର ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଯାତ୍ରୀଙ୍କୁ କୌଣସି ନେଗେଟିଭ ରିପୋର୍ଟ ଆଗକୁ ଦେବାକୁ ପଡ଼ି ନ ପାରେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବର୍ତ୍ତମାନ ଆଲୋଚନା ଜାରି ରହିଥିବା ଅଧିକାରୀ ଜଣକ କହିଛନ୍ତି।

# ରେକର୍ଡ ସ୍ତରରେ ପୁଞ୍ଜିବଜାର

ମୁମ୍ବାଇ,୭।୬



- ସେନ୍‌ସେକ୍ସ,ନିଫ୍ଟି ଊର୍ଦ୍ଧ୍ୱଗାମୀ
- ୫୨,୩୨୮ ପଏଣ୍ଟରେ ସେନ୍‌ସେକ୍ସ

ଭାରତୀୟ ପୁଞ୍ଜିବଜାର ସୋମବାର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। କୋଭିଡ୍ ମାମଲା କମିବା ସହ ରାଜ୍ୟଗୁଡିକ ସ୍ତରରେ କଟକଣା ହଟାଯିବା କାରଣରୁ ନିବେଶକମାନେ ଉତ୍ସାହିତ ହୋଇଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ସୋମବାର ୨୨୮.୪୬ ପଏଣ୍ଟ(୦.୪୪%) ଊର୍ଦ୍ଧ୍ୱରେ ରହି ୫୨,୩୨୮.୫୧ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଶକ୍ତି, ଆଇଟି ଏବଂ ବ୍ୟାଙ୍କ ଷ୍ଟକ୍ କାରବାର ବେଶ୍ ଉନ୍ନତ ରହିଥିବା ଦେଖାଯାଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) କାରବାର ୮୧.୪୦ ପଏଣ୍ଟ(୦.୫୨%) ବଢ଼ିବା ଯୋଗୁ ସର୍ବକାଳୀନ ରେକର୍ଡ ୧୫,୭୫୧.୬୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ସବୁଠାରୁ ଭଲ କାରବାର କରିଥିବା କମ୍ପାନୀ ମଧ୍ୟରେ ପାୱାର ଗ୍ରୀଡ୍ ରହିଛି। ଏହାର ଶେୟାର ପ୍ରାୟ ୪.୪୪% ବୃଦ୍ଧି ହୋଇଛି। ସେହିଭଳି ଏନ୍‌ଟିପିସି, ଅଲ୍ଟ୍ରାଟେକ୍ ସିମେଣ୍ଟ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଏଚ୍‌ସିଏଲ୍, ଟେକ୍ ମହିନ୍ଦ୍ରା ଏବଂ ଏଲ୍ ଆଣ୍ଡ ଟି ର ଶେୟାର କାରବାର ବେଶ୍ ଉନ୍ନତ ରହିଛି। ସେନ୍‌ସେକ୍ସର ମୋଟ କାରବାର ମଧ୍ୟରୁ ସେନ୍‌ସେକ୍ସର ଅଂଶ ପ୍ରାୟ ଅଧା ରହିଛି। ଏହାବାଦ ବଜାଜ ଫାଇନାନ୍ସ, ବଜାଜ ଫିନ୍‌ସର୍ଭ, ଏଚ୍‌ଡିଏଫ୍‌ସି, ଡ.ରେଡିସ, ଏସ୍‌ବିଆଇ ଏବଂ ଓଏନ୍‌ଜିସି କାରବାର ପ୍ରଭାବିତ ସ୍ଥିତିରେ ରହିଛି। ଏହି କମ୍ପାନୀଗୁଡ଼ିକର କାରବାର ପ୍ରାୟ ୨.୪୩% ନିମ୍ନରେ ରହିଛି।

କରୋନା ସଂକ୍ରମଣ ହ୍ରାସ ଏବଂ ରାଜ୍ୟଗୁଡ଼ିକ ସ୍ତରରେ କଟକଣା ହ୍ରାସ ହେବା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡିଥିବା ରିଲାଏନ୍ସ ସିକ୍ୟୁରିଟିଜର ଷ୍ଟ୍ରାଟେଜି ମୁଖ୍ୟ ବିନୋଦ ମୋଦି କହିଛନ୍ତି। ସେକ୍ଟର କଥା ବିଚାରକୁ ନେଲେ ବିଏସ୍‌ଇ ୟୁଟିଲିଟି, ଶକ୍ତି, ଟେଲିକମ୍, ଏନର୍ଜି, ତୈଳ ଏବଂ ବାଷ୍ପ, ଔଦ୍ୟୋଗିକ ଏବଂ ଆଇଟି ସୂଚକାଙ୍କ ପ୍ରାୟ ୩.୩୩% ବଢ଼ିଛି। ସେହିଭଳି ରିୟଲ ଇଷ୍ଟେଟ, ଫାଇନାନ୍ସ, ମେଟାଲ ଶେୟାର କାରବାର କ୍ଷତି ସହିଥିବା ଦେଖାଯାଇଛି। ବିଏସ୍‌ଇର ମିଡ୍‌କ୍ୟାପ ଏବଂ ସ୍ମଲ କ୍ୟାପ୍ ପ୍ରାୟ ୧.୩୮% ବଢ଼ିଥିବା ନଜରକୁ ଆସିଛି।

# ବାଧାପ୍ରାପ୍ତ ହୋଇପାରେ ବ୍ୟାଙ୍କ ଘରୋଇକରଣ

ନୂଆଦିଲ୍ଲୀ,୭।୬

ସରକାର ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ନେଇ ଯୋଜନା ରଖିଛନ୍ତି। ତେବେ ଚଳିତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ସାରିବା ଲାଗି ବିଳମ୍ବ ହୋଇପାରେ ବୋଲି ରେଟିଂ ଏଜେନ୍ସି ଫିଚ୍ ପକ୍ଷରୁ ସୋମବାର କୁହାଯାଇଛି। କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁ ଭାରତୀୟ ବ୍ୟାଙ୍କିଙ୍ଗ୍ ସେକ୍ଟର ଉପରେ ବିଭିନ୍ନ ଆହ୍ୱାନ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଫେବୃଆରୀରେ ଆସିଥିବା ବଜେଟରେ ସରକାର ୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ସମ୍ପର୍କରେ ଘୋଷଣା କରିଥିଲେ। ୨ ବ୍ୟାଙ୍କ ଏବଂ ଗୋଟିଏ ସାଧାରଣ ବୀମା କମ୍ପାନୀ ନାମ ଚୂଡ଼ାନ୍ତ କରିବା ଲାଗି ନୀତି ଆୟୋଗକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର କୋଭିଡ୍-୧୯ ଯୋଗୁ ଉପୁଜିଥିବା ସ୍ଥିତି ବ୍ୟାଙ୍କ ଘରୋଇକରଣ କାର୍ଯ୍ୟକୁ ପ୍ରଭାବିତ କରିବ ବୋଲି ଏହି ଏଜେନ୍ସି ପକ୍ଷରୁ କୁହାଯାଇଛି। ଭାରତୀୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ସରକାର ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନେଉଥିବା ସରକାର କହିଛନ୍ତି। ଏହାଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ସଂଖ୍ୟା କମାଯିବାକୁ ଯୋଜନା ରଖାଯାଇଛି। ୨୦୧୭ରେ ଦେଶ ମଧ୍ୟରେ ୨୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଥିବା ବେଳେ ଏହା ୨୦୨୦ରେ ୧୨କୁ ଖସିଛି। ୩ଟି ମିଶ୍ରଣ ପ୍ରକ୍ରିୟାରେ ବ୍ୟାଙ୍କଗୁଡିକର ସଂଖ୍ୟାରେ ହ୍ରାସ ହୋଇଛି। ବ୍ୟାଙ୍କ ଘରୋଇକରଣ କ୍ଷେତ୍ରରେ ରାଜନୈତିକ ବିରୋଧ, ଢାଞ୍ଚାଗତ ଆହ୍ୱାନ, ମହାମାରୀ ଯୋଗୁ ବାଲାନ୍ସ ଶିଟ୍ ଉପରେ ପ୍ରଭାବ ଦେଖାଯାଇପାରେ। ଫଳରେ ବ୍ୟାଙ୍କଗୁଡିକର ପରଫରମାନ୍ସ ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଚାପଗ୍ରସ୍ତ ହୋଇପାରେ ବୋଲି ଫିଚ୍ ରିପୋର୍ଟରେ ପ୍ରକାଶ ପାଇଛି।

ଏଭଳି ପ୍ରକ୍ରିୟାକୁ ଆଗକୁ ବଢାଇବା ଲାଗି ବିଭିନ୍ନ ଆଇନରେ ପରିବର୍ତ୍ତନ ଲୋଡ଼ା ପଡିବ। ସଂସଦରେ ଏ ସଂକ୍ରାନ୍ତ ସଂଶୋଧନ ଆଇନକୁ ତୀବ୍ର ବିରୋଧ ଦେଖିବାକୁ ମିଳିପାରେ।

# ୨ ଅଙ୍କ ଅଭିବୃଦ୍ଧି ହାସଲ କରିବ ଇ-ଟୁହ୍ୱିଲର୍ସ ବଜାର

**ମୁମ୍ବାଇ,୭।୬:** ଆଗାମୀ ୨ ବର୍ଷରେ ଦେଶର ଇଲେକ୍ଟ୍ରିକ ଟୁହ୍ୱିଲର୍ସ ବଜାର ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ବୋଲି ଏକ ଆକଳନ କରାଯାଇଛି। ଏହା ଧାରାକୁ ଉତ୍ସାହିତ କରିବା ଲାଗି ନୀତି ନିର୍ଦ୍ଧାରକ ଏବଂ ବଜାର ଅଂଶୀଦାରମାନେ ମିଳିତ ହୋଇ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ସେ ଉପରେ ସମସ୍ତଙ୍କ ନଜର ରହିଛି। ଏଭଳି ସ୍ଥିତିରେ ଦେଶର ପ୍ରମୁଖ ଇଯାନ ନିର୍ମାତା ହିରୋ ଇଲେକ୍ଟ୍ରିକ ଭାରତ ବଜାରକୁ ପରିବର୍ତ୍ତନ କରିବା ଦିଗରେ ନିଜର ଉଦ୍ୟମ ଜାରି ରଖିଛି। କମ୍ପାନୀର ସିଇଓ ସୋହିନ୍ଦର ଗିଲ୍ କହିଛନ୍ତି, ଦେଶରେ ଏକ ଉନ୍ନତ ଇକୋସିଷ୍ଟମ ପ୍ରତି ରହିଥିବା ଉତ୍ତରଦାୟିତ୍ୱକୁ ବୁଝିଛୁ। ବର୍ତ୍ତମାନ ପରିବେଶ ଉପଯୋଗୀ ଯାନର ମହତ୍ତ୍ୱକୁ ଗ୍ରାହକ ବୁଝିପାରୁଛନ୍ତି। ଇ-ଯାନ ଦ୍ୱାରା ଲୋକମାନେ ଭାଲ୍ୟୁ ଫର ମନି ଏବଂ ଆରାମ ମଧ ପାଇପାରୁଛନ୍ତି। ସମ୍ବଳ ଏବଂ ପରିବେଶ ସୁରକ୍ଷା ଦିଗରେ ଲୋକଙ୍କୁ ସଚେତନ କରାଯାଉଛି। ଗତ କିଛି ବର୍ଷ ହେବ ୧୦ରୁ ୧୫% ଅଭିବୃଦ୍ଧି ହାସଲ କରୁଛୁ। ଚଳିତ ବର୍ଷ ଏହା ମଧ ବେଶ ଉନ୍ନତ ରହିବ ବୋଲି ଗିଲ୍ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ଦେଶର ଯୁବବର୍ଗ ଚାହିଁଲେ ଭାରତରେ ସ୍ୱଚ୍ଛ, ସବୁଜ ମୋବିଲିଟି ସମାଧାନକୁ ଆଗକୁ ବଢାଇପାରିବେ। ଦୀର୍ଘଦିନର ଗବେଷଣା ପରେ ଗ୍ରାହକଙ୍କୁ ବେଷ୍ଟ ଇନ୍ କ୍ଲାସ ଅଭିଜ୍ଞତା ପ୍ରଦାନ କରିବାକୁ ଉଦ୍ୟମ ଜାରି ରଖିଛୁ। ନେଟୱର୍କ ସମ୍ପ୍ରସାରଣ ଧାରା ବୃଦ୍ଧି ଏବଂ ବାର୍ଷିକ ୨.୫ ଲକ୍ଷ ଯାନ ନିର୍ମାଣ ଲକ୍ଷ୍ୟ ରହିଥିବା ସେ ସ୍ପଷ୍ଟ କରିଛନ୍ତି।



# ନିର୍ଦ୍ଦୟଭାବେ ଆକ୍ରମଣର ଶିକାର ହୋଇଛି:ଚୋକ୍‌ସି

ଆଣ୍ଟିଗୁଆ,୭।୬

ପଳାତକ ମେହୁଲ ଚୋକ୍‌ସିଙ୍କୁ ନେଇ ପ୍ରତିଦିନ କିଛି ନା କିଛି ନୂଆ ଖବର ସାମ୍ନାକୁ ଆସୁଛି। ସୋମବାର ମଧ ଏକ ନୂଆ ଖବର ଗଣମାଧମରେ ପ୍ରକାଶ ପାଇଛି। ଆଣ୍ଟିଗୁଆରେ ପ୍ରାୟ ୮ରୁ ୧୦ ଜଣ ବ୍ୟକ୍ତି ତାଙ୍କୁ ନିର୍ଦ୍ଦୟ ଭାବେ ଆକ୍ରମଣ କରିଥିବା ଚୋକ୍‌ସି ଆଣ୍ଟିଗୁଆ ପୋଲିସ କମିଶନରଙ୍କୁ ଅଭିଯୋଗ କରିଛନ୍ତି। ବାର୍ବାରା ଜାବାରିକା ନାମ୍ନୀ ଜଣେ ମହିଳାଙ୍କୁ ଭେଟିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଥିବା ସେ ପ୍ରକାଶ କରିଛନ୍ତି। ଆକ୍ରମଣ ସମୟରେ ଜାବାରିକା ମଧ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ନ ଥିଲେ। ସେହି ମହିଳାଙ୍କର ବ୍ୟବହାର ଏଭଳି ଥିଲା ଯେ, ଯେଭଳି ଭାବେ ସେ ତାଙ୍କ ସପକ୍ଷରେ ନ ଥିବା ଭଳି ମନେ ହେଉଥିବା ଚୋକ୍‌ସି କହିଛନ୍ତି। ସେହିଭଳି ତାଙ୍କୁ ସେଠାରୁ ଉଠାଇନେବା ଲାଗି ବୋଧହୁଏ ସେହି ମହିଳା ଉକ୍ତ ଟିମ୍ ସହ ଆସିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ହୋଣ୍ଡା ଫାଉଣ୍ଡେଶନ ପକ୍ଷରୁ ସଙ୍ଗରୋଧ କେନ୍ଦ୍ର

ନୂଆଦିଲ୍ଲୀ,୭।୬




କରୋନା ମହାମାରୀର ଭୟାଭହତାକୁ ଆଖି ଆଗରେ ରଖି ହୋଣ୍ଡା ଇଣ୍ଡିଆ ଫାଉଣ୍ଡେସନ୍ ପକ୍ଷରୁ ହରିୟାଣା ଓ ରାଜସ୍ଥାନରେ କୋଭିଡ୍ କେୟାର୍ ସଙ୍ଗରୋଧ କେନ୍ଦ୍ର ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁବିଧା ତିଆରି ସହ କୋଭିଡ୍-୧୯ ରୋଗୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ଫାଉଣ୍ଡେସନ୍ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଗ୍ରାମାଞ୍ଚଳରେ ମେଡିକାଲ୍ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଫାଉଣ୍ଡେସନ୍ ପକ୍ଷରୁ ହରିୟାଣାର ନୌରଙ୍ଗପୁରରେ ୧୦୦ ଶଯ୍ୟା ଓ ରାଜସ୍ଥାନର ଟାପୁକାରାରେ ୫୦ ଶଯ୍ୟା ବିଶିଷ୍ଟ ସଙ୍ଗରୋଧ କେନ୍ଦ୍ରର ପରିଚାଳନା ଆରମ୍ଭ ହୋଇଛି। ହରିୟାଣା ଓ ରାଜସ୍ଥାନ ସରକାରଙ୍କ ସହଯୋଗରେ ସ୍ଥାପନ କରାଯାଇଥିବା ଏହି ୨ଟି କେନ୍ଦ୍ରରେ ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ସହିତ ଅନ୍ୟାନ୍ୟ ମେଡିକାଲ୍ ଉପକରଣର ସୁବିଧା ରହିଛି। ସେହିଭଳି ହରିୟାଣାର ମାନେସର ଜିଲ୍ଲାରେ ନୌରଙ୍ଗପୁର ଗ୍ରାମରେ ଥିବା ହୋଣ୍ଡା ଗୋଦାମରେ କୋଭିଡ୍ ସଙ୍ଗରୋଧ କେନ୍ଦ୍ରକୁ ସ୍ଥାପନ ହୋଇଛି। ସେହିପରି ରାଜସ୍ଥାନର ଅଲ୍‌ୱର ଜିଲ୍ଲାର ଟାପୁକାରାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଓ ହୋଣ୍ଡାର ପ୍ରତିନିଧିଙ୍କ ଉପସ୍ଥିତିରେ କୋଭିଡ୍ କେୟାର୍ କେନ୍ଦ୍ର ଖୋଲାଯାଇଛି। ହୋଣ୍ଡା ଇଣ୍ଡିଆ ଫାଉଣ୍ଡେସନ୍ ହେଉଛି ଭାରତରେ ଥିବା ସମସ୍ତ ହୋଣ୍ଡା ଗ୍ରୁପ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ସଂସ୍ଥା। ହରିୟାଣା, ରାଜସ୍ଥାନ, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଓ ଗୁଜରାଟ ଭଳି ୫ଟି ରାଜ୍ୟରେ ରିଲିଫ୍ ପଦକ୍ଷେପ ଓ କୋଭିଡ୍-୧୯ ପ୍ରତି ସହାୟତା ସ୍ୱରୂପ ୬୫ ନିୟୁତ ଟଙ୍କାର ବ୍ୟବସ୍ଥା କରାଯାଇଛି। ହରିୟାଣାର ମାନେସର, ରାଜସ୍ଥାନର ଅଲୱର, କର୍ଣ୍ଣାଟକର କୋଲାର ଓ ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗରରେ କଂପାନି ପକ୍ଷରୁ ଅକ୍ସିଜେନ୍ ଉତ୍ପାଦନ କାରଖାନା ସ୍ଥାପନ କରାଯାଇଥିବା ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି।

## ଫୁର୍‌ସତ୍

# ପିଗି ବ୍ୟାଙ୍କରୁ ଦାନକଲେ ଦୁଇ ଭଉଣୀ



**ଯୋଧପୁର:** କରୋନା ସମୟରେ ଲୋକଙ୍କୁ ସାହାଯ୍ୟ କରି ଉଦାହରଣ ସୃଷ୍ଟି କରିଛନ୍ତି ଯୋଧପୁରର ଦୁଇ ଭଉଣୀ। କରୋନା ପୀଡ଼ିତଙ୍କ ସାହାଯ୍ୟ ପାଇଁ ଏହି ଦୁଇ ଭଉଣୀ ଦାନ କରିଛନ୍ତି ସେମାନଙ୍କର ୩ ବର୍ଷର ସଞ୍ଚିତ ଅର୍ଥ। ରାଜସ୍ଥାନ ଯୋଧପୁରର ଜାଲୋର ଜିଲାର ଦୁଇ ଭଉଣୀ ମାହି ଏବଂ ପ୍ରଥା। ମାହି ଚତୁର୍ଥ ଶ୍ରେଣୀରେ ପଢ଼ନ୍ତି ଏବଂ ପ୍ରଥା ପ୍ରଥମ ଶ୍ରେଣୀରେ। ଉଭୟ ତିନି ବର୍ଷ ହେଲା ସେମାନଙ୍କର ପିଗି ବ୍ୟାଙ୍କରେ ଟଙ୍କା ଜମା କରି ଆସୁଥିଲେ। ଏବେ ସେମାନେ ତାଙ୍କର ସମସ୍ତ ସଞ୍ଚିତ ଅର୍ଥକୁ ଦାନ କରିଛନ୍ତି ସୋନୁ ସୁଦ ଫାଉଣ୍ଡେସନକୁ। ସୋନୁ ସୁଦଙ୍କ ପାଖକୁ ଗଲେ ତାଙ୍କ ଟଙ୍କାର ସଦୁପଯୋଗ ହୋଇପାରିବ ବୋଲି ଚିନ୍ତା କରି ସେମାନେ ଏହି ଦାନ କରିଛନ୍ତି।

ଦୁଇଭଉଣୀଙ୍କର ଏହି ଦାନକୁ ସବୁଠୁ ଦାମୀ ଡୋନେସନ୍ ବୋଲି କହିଛନ୍ତି ସୋନୁ ସୁଦ୍ ଏବଂ ଏହା କରୋନା ପୀଡ଼ିତଙ୍କ ସେବାରେ ଲାଗିବ ବୋଲି ଜଣାଇଛନ୍ତି। କରୋନା ସମୟରେ ଲୋକଙ୍କୁ ସାହାଯ୍ୟ କରି ବାସ୍ତବ ଜୀବନରେ ପ୍ରକୃତ ହିରୋ ପାଲଟିଥିବା ସୋନୁ ସୁଦ୍ ଏବେ ସବୁ ଅଞ୍ଚଳରେ ଲୋକଙ୍କ ବିଶ୍ୱାସ ଜିତି ପାରିଛନ୍ତି। ଲୋକଙ୍କ ପାଖରେ ସେ ଏବେ ଭଗବାନ ଭଳି ପୂଜା ପାଉଛନ୍ତି। ତେଣୁ ତାଙ୍କ ମାଧ୍ୟମରେ ଲୋକଙ୍କୁ ପ୍ରକୃତରେ ସାହାଯ୍ୟ କରିହେବ ବୋଲି ସମସ୍ତେ ଦୃଢ଼ତାର ସହ ବିଶ୍ୱାସ କରୁଛନ୍ତି। ସୋନୁ ସୁଦ୍‌ଙ୍କ ସମ୍ପର୍କରେ ଏହି ଛୋଟ ଝିଅ ଦୁଇଜଣ ଜାଣିବା ପରେ ତାଙ୍କ ସଞ୍ଚିତ ଅର୍ଥ ଦାନ କରିବା ପାଇଁ ଚାହିଁଥିଲେ। ଆଉ ଏଥିପାଇଁ ସୋନୁ ସଦ୍ ଫାଉଣ୍ଡେସନ ସହିତ ଜଡିତ ଥିବା ହିତେଶ ଜୈନ ତାଙ୍କୁ ସାହାଯ୍ୟ କରିଥିଲେ। ତେବେ ଦୁଇ ଭଉଣୀଙ୍କର ଏହି ଦାନକୁ ସୋନୁ ସୁଦ୍ ସୋସିଆଲ ମିଡିଆରେ ଖୁବ୍ ପ୍ରଚାର କରିଥିଲେ। ଦୁଇ ଭଉଣୀଙ୍କର ଏକ ଭିଡିଓକୁ ସୋନୁ ସୁଦ୍ ଶେୟାର କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି ଆଉ ବିଭିନ୍ନ ଅଞ୍ଚଳରେ ଲୋକେ ଏହି ଦୁଇ ଭଉଣୀଙ୍କୁ ଖୁବ୍ ପ୍ରଶଂସା କରୁଛନ୍ତି।

# ଜିନ୍ସ ପିନ୍ଧିଲେ ମୃତ୍ୟୁଦଣ୍ଡ

**ପୋୟାଙ୍ଗୟାଙ୍ଗ:** ଏବେ ଜିନ୍ସ ପିନ୍ଧିଲେ ଏବଂ ବିଦେଶୀ ଫିଲ୍ମ ଦେଖିଲେ ଉତ୍ତର କୋରିଆ ନାଗରିକଙ୍କ ଉପରେ କଡ଼ା ଦଣ୍ଡାଦେଶ କରାଯିବ। ଏ ନେଇ ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ ନୂଆ ଆଇନ ଜାରି କରିଛନ୍ତି। ଆଇନ ନ ମାନିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡା ଦିଆଯିବ ବୋଲି କିମ୍‌ଙ୍କ ସରକାର କହିଛନ୍ତି। ଦେଶରେ ବିଦେଶୀ ପ୍ରଭାବ ଲୋପ କରିବା ଲାଗି ସେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି କେହି ବିଦେଶୀ ଖାଦ୍ୟ ଅବା ପାନୀୟ ମଧ ଗ୍ରହଣ ନ କରିବାକୁ କିମ୍ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଅଶ୍ଳୀଳ ଭିଡିଓ ଦେଖିଲେ ମଧ ଦଣ୍ଡାଦେଶ କରାଯିବ। ସେହିପରି ଆମେରିକା, ଜାପାନ ଅବା ଦକ୍ଷିଣ କୋରିଆର ମିଡିଆର କୌଣସି ତଥ୍ୟ, ଭିଡିଓ ଆଦି ରଖିଥିବା ବ୍ୟକ୍ତିଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯିବ। ଅବମାନନା କଲେ ଏହାକୁ ରାଜଦ୍ରୋହ କୁହାଯିବ ବୋଲି କିମ୍‌ଙ୍କ ସରକାର କହିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIKASHA FINANCE**
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ସର୍ତ୍ତରେ ରୋଜଗାର ଆରମ୍ଭ କରିଥିଲି

**ମୁମ୍ବାଇ:** ଟିଭି କୁଇନ୍‌ଭାବେ ପରିଚିତ ଏକତା କପୁର ତାଙ୍କ ୪୬ ତମ ଜନ୍ମଦିନ ପାଳନ କରିଛନ୍ତି। ଅଭିନେତା ଜିତେନ୍ଦ୍ର ଏବଂ ଶୋଭା କପୁରଙ୍କ ଝିଅ ଏକତା ଛୋଟ ପରଦାରୁ ଆରମ୍ଭ କରି ବଲିଉଡ ପର୍ଯ୍ୟନ୍ତ ବହୁ ନାଁ କମାଇଛନ୍ତି। ଏକତା ଜଣେ ସଫଳ ନିର୍ଦ୍ଦେଶକ, ସ୍କ୍ରିପ୍ଟ ଲେଖକ। ୧୯ ବର୍ଷ ବୟସରେ ସେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ବୃତ୍ତିଗତ ଜୀବନରେ ଅନେକ ଆଗକୁ ବଢ଼ିଥିବା ଏକତା ଏବେ ବି ଅବିବାହିତ। ଏକ ସାକ୍ଷାତକାରରେ ଏକତା କହିଥିଲେ, ବାପାଙ୍କ ଏକ ସର୍ତ୍ତ ପାଇଁ ସେ ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି। ୧୭ ବର୍ଷର ହୋଇଥିଲା ବେଳେ ପାର୍ଟି କରିବା ପରିବର୍ତ୍ତେ ବିବାହ କିମ୍ବା କୌଣସି କାମ କରିବାକୁ ତାଙ୍କୁ କହିଥିଲେ। ତେଣୁ ସେ ଟଙ୍କା ରୋଜଗାର ପାଇଁ ଏକ ବିଜ୍ଞାପନ ଏଜେନ୍ସିରେ କାମ କରିବା ଆରମ୍ଭ କରିଥିଲେ। ସରୋଗେସି ମାଧ୍ୟମରେ ୨୦୧୯ରେ ମା'ହୋଇଥିଲେ। ତାଙ୍କ ପୁଅର ନାମ ରବି କପୁର।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



୰ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ
ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୧।୧୯୬୯
ତିରୋଧାନ: ୨୯।୦୫।୨୦୨୧
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ: ପାଣିଗ୍ରାହୀ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଏବଂ ସହକର୍ମୀ ବୃନ୍ଦ।
ଇତି:- ଶ୍ରୀମତୀ ଶର୍ମିଳା ପାଣିଗ୍ରାହୀ (ସହଧର୍ମିଣୀ)
ଧ-69987

**ଦଶାହ ଉପଲକ୍ଷେ**



୰ ପ୍ରମିଳା କୁମାରୀ ଦାଶ
ଏନ୍ -୫/୩୫୧, ଆଇ.ଆର.ସି. ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର
ଆର୍ବିଭାବ : ୦୧.୦୩.୧୯୫୦
ତିରୋଧାନ : ୩୦.୦୫.୨୦୨୧
ଆପଣଙ୍କ ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସତ୍ୟବାଦିତା, ସଚ୍ଚୋଟତା, ତ୍ୟାଗ, ସ୍ନେହ ଓ ସଂସ୍କାରପୂର୍ଣ୍ଣ ଜୀବନଶୈଳୀ ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁପରିଜନ
ଧ-୬୯୩୯୮

**ଦଶାହ ଉପଲକ୍ଷେ**



୰ସୁନନ୍ଦା ପଟ୍ଟନାୟକ
ପୁତନା, କାଲୁପଡ଼ା, ଖୋର୍ଦ୍ଧା
ତୁମର ବିୟୋଗରେ ଆମ୍ଭମାନଙ୍କର ଅପୂରଣୀୟ କ୍ଷତି ହୋଇଛି। ଦୂରରେ ଥାଇ ଆମ୍ଭଙ୍କୁ ଆଶୀର୍ବାଦ କରି ସମସ୍ତ ବିପଦରୁ ରକ୍ଷା କରୁଥାଅ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାପ୍ତହେଉ।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୮୫୯

**ଦଶାହ ଉପଲକ୍ଷେ**



୰ଶିଶିର କୁମାର ପଟ୍ଟନାୟକ
ପୁତନା, କାଲୁପଡ଼ା, ଖୋର୍ଦ୍ଧା
ତୁମର ବିୟୋଗରେ ଆମ୍ଭମାନଙ୍କର ଅପୂରଣୀୟ କ୍ଷତି ହୋଇଛି। ଦୂରରେ ଥାଇ ଆମ୍ଭଙ୍କୁ ଆଶୀର୍ବାଦ କରି ସମସ୍ତ ବିପଦରୁ ରକ୍ଷା କରୁଥାଅ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାପ୍ତହେଉ।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୮୬୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ପ୍ରଶାନ୍ତ କୁମାର ମଲିଆ (ପପୁ)
କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର
ଆବିର୍ଭାବ: ୧୯।୦୪।୧୯୬୫
ତିରୋଧାନ: ୧୯।୦୫।୨୦୨୦
ଦେଖୁ ଦେଖୁ ଗୋଟିଏ ବର୍ଷ ବିତିଗଲା, ଏବେ ବି ବିଶ୍ୱାସ ହେଉନାହିଁ ତୁମ୍ଭେ ଆମମାନଙ୍କ ଭିତରେ ନାହିଁ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ, ଝିଅ, ପୁଅ, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୦୮୪୧



ସୌନ୍ଦର୍ଯ୍ୟ

ଘନକଳା ତଥା ମୁଲାୟମ କେଶ ପାଇବାକୁ ଚାହୁଁଥିଲେ ଖରାଦିନେ ମିଳୁଥିବା ଫଳ ସବୁ ନିଶ୍ଚୟ ଖାଆନ୍ତୁ...

# ଖରାଦିନିଆ ଫଳରୁ ସୌନ୍ଦର୍ଯ୍ୟ



- ଖରାଦିନେ ମିଳୁଥିବା ବିଭିନ୍ନ ପ୍ରକାରର ଷ୍ଟ୍ରବେରୀ, ବ୍ଲୁବେରୀ, କ୍ରାନବେରୀ ଆଦି ବିଭିନ୍ନ ପ୍ରକାରର ଫଳରେ ଭିଟାମିନ୍ ସି ଏବଂ ଆଣ୍ଟି ଅକ୍ସିଡାଣ୍ଟ ଆଦି ପ୍ରଚୁର ମାତ୍ରାରେ ରହିଛି। ତେଣୁ ଏହା କେଶକୁ ମଜଭୁତ କରିବା ସହିତ ମୁଲାୟମ କରିଥାଏ।
- ଆପଣଙ୍କର କେଶ ଯଦି ଅଧିକ ପରିମାଣରେ ଝଡି ଯାଉଛି ତେବେ ଆପଣ କନ୍ଦମୂଳ ନିଶ୍ଚୟ ଖାଆନ୍ତୁ। ଏଥିରେ ଥିବା କେରୋଟିନ୍ ଭିଟାମିନ୍ ଏ'ରେ ପରିଣତ ହୋଇ କେଶକୁ ମଜଭୁତ କରିଥାଏ।
- ଅମୃତଭଣ୍ଡାରେ ଭିଟାମିନ୍ ଏ ଓ ଫଲିକ୍ ଏସିଡ୍ ରହିଛି। ତେଣୁ ଏହାକୁ ଖାଇବା ଫଳରେ କେଶ ଝଡ଼ିବା ବହୁ ମାତ୍ରାରେ କମ୍ ହୋଇଥାଏ। ତେବେ ପାଚିଲା ଅମୃତଭଣ୍ଡାକୁ ଆପଣ ଚାହିଁଲେ ପେଷ୍ଟ କରି କେଶରେ ଲଗାଇପାରିବେ।
- କେଶକୁ ସୁନ୍ଦର ଏବଂ ମୁଲାୟମ କରିବାକୁ ଚାହୁଁଥିଲେ ଅଣ୍ଡା ନିଶ୍ଚୟ ଖାଆନ୍ତୁ। ଏଥିରେ ଥିବା ପ୍ରୋଟିନ୍ ଏବଂ ଭିଟାମିନ୍ କେଶ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।



## ସଫା ରଖନ୍ତୁ ଫ୍ରିଜ୍

ଠିକ୍ ଭାବରେ ଜିନିଷ ସାଇତି ରଖିଲେ ଫ୍ରିଜ୍ ଶୀଘ୍ର ଅପରିଷ୍କାର ହେବ ନାହିଁ। ତେଣୁ କେଉଁ ଜିନିଷ କେଉଁଠି ରଖିବେ ସେ ସମ୍ପର୍କରେ ଭଲଭାବେ ଜାଣି ରଖନ୍ତୁ...

- ପ୍ରତିଦିନ ବ୍ୟବହାର କରୁଥିବା ଜିନିଷ ଓ ବଳକା ଖାଦ୍ୟକୁ ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ଫଳରେ ଆପଣ ରଖିଥିବା ଜିନିଷ ଭୁଲିବେ ନାହିଁ ଏବଂ ଖାଦ୍ୟ ନଷ୍ଟ ହେବ ନାହିଁ।
- ଜିନିଷର ପ୍ରକାର ଦେଖି ସେହି ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଅର୍ଥାତ୍ ସବୁ ପ୍ରକାରର ଚକୋଲେଟ୍‌କୁ ଗୋଟିଏ ସ୍ଥାନରେ ରଖନ୍ତୁ। ସେହିପରି ଫଳ କିମ୍ବା ପରିବାକୁ ବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଏପରି କରିବା ଫଳରେ ଆପଣଙ୍କର ସମୟ ବଞ୍ଚିବା ସହିତ ଅଧିକ ଜିନିଷ ରଖି ପାରିବେ।



- ଫ୍ରିଜ୍‌ରେ ପ୍ରତ୍ୟେକ ଜିନିଷକୁ ବୁଦ୍ଧି ପ୍ରୟୋଗ କରି ରଖନ୍ତୁ। କେଉଁଠି ବୋତଲ ରଖିବେ, କେଉଁଠି ଟିଫିନ ରଖିବେ ସେନେଇ ଠିକ୍ ଭାବେ ଚିନ୍ତା କରି ରଖନ୍ତୁ। ନଚେତ୍ ବେଳେବେଳେ ଫ୍ରିଜ୍ ଖୋଲିବା ମାତ୍ରେ ଅନେକ ଜିନିଷ ପଡି ନଷ୍ଟ ହୋଇଯାଏ।
- ଫ୍ରିଜ୍‌ରେ ଆପଣ ବଜାରରୁ ଅନ୍ୟ ଥାକ ଆଣି ଭିତରେ ଜିନିଷ ରଖିପାରିବେ। ଫ୍ରିଜ୍ ଭିତରେ ଛୋଟ ଛୋଟ ଢାଙ୍କୁଣୀ ଥିବା ବକ୍ସ ଭିତରେ ବିଭିନ୍ନ ପ୍ରକାରର ଜିନିଷ ଆରାମରେ ରଖିପାରିବେ। ଏପରି କରିବା ଫଳରେ ଅଧିକ ସ୍ଥାନ ମିଳିପାରିବ।

# ସାବିତ୍ରୀ



କରୋନା ଲକ୍‌ଡାଉନ୍ ପାଇଁ ଏବେ ସବୁ ବନ୍ଦ। ତେଣୁ ଏଥର ସାବିତ୍ରୀ ବ୍ରତକୁ ଯେନତେନ ପ୍ରକାରେ କରିବା ପାଇଁ ବାଧ ହେଉଛନ୍ତି ମହିଳାମାନେ। ହେଲେ ମନ ମାନୁଛି କେଉଁଠୁ! ଏଥିପାଇଁ ମହିଳାମାନେ ଆପଣାଇଛନ୍ତି ଅନେକ ବିକଳ୍ପ। କିଏ କେଉଁ ପ୍ରକାରରେ ହେଉ ନୂଆ ଶାଢ଼ୀ, ଚୁଡ଼ି ଆଉ ଫଳମୂଳ ଆଦି ପୂଜା ସାମଗ୍ରୀ ସବୁକିଛି ଯୋଗାଡ଼ କରିବା ପାଇଁ ପ୍ରସ୍ତୁତିରେ ଲାଗି ପଡିଛନ୍ତି।

**ଅନ୍‌ଲାଇନ୍ ବିକଳ୍ପ:** ଏଥର ସାବିତ୍ରୀ ପୂଜା ପାଇଁ ଅଧିକାଂଶ ମହିଳା ଅନଲାଇନ୍ ବିକଳ୍ପକୁ ବେଶି ବ୍ୟବହାର କରୁଛନ୍ତି। କାରଣ ଦୋକାନ ବଜାର ସବୁ ବନ୍ଦ ରହିଥିବାରୁ ନୂଆ ଶାଢ଼ୀ କିଣିବା ପାଇଁ ଏଇଟା ହିଁ ଏକମାତ୍ର ମାଧ୍ୟମ ହୋଇଛି। ଅନ୍‌ଲାଇନରେ ନୂଆ ଶାଢ଼ୀ ସାଙ୍ଗକୁ ଅନ୍ୟ ସବୁ କସମେଟିକ୍ ଓ ଚୁଡ଼ି ଗହଣା ଆଦି ସବୁକିଛି ମିଳିଯାଉଛି। ତେଣୁ ଲକ୍‌ଡାଉନ୍ ଥିଲେ ବି ଏହି ମାଧ୍ୟମ ଏବେ ସମସ୍ତଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ହୋଇପାରିଛି।







**ସାବିତ୍ରୀ କ୍ରେଜ ନାହିଁ:** ଏଥର ସାବିତ୍ରୀ ପୂଜା ପାଇଁ ସେମିତି କ୍ରେଜ ଆଉ ନାହିଁ। କାହିଁକି ନା ଘରେ ରହି ସବୁ କିଛି କରିବାକୁ ହେବ। ମନ୍ଦିର ଖୋଲା ନାହିଁ କି ବାହାରକୁ କାହା ଘରକୁ ବି ଯାଇ ହେବନି। ତେଣୁ ଘରେ ରହି କେବଳ ପୂଜା କରିବାକୁ ମହିଳାମାନେ ବାଧ ହୋଇଛନ୍ତି। ଅନ୍ୟ ବର୍ଷ ତୁଳନାରେ ସାବିତ୍ରୀ ପୂଜା ପାଇଁ ସଜବାଜ ହୋଇ ମନ୍ଦିର ଯିବା କିମ୍ବା ଅନ୍ୟ କାହା ଘରକୁ ବୁଲି ଯିବା ସମ୍ଭବ ନୁହେଁ। ତେଣୁ ଏଥର ଫିକା ପଡିଛି ନାରୀମାନଙ୍କର ଏହି ମହାନ୍ ପର୍ବ ସାବିତ୍ରୀ ବ୍ରତ।

**ପରମ୍ପରା ବଞ୍ଚିଛି:** ମଣିଷ ଯେତେ ଆଧୁନିକ ହେଲେ ବି ଅନେକ ସମୟରେ ନିୟତି ଆଗରେ ଅସହାୟ ମନେକରେ। ସେଥିପାଇଁ ନାରୀଟିଏ କେତେବେଳେ ପିଲାମାନଙ୍କ ପାଇଁ ତ କେବେ ସ୍ୱାମୀଙ୍କ ପାଇଁ ବିଭିନ୍ନ ପ୍ରକାରର ଓଷା କରିଥାଏ। ଏଥର ଲକ୍‌ଡାଉନରେ ବି ମହିଳାମାନେ ପ୍ରତିକାତ୍ମକଭାବେ ପୂଜା କରିବାର ପ୍ରୟାସ ଚଳାଇଛନ୍ତି। ଏକାଠି ସାମୂହିକଭାବେ ପୂଜା କରିବା ସମ୍ଭବ ହେଉ ନ ଥିଲେ ବି ଘରେ ଏକା ଏକା ପୂଜା କରିବାର ନିଷ୍ପତ୍ତି ନେଇଛନ୍ତି। ତେଣୁ ନିରାଡ଼ମ୍ବରଭାବେ ହେଲେ ବି ପରମ୍ପରାକୁ ସମ୍ମାନ ଜଣାଇ ମହିଳାମାନେ ସେମାନଙ୍କର ସମର୍ପଣ ଓ ଭକ୍ତିଭାବ ପ୍ରଦର୍ଶନ କରିଛନ୍ତି।

**ସତ୍ୟବାନ ଅର୍ଥ ଯିଏ ସତ୍ୟରେ ଅଧିଷ୍ଠିତ ଆଉ ସାବିତ୍ରୀ ଅର୍ଥ ଯିଏ ସମର୍ପିତା। ସତ୍ୟ ପ୍ରତି ସମର୍ପିତ ହେଲେ ମଣିଷ ମୃତ୍ୟୁକୁ ବି ଜୟ କରିପାରେ। ଏହା ହିଁ ପୌରାଣିକ ଉପାଖ୍ୟାନ ସାବିତ୍ରୀ ବ୍ରତ କଥାର ସାର କଥା। କିନ୍ତୁ ଏହି ମୂଳ ତତ୍ତ୍ୱକୁ ଭୁଲି ଲୋକେ ଏବେ ବାହ୍ୟ ଆଡ଼ମ୍ବରକୁ ବେଶି ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ସାବିତ୍ରୀ ବ୍ରତ ଏବେ ଖାଲି ନୂଆ ଶାଢ଼ୀ, ଚୁଡ଼ି ଆଉ ଫଳମୂଳରେ ସୀମିତ ରହିଯାଇଛି। ହେଲେ କରୋନା ଲକ୍‌ଡାଉନ ପାଇଁ ଏହି ଆଡ଼ମ୍ବର ଏବେ ଫିକା ପଡ଼ିଛି। ମନ୍ଦିର ବନ୍ଦ, ଦୋକାନ ବଜାରରେ ତାଲା ଆଉ ବାହାରକୁ ବାହାରିବା ମନା। ତେଣୁ ଘର ଭିତରେ ରହି ବ୍ରତ ପାଳନ କରିବାକୁ ଏକରକମ ବାଧ ହୋଇଛନ୍ତି ମହିଳାମାନେ...**



ମୀନାକ୍ଷୀ | ନମିତାରାଣୀ | ସଙ୍ଗୀତା | ସଞ୍ଜୁଲତା

## ଏମାନେ କ'ଣ କହନ୍ତି

### ଘରେ ପୂଜା କଲେ ଶାନ୍ତି ମିଳିବ:

ପୂଜା ତ ନିଶ୍ଚିତ ହେବ। ମନ୍ଦିରରେ ନ ହେଲେ ବି ଘରେ ତ ପୂଜା ହେଇପାରିବ ନା। ଆଉ ପୂଜା ପାଇଁ ଯାହା ସବୁ ଦରକାର ସେସବୁ ମୋର ଘରେ ଅଛି। ନୂଆ ଶଙ୍ଖା, ସିନ୍ଦୂର ଆଉ ନୂଆ ଶାଢ଼ୀ ବି ଘରେ ଅଛି। ଫଳ ତ ଦୋକାନରେ ମିଳୁଛି। ତେଣୁ ଘରେ ପୂଜା କରିବାରେ କୌଣସି ଅସୁବିଧା ନାହିଁ। ଏମିତିରେ ଘରେ ନିଜେ ପୂଜା କଲେ ମନକୁ ବେଶି ଶାନ୍ତି ମିଳିବ।

*–ସଙ୍ଗୀତା ଦାସ, ଗୃହିଣୀ, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର*

### ଅନ୍‌ଲାଇନରେ ସବୁ ମଗାଇଛି:

ପୂଜା କରିବାରେ କୌଣସି ଅସୁବିଧା ନାହିଁ। କାହିଁକିନା ଅନ୍‌ଲାଇନରେ ମୁଁ ସବୁ ମଗାଇ ସାରିଛି। ନୂଆ ଶାଢ଼ୀ, ତା' ସାଙ୍ଗକୁ ମ୍ୟାଚିଂ ଗହଣା ସହ ଶଙ୍ଖା, ସିନ୍ଦୂର ସବୁ ମୋ ପାଖରେ ରହିଛି। ତେଣୁ ପ୍ରତିବର୍ଷ ଯେମିତି ପୂଜା ହେଉଥିଲା ଏବର୍ଷ ବି ସେମିତି ପୂଜା ହେବ। ଅବଶ୍ୟ ଏଥର କୌଣସି ମନ୍ଦିରକୁ ଯାଇ ହେବନି, ସେଇ ଦୁଃଖ ତ ରହିବ। ହଉ ଈଶ୍ୱରଙ୍କ ଦୟାରୁ ସାରା ବିଶ୍ୱରୁ ଖୁବଶୀଘ୍ର କରୋନା ଦୂର ହୋଇଯାଉ; ଯାହାଫଳରେ ଆରବର୍ଷକୁ ପୁଣି ଭଲରେ ସାବିତ୍ରୀ ପୂଜା ହେବ।

*–ନମିତାରାଣୀ ଦାସ, ଶିକ୍ଷୟିତ୍ରୀ, ବାସୁଦେବପୁର, ଭଦ୍ରକ*

### କିଛି ଅସୁବିଧା ନାହିଁ

ମୁଁ ତ ସବୁବର୍ଷ ଘରେ ହିଁ ପୂଜା କରେ। ତେଣୁ ମୋର ସେମିତି କିଛି ଅସୁବିଧା ନାହିଁ। ଘରେ ପୂଜା କରିବା ପାଇଁ ମୋର ଠାକୁର ଘରେ ସବୁ ଜିନିଷ ଅଛି। ଠାକୁରଙ୍କୁ ଭକ୍ତିଭାବରେ ପୂଜା କରିବା କଥା, ତେଣୁ ନୂଆ ଶାଢ଼ୀ, ଗହଣା ଆଦିର ଏତେ ଆବଶ୍ୟକତା ନାହିଁ। ତେଣୁ ଲକ୍‌ଡାଉନ ହୋଇଥିଲେ ବି ସେମିତି କାହାର କିଛି ଅସୁବିଧା ହେବ ବୋଲି ମୁଁ ଭାବୁନି। *–ସଞ୍ଜୁଲତା ସାମଲ, ଗୃହିଣୀ, ମାର୍କୋଣା, ସିମୁଳିଆ, ବାଲେଶ୍ୱର*

### ପୂଜା କଲେ ଶାନ୍ତି ଲାଗେ

ମୋ ପାଇଁ ତ ନୂଆ ଶାଢୀ, ନଡିଆ, ଆମ୍ବ ଆଉ ସବୁ ପୂଜା ଜିନିଷ ଭାଇ ଆଣି ଦେଇ ସାରିଛି। ଘରେ ପୂଜା କରିବାରେ କୌଣସି ଅସୁବିଧା ନାହିଁ। ତା ପୂଜା କାମ ସାରି ମତେ ତ ଅଫିସ ବି ଯିବାକୁ ହେବ। ତେଣୁ ସବୁ ଥର ପରି ଏଥର ବି ଘରେ ପୂଜା କରି ରୋଷେଇ ସାରି ମୁଁ ଅଫିସ ଯିବି। ଅବଶ୍ୟ ସାବିତ୍ରୀ ଦିନ ନୂଆ ଶାଢୀ, ଅଳତା ପିନ୍ଧି ପୂଜା କରିବା ପରେ ବହୁତ ଶାନ୍ତି ଲାଗେ। ତେଣୁ ସବୁ ଓଡ଼ିଆ ନାରୀମାନେ ଏହି ପୂଜା ନିହାତି କରିବା ଉଚିତ୍। କିନ୍ତୁ ପୂଜା ପାଇଁ ମନରେ ଶ୍ରଦ୍ଧା ଆଉ ଭକ୍ତି ଥିବା ବି ଦରକାର।

*–ମୀନାକ୍ଷୀ ଶତପଥୀ, କର୍ମଜୀବୀ, ଶଙ୍କରପୁର, କଟକ*

## ଖାଦ୍ୟ ରୁଚି

### ଗୁଜରାଟୀ ମ୍ୟାଙ୍ଗୋ କଢ଼ି

**ଆବଶ୍ୟକ ସାମଗ୍ରୀ**

ଆମ୍ବ ପଲ୍ପ– ୧ କପ୍, ଖଟା ଦହି– ୧ କପ୍, ବେସନ– ୨ ବଡ଼ ଚାମଚ, ତେଲ– ୨ ଚାମଚ, ଅଦା– ଖଣ୍ଡେ, କଞ୍ଚା ଲଙ୍କା– ୨ଟି, ମେଥି– ଅଧା ଚାମଚ, ଜିରା– ଅଧା ଚାମଚ, ସୋରିଷ– ଅଧା ଚାମଚ, ହେଙ୍ଗୁ– ଅଳ୍ପ, ଭୃସୁଙ୍ଗପତ୍ର– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ଲଙ୍କାଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ଅଦାକୁ କୋରି ରଖନ୍ତୁ। ଏକ ପାତ୍ରରେ ବେସନ, ଅଦା, କଞ୍ଚାଲଙ୍କା ଓ ଦହିକୁ ମିଶାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ କଡେଇକୁ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ହେଙ୍ଗୁ ପକାଇ ତା'ପରେ ମେଥି, ସୋରିଷ ଏବଂ ଜିରାକୁ ମିଶାଇ ଛୁଙ୍କ କରନ୍ତୁ। ଏହାପରେ ଭୃସୁଙ୍ଗପତ୍ରକୁ ପକାଇ ଦହିର ମିଶ୍ରଣକୁ ପକାନ୍ତୁ। ଏଥିରେ ଆମ୍ବ ପଲ୍ପ, ଲୁଣ ଓ ହଳଦୀ ପକାଇ ଗୋଳାନ୍ତୁ। ଏହି ମିଶ୍ରଣରେ ୪ରୁ ୫ କପ୍ ପାଣି ଦେଇ କମ୍ ଆଞ୍ଚରେ ବସାନ୍ତୁ। ମଝିରେ ମଝିରେ ମିଶ୍ରଣକୁ ଗୋଳାଇ ଦିଅନ୍ତୁ। ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଏହାକୁ ସିଝାନ୍ତୁ। ଏହାପରେ ଚୁଲିରୁ ଓହ୍ଲାଇ ଭାତ ସହିତ ଖାଆନ୍ତୁ।



# ପୁଦିନାର ଘରୋଇ ବ୍ୟବହାର

**ଖରା ଏବଂ ବର୍ଷାଦିନେ ପୁଦିନା ସଞ୍ଜୀବନୀବୁଟି ଭଳି କାମ ଦେଇଥାଏ। ଗୃହିଣୀମାନେ ଏହାକୁ ଘରୋଇ ଉପାୟରେ ବହୁଳ ଭାବରେ ବ୍ୟବହାର କରିପାରିବେ..**

- ପୁଦିନା ଓ ଅଦା ରସ ସହିତ ମହୁ ମିଶାଇ ଖାଇଲେ କାଶ ଭଲ ହୋଇଥାଏ।
- ପୁଦିନା ପତ୍ରକୁ ଖାଲି କିମ୍ବା ଅଳ୍ପ ନଡିଆ ସହିତ ମିଶାଇ ଖାଇଲେ ହାକୁଟି ସମସ୍ୟା ଦୂର ହୋଇଥାଏ।
- ଟନସିଲ୍ ସମସ୍ୟା ଥିଲେ ପୁଦିନା ରସକୁ ପାଣିରେ ମିଶାଇ ଗାର୍ଗଲିଂ କରନ୍ତୁ, ବେଶ୍ ଆରାମ ମିଳିବ।
- ବାହାରେ ଅଧିକ ସମୟ ଖରାରେ ବୁଲିବା ଯୋଗୁ ଯଦି ପାଦ ତଳ ପୋଡାଜଳା ହେଉଥାଏ, ତେବେ ପୁଦିନାକୁ ବାଟି ଫ୍ରିଜ୍‌ରେ ରଖିବା ପରେ ବାହାର କରି ଲଗାନ୍ତୁ।
- ଦହି କିମ୍ବା ଆମ୍ବର କଅଁଳିଆ ପତ୍ର ସହିତ ପୁଦିନାକୁ ବାଟି ପିଇଲେ ପେଟ ବିନ୍ଧା ଭଲ ହୋଇଥାଏ।
- ବିଷାକ୍ତ କୀଟ ଦଂଶନ ପରେ ସେହି ସ୍ଥାନରେ ପୁଦିନା ପେଷ୍ଟ ଲଗାଇଲେ ଆରାମ ମିଳେ।
- ୨ଟି ଲବଙ୍ଗ ସହିତ ପୁଦିନା ପତ୍ର ଓ ଅଳ୍ପ ଜିରା ମିଶାଇ ବାଟି ପିଇଲେ ଅଂଶୁଘାତରୁ ରକ୍ଷା ମିଳିଥାଏ।
- ପୁଦିନା ସହିତ ଲେମ୍ବୁ ରସ ମିଶାଇ ପିଇଲେ ଯକୃତ ସମସ୍ୟା ଭଲ ହୋଇଥାଏ।
- ପୁଦିନା ରସ ସହିତ ସୈନ୍ଧବ ଲୁଣ ମିଶାଇ ପିଇଲେ ଅଜୀର୍ଣ୍ଣ ସମସ୍ୟା ଦୂର ହୋଇଥାଏ।
- କଫ ହୋଇଥିଲେ ଉଷୁମ ପାଣିରେ ପୁଦିନା ରସ ମିଶାଇ ଦିନକୁ ୩ ଥର ପିଅନ୍ତୁ, ଆରାମ ଲାଗିବ।





ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ ଅବସରରେ ସର୍ବିୟାର ନୋଭାକ୍ ଜୋକୋଭିଚ୍।

# ଓଲି ରବିନସନ୍ ସସ୍‌ପେଣ୍ଡ

**ଲଣ୍ଡନ, ୭।୬ (ଏପି)**

ଇଂଲଣ୍ଡ ଫାଷ୍ଟ ବୋଲର ଓଲି ରବିନସନ୍‌ଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ସସ୍‌ପେଣ୍ଡ କରାଯାଇଛି। ୨୦୧୨-୧୩ରେ ସୋସିଆଲ ମିଡିଆରେ ସେ ଅପମାନଜନକ ଟୁଇଟ୍ ପୋଷ୍ଟ କରିଥିଲେ। ରବିନସନ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ ହୋଇଛି। ଗୁରୁବାରଠାରୁ ଖେଳାଯିବାକୁଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପାଇଁ ଉପଲବ୍ଧ ହେବେନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ରବିବାର ସ୍ପଷ୍ଟ କରିଛି। ରବିନସନ୍ ଲର୍ଡ୍ସଠାରେ ସିରିଜର ପ୍ରଥମ ମ୍ୟାଚରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ନ୍ୟୁଜିଲାଣ୍ଡର ଦୁଇଟି ଇନିଂସରେ ସେ ୭ଉଇକେଟ ନେବା ସହ ଇଂଲଣ୍ଡ ପ୍ରଥମ ଇନିଂସରେ ୪୨ ରନ କରିଥିଲେ। ରବିନସନ୍ ତାଙ୍କ ଜାତିଆଣ ଓ ଯୌନଭିତ୍ତିକ ଟୁଇଟ ପୋଷ୍ଟ କଲାବେଳେ ତାଙ୍କୁ ୧୮ କିମ୍ବା ୧୯ ବର୍ଷ ବୟସ ହୋଇଥିଲା। ଟେଷ୍ଟମ୍ୟାଚର ପ୍ରଥମ ଦିବସରେ ତାହା ସୋସିଆଲ ମିଡିଆରେ ପୁନର୍ବାର ଦେଖିବାକୁ ମିଳିଥିଲା।



ରବିନସନ୍ ଏହା ଯେତେବେଳେ ଜାଣିବାକୁ ପାଇଲେ ସେଦିନ ଷ୍ଟମ୍ପ ଅପସାରଣ ପରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ସେ ତାଙ୍କର ଏହି କାର୍ଯ୍ୟପାଇଁ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। ସେ କହିଛନ୍ତି ତାଙ୍କ ଜାତିବାଦ ଓ ଯୌନବାଦ ଟିପ୍ପଣୀକୁ ନେଇ ସେ ଏବେ ଲଜ୍ଜା ଅନୁଭବ କରୁଛନ୍ତି। ଏହାକୁ ସେ ୮ ବର୍ଷ ପୂର୍ବେ ପୋଷ୍ଟ କରିଥିଲେ। ସେତେବେଳେ ସେ ସ୍ୱଳ୍ପ ବୟସ୍କ ଥିଲେ। ବର୍ତ୍ତମାନ ତାହା ସାର୍ବଜନୀନ ହୋଇଛି। କିନ୍ତୁ ସେ ସ୍ପଷ୍ଟ କରିବାକୁ ଚାହାନ୍ତି ଯେ, ସେ ଜାତିବାଦୀ କିମ୍ବା ଯୌନବାଦୀ ନୁହନ୍ତି। ରବିନସନ୍‌ଙ୍କୁ ତୁରନ୍ତ ଇଂଲଣ୍ଡ କ୍ୟାମ୍ପ ଛାଡ଼ିବାକୁ ହୋଇଛି। ସେ ତାଙ୍କ କାଉଣ୍ଟି କ୍ଲବ ସସେକ୍ସକୁ ଫେରିଯିବେ। ରବିନସନ୍‌ଙ୍କୁ ସସ୍‌ପେଣ୍ଡ କରାଯିବା ପରେ କ୍ରିକେଟ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ପ୍ରତିକ୍ରିୟା...

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ କହିଛନ୍ତି, ସେ ଯେତେବେଳେ ଏ ବିଷୟ ଜାଣିବାକୁ ପାଇଲେ କ'ଣ ପ୍ରତିକ୍ରିୟା ରଖିବେ ସେନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ରବିନସନ୍ ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କ ପଦାର୍ପଣ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ୭ଉଇକେଟ ଅକ୍ତିଆର କରିଛନ୍ତି। ବୋଲର ଜଣକ ନିଃସର୍ତ୍ତ କ୍ଷମାପ୍ରାର୍ଥନା ମଧ୍ୟ କରିସାରିଛନ୍ତି । ଯଦିଓ ଏହା ପଡ଼ିଆ ବାହାରର କଥା, ଖେଳରେ କିନ୍ତୁ ଏହା ଆଦୌ ଗ୍ରହଣୀୟ ନୁହେଁ। ଓଲି ଯେହେତୁ ଆମର ଜଣେ ସାଥୀ ଖେଳାଳି ତାଙ୍କୁ ସମର୍ଥନ କରିବାକୁ ପଡ଼ିଲା। ଶିକ୍ଷାଲାଭ କରିବା ଲାଗି ତାଙ୍କୁ ଏକ ସୁଯୋଗ ଦେବା ଉଚିତ। କହିବାକୁ ଗଲେ ଖେଳ ସହିତ ସମ୍ପୃକ୍ତ ଆମ ସମସ୍ତଙ୍କ ଲାଗି ଏହା ଏକ ବଡ଼ ନୀତିଶିକ୍ଷା। ରବିନସନ୍‌ଙ୍କ ପାଇଁ ଭାରତର ସିନିୟର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ପ୍ରଥମତଃ ଏହା ଏକ ପୁରୁଣା ଘଟଣା। ଇଂଲଣ୍ଡ ବୋଲର ବିବାଦୀୟ ଟୁଇଟ୍ କରିବା ବେଳେ ତାଙ୍କୁ କମ୍ ବୟସ ହୋଇଥିଲା। ସେ ତାଙ୍କର ଏହି କାର୍ଯ୍ୟ ପାଇଁ ଅନୁତାପ କରିଛନ୍ତି। ଏହା ହିଁ ଯଥେଷ୍ଟ। ମାତ୍ର କ୍ୟାରିୟର ଆରମ୍ଭ ବେଳେ ତାଙ୍କୁ ସସ୍‌ପେଣ୍ଡ କରିବା ଉଚିତ ହୋଇ ନାହିଁ।

ଇଂଲଣ୍ଡ ବ୍ୟାଟିଂ କୋଚ୍ ଗ୍ରାହମ ଥର୍ପେ କହିଛନ୍ତି, ଏଣିକି ଜାତୀୟ ଦଳ ପାଇଁ ଖେଳାଳି ମନୋନୟନ ବେଳେ ଇଂଲଣ୍ଡ ଖେଳାଳିମାନଙ୍କ ସୋସିଆଲ ମିଡିଆ ଇତିହାସକୁ ସମୀକ୍ଷା କରି ଦେଖିବା ଉଚିତ। ରବିନସନ୍ ତାଙ୍କ ଅପମାନଜନକ ଟୁଇଟ୍‌ରେ ମୁସ୍‌ଲିମ ଓ ଏସିଆନମାନଙ୍କୁ ଟାର୍ଗେଟ୍ କରିଥିଲେ। ଏଥିପାଇଁ ସେ ଲଜ୍ଜିତ ବୋଲି ମଧ୍ୟ କହିସାରିଛନ୍ତି। ସୂଚନାଯୋଗ୍ୟ, ଲର୍ଡ୍ସଠାରେ ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ଦିବସ ଖେଳ ମଧ୍ୟାହ୍ନଭୋଜନ ବିରତି ବେଳେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ରବିନସନ୍‌ଙ୍କ ଅପମାନଜନକ ଟୁଇଟ୍‌ର ସ୍କ୍ରିନ ଶଟ୍ ଦେଖିବାକୁ ମିଳିଥିଲା।

ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ସରକାରଙ୍କ ସଂସ୍କୃତି ଓ କ୍ରୀଡ଼ା ବିଭାଗ ସଚିବ ଅଲିଭର ଡାଓଡେନ୍ ସୋମବାର କହିଛନ୍ତି, ଇସିବି ରବିନସନ୍‌ଙ୍କ ପ୍ରତି ଏତେଟା କଠୋର ହେବା ଉଚିତ ନ ଥିଲା। କାରଣ ଏହି ଫାଷ୍ଟ ବୋଲରଙ୍କ ବିରେଧରେ ଶୃଙ୍ଖଳାଗତ ତଦନ୍ତ ଚାଲିଛି। ପୁନଶ୍ଚ ରବିନସନ୍ ୨୦୧୨ରେ ଅପମାନଜନକ ଟୁଇଟ୍ କରିଛନ୍ତି। ସେତେବେଳେ ସେ ସ୍ୱଳ୍ପ ବୟସ୍କ ଥିଲେ। ଏବେ ସେ ପ୍ରାପ୍ତବୟସ୍କ, ନିଜର ଭୁଲ୍ କାର୍ଯ୍ୟପାଇଁ କ୍ଷମାପ୍ରାର୍ଥନା କରିଛନ୍ତି। ସସ୍‌ପେଣ୍ଡ ଆଦେଶର ପୁନର୍ବିଚାର ହେବା ଉଚିତ। ଇଂଲଣ୍ଡ ପ୍ରଧାନମନ୍ତ୍ରୀ ବୋରିସ ଜନସନ ଡାଓଡେନ୍‌ଙ୍କ ସହ ସମତ ହୋଇଛନ୍ତି।

# ଜୋକୋଭିଚ୍-ବେରେଟିନି କ୍ୱାର୍ଟର ଫାଇନାଲ

**ପ୍ୟାରିସ, ୭।୬**

## ଫ୍ରେଞ୍ଚ୍ ଓପନ ଟେନିସ

ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି ନମ୍ବର ୱାନ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍। ୪ର୍ଥ ରାଉଣ୍ଡରେ ଇଟାଲିର ୧୯ ବର୍ଷୀୟ ଲୋରେଞ୍ଜୋ ମୁସେଟି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଜୋକୋଭିଚ୍‌ଙ୍କୁ ଭାଗ୍ୟ ସାଥ୍ ଦେଇଥିଲା। ୨ଟି ସେଟ୍‌ରେ ପଛରେ ରହିଥିଲେ ମଧ୍ୟ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ନିର୍ଣ୍ଣାୟକ ୫ମ ସେଟ୍ ଅଧାରୁ ମୁସେଟି ଓହରି ଯିବାରୁ ଜୋକୋଭିଚ୍ ୱାକ୍‌ଓଭର ପାଇ ଆଗକୁ ବଢ଼ିଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ଦୁଇ ସେଟ୍‌ରେ ୭-୬(୯/୭), ୭-୬(୭/୨) ସେଟ୍‌ରେ ବିଜୟୀ ହୋଇଥିଲେ। ଅଭିଜ୍ଞ ଜୋକୋଭିଚ୍ ପରବର୍ତ୍ତୀ ୨ ସେଟ୍‌କୁ ୬-୧, ୬-୦ରେ ଜିତି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୫ମ ସେଟ୍‌ରେ ଜୋକୋଭିଚ୍ ୪-୦ରେ ଅଗ୍ରଣୀ ଥିବାବେଳେ ମୁସେଟି ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ସର୍ବୀୟ ଖେଳାଳି ଏବେ କ୍ୟାରିୟରର ଦ୍ୱିତୀୟ ଫ୍ରେଞ୍ଚ୍ ଓପନ ଏବଂ ଓଭରଅଲ୍ ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଉପରେ ନଜର ପକାଇଛନ୍ତି। ୪ର୍ଥ ରାଉଣ୍ଡରୁ ରୋଜର ଫେଡରର ଓହରି ଯିବାରୁ ବେରେଟିନି ୱାକ୍‌ଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ରାଫାଲ ନାଡାଲ ୪ର୍ଥ ରାଉଣ୍ଡରେ ଜାନିକ ସିନରଙ୍କୁ ୭-୫, ୬-୩ ଓ ୬-୦ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଅନ୍ୟ ଏକ ୪ର୍ଥ ରାଉଣ୍ଡ ମ୍ୟାଚରେ ଡିଏଗୋ ସ୍ୱାର୍ଜମ୍ୟାନ ୭-୬(୧୧/୯), ୬-୪, ୭-୫ ସେଟ୍‌ରେ ଜାନ-ଲୋନାର୍ଡ ଷ୍ଟ୍ରଫ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ଆଲେକଜାଣ୍ଡର ଜେଭରେଭ ୬-୪, ୬-୧, ୬-୧ରେ କେଇ ନିଶିକୋରିଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ଜେଭରେଭ କ୍ୱାର୍ଟର ଫାଇନାଲରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍‌ଫୋକିନାଙ୍କୁ ଭେଟିବେ।



ବାର୍ବରା କ୍ରାଜିକୋଭା



କୋକୋ ଗୌଫ

### ପ୍ରଥମଥର ଗୌଫ, କ୍ରେଜିକୋଭା

ମହିଳା ସିଙ୍ଗଲ୍ସରେ ଆମେରିକାନ୍ ଟିନ୍‌ଏଜର କୋକୋ ଗୌଫ ଏବଂ ଚେକ୍ ରିପବ୍ଲିକର ବାର୍ବରା କ୍ରାଜିକୋଭା ପ୍ରଥମଥରପାଇଁ ଫ୍ରେଞ୍ଚ୍ ଓପନ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ପର୍ଯ୍ୟାୟରେ ଦୁହେଁ ପରସ୍ପରକୁ ଭେଟିବା ମଧ୍ୟ ନିଶ୍ଚିତ ହୋଇଛି। ଗୌଫ ୬-୩, ୬-୧ ସେଟ୍‌ରେ ଓନ୍ସ ଜାବେଉରଙ୍କୁ ହରାଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ପୂର୍ବ ମ୍ୟାଚରେ ୧୭ ବର୍ଷୀୟା ଗୌଫ ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ସେଟ୍ ଅଧାରୁ ଜେନିଫର ବ୍ରାଡି ଆହତ ହୋଇ ରିଟାୟର୍ଡ ହୋଇଥିଲେ। ଗୌଫଙ୍କ ପରି ପ୍ରଥମ କ୍ୱାର୍ଟର ଫାଇନାଲ ସ୍ୱାଦ ଚାଖିଥିବା କ୍ରାଜିକୋଭା ୪ର୍ଥ ରାଉଣ୍ଡରେ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ୬-୨, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଏଲିନା ରିବକିନା ଏବଂ ଆଲେକ୍ସାଣ୍ଡାର ପାଭଲ୍ୟୁଚେଙ୍କୋଭାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ରିବକିନା ୪ର୍ଥ ରାଉଣ୍ଡରେ ୬-୩, ୭-୫ ସେଟ୍‌ରେ ବିଜୟୀ ହୋଇ ସେରେନା ୱିଲିୟମ୍ସଙ୍କ ଅଭିଯାନ ଶେଷ କରିଥିବାବେଳେ ପାଭଲ୍ୟୁଚେଙ୍କୋଭା ୫-୭, ୬-୩, ୬-୨ ସେଟ୍‌ରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇ ଦେଇଥିଲେ।

# ଭାରତ-ଶ୍ରୀଲଙ୍କା ସିରିଜ ଜୁଲାଇ ୧୩ରୁ

**ନୂଆଦିଲ୍ଲୀ, ୭।୬ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଶ୍ରୀଲଙ୍କା ଟୁର୍ ଜୁଲାଇ ୧୩ରୁ ୨୫ ମଧ୍ୟରେ ହେବ। ଦଳ ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ଖେଳିବ ବୋଲି ପ୍ରସାରଣକାରୀ ସଂସ୍ଥା ସୋନି ସୋମବାର ପ୍ରକାଶ କରିଛି। ଦଳର ଅଧିନାୟକ ଦୌଡ଼ରେ ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ସମ୍ପୂର୍ଣ୍ଣ ଫିଟ୍ ଥିବା ଶ୍ରେୟାସ ଆୟାର ରହିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚଗୁଡ଼ିକ ଜୁଲାଇ ୧୩, ୧୬ ଓ ୧୮ରେ ଖେଳାଯିବାକୁଥିବାବେଳେ ଟି୨୦ଗୁଡ଼ିକ ଜୁଲାଇ ୨୧, ୨୩ ଓ ୨୫ରେ ଖେଳାଯିବ। ମ୍ୟାଚଗୁଡ଼ିକ ଲାଗି ଭେନ୍ୟୁ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଭାରତର ଦୁଇଟି ଦଳ ଏକସଙ୍ଗରେ ଅଲଗା ଅଲଗା ଦେଶରେ ଖେଳିବା ଏକ ବିରଳ ଦୃଷ୍ଟାନ୍ତ। ସମାନ ସମୟରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତ ହେଉଛନ୍ତି। ଜୁନ୍ ୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଲାଗି ଟେଷ୍ଟ ଦଳ ଇତିମଧ୍ୟରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ପହଞ୍ଚିସାରିଛି। ଇଂଲଣ୍ଡ ବିପକ୍ଷ ସିରିଜ ଅଗଷ୍ଟ ୪ରୁ ଆରମ୍ଭ ହେବ।

# ନିଃସର୍ତ୍ତ କ୍ଷମା ମାଗିଲେ ହରଭଜନ



**ନୂଆଦିଲ୍ଲୀ, ୭।୬ (ପି.ଟି.):** ହରଭଜନ ସିଂ ସୋମବାର ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ଭେଟେରାନ ଭାରତୀୟ ଅଫ୍ ସ୍ପିନର ଖଲିସ୍ଥାନୀ ସନ୍ତ୍ରାସବାଦୀ ଜର୍ନେଲ ସିଂ ଭିନ୍ଦ୍ରନୱାଲେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଥିଲେ। ଭିନ୍ଦ୍ରନୱାଲେ ୧୯୮୪ ବ୍ଲୁଷ୍ଟାର ଅପରେଶନ ବେଳେ ମୃତ୍ୟୁବରଣ କରିଥିଲେ। ୪୦ ବର୍ଷୀୟ ଅଫ୍ ସ୍ପିନର କହିଛନ୍ତି ବ୍ଲୁଷ୍ଟାର ଅପରେଶନର ୩୭ତମ ବାର୍ଷିକ ପୂର୍ତ୍ତି ଅବସରରେ ସେ ଏକ ହ୍ୱାଟ୍ସଆପ୍ ଫରୱାର୍ଡ ପୋଷ୍ଟ କରିଥିଲେ। ଫଟୋଟିରେ ସ୍ଥାନିତ ବ୍ୟକ୍ତି ଜଣକ ଭିନ୍ଦ୍ରନୱାଲେ ବୋଲି ତାଙ୍କର ଧାରଣା ନ ଥିଲା। ଏହି ଇନ୍‌ଷ୍ଟାଗ୍ରାମ ପୋଷ୍ଟ ପାଇଁ ସେ କ୍ଷମାପ୍ରାର୍ଥନା କରୁଛନ୍ତି। ସେ ଜଣେ ଶିଖ୍। ଭାରତ ବିରୋଧରେ ନୁହେଁ ଭାରତ ସପକ୍ଷରେ ସେ ଲଢ଼ିବେ।

# ଛେତ୍ରୀଙ୍କ ଡବଲରେ ଭାରତ ବିଜୟୀ

**ଦୋହା, ୭।୬(ପି.ଟି.)**

ଚଳିତ ଫିଫା ବିଶ୍ୱକପ୍ ଓ ଏସିଆନ କପ୍ କ୍ୱାଲିଫାୟର୍ସ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ସୋମବାର ପଡ଼ୋଶୀ ବାଂଲାଦେଶକୁ ୨-୦ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ ଜାଶିମ ବିନ୍ ହମାଦ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଅଧିନାୟକ ସୁନୀଲ ଛେତ୍ରୀ ୭୯ ତମ ଓ ୯୦ + ୨ତମ ମିନିଟ୍‌ରେ ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। କୋଚ୍ ଇଗୋର ଷ୍ଟିମାକ୍‌ଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଭାରତର ପ୍ରତିଯୋଗିତାରେ ଏହା ହେଉଛି ପ୍ରଥମ ବିଜୟ। ଏହି ବିଜୟ ଦ୍ୱାରା ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚରୁ ୩ ଡ୍ର, ୩ ପରାଜୟ ଓ ଗୋଟିଏ ବିଜୟରୁ ୬ ପଏଣ୍ଟ ଅର୍ଜନ କରି ଗ୍ରୁପ୍ ଇ' ଦ୍ୱିତୀୟ ରାଉଣ୍ଡ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। କାତାର ସମାନ ସଂଖ୍ୟକ ମ୍ୟାଚରୁ ୧୯ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଥିବାବେଳେ ଓମାନ ୫ଟି ମ୍ୟାଚରୁ ୧୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆଫଗାନିସ୍ତାନ ୬ଟି ମ୍ୟାଚରୁ ୫ ପଏଣ୍ଟ ସହ ଚତୁର୍ଥ ଏବଂ ବାଂଲାଦେଶ ୭ଟି ମ୍ୟାଚରୁ ମାତ୍ର ୨ ପଏଣ୍ଟ ହାସଲ କରି ୫ମ ତଥା ସର୍ବନିମ୍ନ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ସୋମବାର ବାଂଲାଦେଶକୁ ପରାସ୍ତ କରିବା ଦ୍ୱାରା ଭାରତ ଗତ ୬ ବର୍ଷ ମଧ୍ୟରେ ବିଶ୍ୱକପ୍ କ୍ୱାଲିଫାୟର୍ସରେ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ଭାରତ ଶେଷଥର ପାଇଁ ୨୦୧୫ ନଭେମ୍ବରରେ ବିଜୟ ହାସଲ କରିଥିଲା। ବେଙ୍ଗାଲୁରୁରେ ୨୦୧୮ ବିଶ୍ୱକପ୍ ପାଇଁ କ୍ୱାଲିଫାଇଙ୍ଗ୍ ରାଉଣ୍ଡ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ଗୁଆମକୁ ହରାଇଥିଲା। ଗତ ଗୁରୁବାର ଭାରତ ଏସିଆନ ଚାମ୍ପିୟନ କାତାରଠାରୁ ୧-୦ ଗୋଲରେ ପରାଜିତ ହୋଇଥିଲା। ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ଦୌଡ଼ରୁ ଭାରତ ବାଦ୍ ପଡ଼ିସାରିଛି। ତେବେ ୨୦୨୩ ଏସିଆନ କପ୍ ପାଇଁ ଯୋଗ୍ୟତା ହାସଲ ସମ୍ଭାବନା ଉଜ୍ଜୀବିତ ରହିଛି।



ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଜୁଡୋକା ସୁଶୀଳାଙ୍କ ପାଇଁ ଅଲିମ୍ପିକ୍ସ ସୁଯୋଗ

**ବୁଦାପେଷ୍ଟ, ୭।୬(ପି.ଟି.)**

ଭାରତୀୟ ଜୁଡୋକା ସୁଶୀଳା ଦେବୀ ମହାଦେଶୀୟ କୋଟାରେ ଅସ୍ଥାୟୀଭାବେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ତେବେ ଜୁନ ୨୮ରେ କ୍ୱାଲିଫାୟର୍ସଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାପରେ ସେ ଅଂଶଗ୍ରହଣ କରିବେ କି ନାହିଁ ତାହା ସ୍ପଷ୍ଟ ହେବ। ଏଠାରେ ଅନୁଷ୍ଠିତ ବିଶ୍ୱ ଜୁଡୋ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରେ ୪୮ କେଜି କାଟେଗୋରିରେ ହାରି ଯାଇଥିବା ସୁଶୀଳା ସମ୍ପ୍ରତି ୯୮୯ ପଏଣ୍ଟରେ ଅଛନ୍ତି। ଏସୀୟ ତାଲିକାରେ ସେ ୭ମ ସ୍ଥାନରେ ରହିଛନ୍ତି। ବିଭିନ୍ନ ଅଞ୍ଚଳର ଜୁଡୋକାଙ୍କ ର୍‍ୟାଙ୍କିଙ୍ଗ୍ ଭିତ୍ତିରେ ମହାଦେଶୀୟ କୋଟା ଆବଣ୍ଟନ କରାଯାଇଥାଏ। ଅଲିମ୍ପିକ୍ସ ପାଇଁ ଏସିଆର ୧୦ଟି କୋଟା ରହିଛି। ତେଣୁ ଯଦି ଅଲିମ୍ପିକ୍ସ ଏବେ ହୋଇଥାନ୍ତା ତେବେ ସୁଶୀଳା ନିଶ୍ଚିତ ଯୋଗ୍ୟତା ହାସଲ କରିଥାନ୍ତେ। ୨୦୨୧ ଜୁନ ୨୮କୁ ଡେଡ୍‌ଲାଇନ୍ ରଖାଯାଇଛି। ଏହି ସମୟ ବେଳକୁ ସର୍ବାଧିକ ପଏଣ୍ଟ ହାସଲକାରୀ ୧୦ ଏସୀୟ ଜୁଡୋକା ଅଲିମ୍ପିକ୍ସ ଯୋଗ୍ୟତା ପାଇବେ। ମାତ୍ର ସେତେବେଳକୁ ସୁଶୀଳାଙ୍କ ପାଇଁ ସ୍ଥିତିରେ ପରିବର୍ତ୍ତନ ହୋଇଯାଇଥାଏପାରେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## କାକଟପୁରରେ ଗଡ଼ିଲା ରାଜସ୍ୱ ରଥ

କାକଟପୁର(ଡି.ଏନ୍.ଏ.)- କରୋନା ମହାମାରୀ ସମୟରେ ଗ୍ରାମାଞ୍ଚଳ ଲୋକଙ୍କୁ ହାତପାଆନ୍ତାରେ ରାଜସ୍ୱ ବିଭାଗର ବିଭିନ୍ନ ସେବା ପାଇଁ କାକଟପୁର ତହସିଲ ଅଞ୍ଚଳରେ ସୋମବାର ପରିକ୍ରମା କରିଛି ରାଜସ୍ୱ ରଥ। କାକଟପୁର ତହସିଲ ପକ୍ଷରୁ ଆୟୋଜିତ ରାଜସ୍ୱ ରଥକୁ ତହସିଲଦାର ବିରଞ୍ଚି ନାରାୟଣ ବେହେରା, ବିଡିଓ ତୁଷାର ଜ୍ୟୋତି ରଞ୍ଜନ ଓ କାକଟପୁର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ଏହି ରଥ କଣ୍ଟାପଡ଼ା ଏବଂ କାକଟପୁର ରାଜସ୍ୱ ସର୍କଲରେ ଥିବା ଗ୍ରାମକୁ ଯାଇ ଲୋକଙ୍କ ଘର ପାଖରେ ରାଜସ୍ୱ ସମ୍ବନ୍ଧୀୟ ସୁବିଧା ଯୋଗାଇଦେଇଛି। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୦୭।୦୬।୨୦୨୧

୧୨୦୯ ଟଙ୍କା

# ଦୋଷ ଘୋଡ଼ାଇବାକୁ ମସୁଧା

ପୁରୀ ଅଫିସ, ୭।୬:

**ବେଆଇନ ଭାବେ ମାଟି ଖୋଳିନେବା ଘଟଣା**

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପାର୍ଶ୍ୱ ରାସ୍ତା ନିର୍ମାଣବେଳେ ବେଆଇନ ଭାବେ ବାଲି ଓ ମାଟି ଖନନକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ରାସ୍ତା କାମ ପାଇଁ ବାଲି କେଉଁଠୁ ଉଠାଯାଇଛି ସେନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ସମ୍ପୃକ୍ତ ଠିକାଦାରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଦୋଷ ଘୋଡ଼ାଇବାକୁ ମସୁଧା ଚଳାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସାଧାରଣତଃ କୌଣସି ତହସିଲ ଅଞ୍ଚଳରୁ ବାଲି ଉଠାଯିବା ପୂର୍ବରୁ ତହସିଦାରଙ୍କ ଅନୁମତି ନେବାକୁ ପଡ଼ିଥାଏ। ଏହାପରେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସମ୍ପୃକ୍ତ ଅଞ୍ଚଳରୁ ବାଲି ଉଠାଯିବା ନେଇ ନିଶ୍ଚିତ ହୋଇ ତହସିଲଦାରଙ୍କୁ ଜଣାଇବା ପରେ ଅନୁମତି ମିଳିଥାଏ। ମାତ୍ର ଏଠାରେ ତାହାର ବ୍ୟତିକ୍ରମ ଘଟିଛି। ଠିକା ସଂସ୍ଥା ହିଁ ସେଠାରୁ ବାଲି ଉଠାଇ ରାସ୍ତା ନିର୍ମାଣ କରିଛି। ମାତ୍ର ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ବାଲି ମାଫିଆଙ୍କ ଆଡ଼େ ଅଙ୍ଗୁଳି ଉଠାଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଜଣେ ଠିକାଦାର ନିଜ ନାମ ଗୋପନ ରଖି କହିଛନ୍ତି, ବଡ଼ ବଡ଼ ଠିକାଦାରମାନେ ଏକକାଳୀନ ଭାବେ ବିଭିନ୍ନ ସ୍ଥାନରେ କାମ କରିଥାନ୍ତି। ସେମାନେ ବର୍ଷକୁ ନିୟମିତ ଭାବେ ରୟାଲ୍‌ଟି ଦିଅନ୍ତି। ଦାୟିତ୍ୱରେ ଥିବା ବିଭାଗ ରୟାଲ୍‌ଟି ପାଇଗଲେ କାମ ଆଗକୁ ବଢ଼େ। ବାଲି କିମ୍ବା ମାଟି ଖୋଳା ନେଇ କିଛି ପ୍ରଶ୍ନ ପଚରାଯାଏ ନାହିଁ। ଅନ୍ୟପକ୍ଷରେ ପୁରୀ ସଦର ତହସିଲଦାର ରବୀନ୍ଦ୍ର ପ୍ରଧାନ କହିଛନ୍ତି, ରାଜସ୍ୱ ବିଭାଗ ରୟାଲ୍‌ଟି ଉପରେ ଗୁରୁତ୍ୱ ଦେଉଛି। ତେବେ ବାଲି କିମ୍ବା ମାଟି ଉଠାଇବା ନେଇ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ତାଙ୍କ ପାଖକୁ କୌଣସି ଦରଖାସ୍ତ ଆସିନାହିଁ। ଏ ସଂକ୍ରାନ୍ତରେ ମଧ୍ୟ କିଛି ସୂଚନା ନାହିଁ। ସେହିପରି ରାସ୍ତା ଓ କୋଠାବାଡ଼ି ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗିରିଶ ଚନ୍ଦ୍ର ରାୟ କହିଛନ୍ତି, ସମ୍ପୃକ୍ତ ସଂସ୍ଥାକୁ ରାସ୍ତାକଡ଼ରୁ ବାଲି ଓ ମାଟି ଖୋଳି ନେବା ପାଇଁ କୁହାଯାଇ ନ ଥିଲା। ତେବେ ବାଲି କେଉଁଠାରୁ ଆସିଛି ତାହା ଜଣାପଡ଼ିନାହିଁ। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ସହ ଆଲୋଚନା କରାଯିବା ପରେ ଅଭିଯୋଗର ସତ୍ୟତା ଜଣାପଡ଼ିବ।




ବିଶ୍ୱ ମହାସାଗର ଦିବସ ଅବସରରେ ସୋମବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ବିଡିଓଙ୍କୁ ଦେଖି ଲୁଚିଲେ ଦୋକାନୀ

ପିପିଲି,୭।୬(ଡି.ଏନ୍.ଏ.)

ପିପିଲି ଅଞ୍ଚଳରେ ସୋମବାର ଜରୁରୀ ସାମଗ୍ରୀ ବ୍ୟତୀତ ଅନ୍ୟ ଦୋକାନୀ କୋଭିଡ ନିୟମ ନ ମାନି ଲୁଚାଛପାରେ ବ୍ୟବସାୟ କରୁଥିଲେ। ପରେ ବିଡିଓ ଚେକିଂ ପାଇଁ ଆସୁଥିବା ଶୁଣି ଦୋକାନୀମାନେ ଲୁଚିଥିଲେ। ଦୋକାନୀମାନେ ଭିତରପଟୁ ଦୋକାନ କବାଟ ବନ୍ଦ କରି ଗ୍ରାହକଙ୍କୁ ଧରି ବ୍ୟବସାୟ କରିଥିଲେ। ଏହା ବିଡିଓ ଜାଣିପାରି କେତେକ ଦୋକାନୀଙ୍କୁ ତାଗିଦ୍ କରିବା ସହ ଜରିମାନା ଆଦାୟ କରିଥିଲେ। ସୋମବାର ପିପିଲି ବଜାର୍‌ରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। ବସ୍ତ୍ର, ଷ୍ଟେଶନେରି ଦୋକାନରେ ଭିଡ଼ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏପରିକି ଲୋକେ ବିନା ମାସ୍କ, ସାମାଜିକ ଦୂରତ୍ୱ ନ ମାନି କିଣାବିକା କରୁଥିଲେ। ଏ ବିଷୟରେ ବିଡିଓ ରଶ୍ମିତା ନାଥ ଷଡ଼ଙ୍ଗୀ ଖବରପାଇ ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରିଥିଲେ।

**ରଥଖଳାରୁ**

## ଦଣ୍ଡା କାମ ଅନୁକୂଳ



ମୁଖ୍ୟ ମହାରଣାଙ୍କ ଦ୍ୱାରା ଦଣ୍ଡା କାର୍ଯ୍ୟର ଶୁଭ ଅନୁକୂଳ କରାଯାଉଛି ।

ପୁରୀ ଅଫିସ, ୭।୬:

ଘୋଷଯାତ୍ରା ପାଇଁ ଅସ୍ଥାୟୀ ରଥଖଳାରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ସୋମବାର ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଦଣ୍ଡା କାର୍ଯ୍ୟ ଅନୁକୂଳ ହୋଇଛି। ଏହାପରେ ୯ଟି ଦଣ୍ଡାର ଚଉପଟ କାମ ଆରମ୍ଭ ହୋଇଛି। ସେହିପରି ୩ ରଥର ମୋଟ ୪୨ ଚକ ମଧ୍ୟରୁ ୩୭ଟି ଚକ ସମେତ ଆଉ ଦୁଇଟି ଲେଖାଏ ଚାରିନାହାକା ନିର୍ମାଣ ସରିଛି। ତିନି ରଥର ଗୋଟିଏ ଲେଖାଏ ଗରଗରାର ଚଉପଟ କାମ ଆରମ୍ଭ ହୋଇଛି। ରୂପକାର ସେବକମାନେ କୋଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ତାଳଧ୍ୱଜ ରଥର ୧୪ ଚକ ମଧ୍ୟରୁ ୧୨ଟି ଚକ ଓ ଚାରିନାହାକା ନିର୍ମାଣ କାର୍ଯ୍ୟ ସରିଛି। ଗୋଟିଏ ଗରଗରାର ଚଉପଟ କାମ ଆରମ୍ଭ ହୋଇଛି। ଦେବଦଳନ ରଥର ମୋଟ ୧୨ ଚକ ମଧ୍ୟରୁ ୧୧ଟି ଚକ ସମେତ ଚାରିନାହାକା ନିର୍ମାଣ କାର୍ଯ୍ୟ ସରିଛି। ଗୋଟିଏ ଚଉପଟ କାମ ଆରମ୍ଭ ହୋଇଛି। ନନ୍ଦିଘୋଷ ରଥର ୧୬ ଚକ ମଧ୍ୟରୁ ୧୪ଟି ଚକ ନିର୍ମାଣ ସମେତ ଚାରି ନାହାକା କାର୍ଯ୍ୟ ସରିଛି। ଗୋଟିଏ ଗରଗରାର ଚଉପଟ କାମ ଆରମ୍ଭ ହୋଇଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଦଣ୍ଡା ବିଡ଼ିଆ କଣ୍ଟା, ଆଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ସୋମବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ରଥଖଳା ଏବଂ କମାରଶାଳକୁ ଯାଇ କାର୍ଯ୍ୟ ତଦାରଖ କରିବା ସହ ସେବକ ଓ କାରିଗରଙ୍କ ସହିତ ଆଲୋଚନା କରିଥିଲେ। ମୋଟ ୧୯୪ ସେବକ ଓ କାରିଗର କାର୍ଯ୍ୟରେ ନିୟୋଜିତ ଥିଲେ।

**ସଂକ୍ଷେପରେ**

## 'ଭାରତକୁ ବିଶ୍ୱରେ ପରିଚିତ କରାଇଛି ସଂସ୍କୃତ'

ପୁରୀ ଅଫିସ, ୭।୬: 'ସଂସ୍କୃତ ଭାରତୀ' ଓଡ଼ିଶା ପକ୍ଷରୁ ଭର୍ଚ୍ଚୁଆଲ ମାଧ୍ୟମରେ ଭାଷା ବୋଧନ ବର୍ଗର ସମାପନ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଯୋଗଦେଇଥିଲେ। ସେ ସଂସ୍କୃତରେ ଜଗନ୍ନାଥାଷ୍ଟକଂ ଗାନ କରି ବିଶ୍ୱସ୍ତରରେ ପ୍ରତିଷ୍ଠିତ ହୋଇଥିଲେ ବୋଲି କହିଥିଲେ। ବର୍ତ୍ତମାନ ସେ ସଂସ୍କୃତରେ ଏକ ଗୀତ ନିର୍ଦ୍ଦେଶନା ଦେବା ନିମନ୍ତେ ପ୍ରସ୍ତୁତ ଥିବା ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀର ଅଖିଳ ଭାରତୀୟ ସଂଘଟନ ମନ୍ତ୍ରୀ ଦିନେଶ କାମତ୍ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଭାରତୀୟଙ୍କ ପରିଚୟ ସଂସ୍କୃତରେ ନିହିତ। ସଂସ୍କୃତ ହିଁ ଭାରତକୁ ବିଶ୍ୱରେ ପରିଚିତ କରାଇପାରିଛି। ସମ୍ମାନିତ ଅତିଥି ଭାବେ ସଂସ୍କୃତ ଭାରତୀର ଉତ୍କଳ ପ୍ରାନ୍ତ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନେ ସଂସ୍କୃତ ଗୀତ, କ୍ଷୁଦ୍ର ଗଳ୍ପ କଥନ, ହସ କଥା ଇତ୍ୟାଦି ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶେଷଦେବ ପରିଚାଳନା କରିଥିବାବେଳେ ପ୍ରାନ୍ତ ସହ ସମ୍ପାଦକ ଡା. ନବୀନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଘରେ ଘରେ ପଟ୍ଟା ବାଣ୍ଟିଲା ପ୍ରଶାସନ

ସାକ୍ଷୀଗୋପାଳ, ୭।୬(ଡି.ଏନ୍.ଏ.)- ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୋମବାର ବିଭିନ୍ନ ଗ୍ରାମର ଘର ଘର ବୁଲି ଜମିପଟ୍ଟା ଓ ଅନ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏଥିନିମନ୍ତେ ସତ୍ୟବାଦୀ ତହସିଲଠାରୁ ରାଜସ୍ୱ ରଥ ଉଦ୍‌ଘାଟିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ନାଥ ଶର୍ମା ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ମନୋଜ କୁମାର ନାୟକ, ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର, ବିଡିଓ କ୍ଷୀରୋଦ କୁମାର ବେହେରା ଓ ସତ୍ୟବାଦୀ ଥାନା ଆଇଆଇସି ଦେବୀପ୍ରସାଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୩୦ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଏହି ରଥ ସୋମବାର ଓ ଶୁକ୍ରବାର ତହସିଲ ସାରା ବୁଲି ଜନସାଧାରଣଙ୍କୁ ସେବା ପ୍ରଦାନ କରିବ।

## ବ୍ଲକସ୍ତରୀୟ ସମୀକ୍ଷା ବୈଠକ

କଣାସ,୭।୬(ସ୍ୱ.ପ୍ର)- କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ସୋମବାର ବ୍ଲକସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ସଭାପତିତ୍ୱ କରିଥିଲେ। କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରା, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ବ୍ଲକ ସହକାରୀ ଯନ୍ତ୍ରୀ ଓ ସମସ୍ତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ରାସ୍ତାଘାଟ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହେବାକୁଥିବା ପାର୍କ, ଖେଳପଡ଼ିଆ, ଲାଇବ୍ରେରୀ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ କେତେଦୂର ଅଗ୍ରସର ହୋଇଛି ବିଧାୟକ ସାମନ୍ତରାୟ ପଚାରି ବୁଝିଥିଲେ। ବ୍ଲକରେ ପ୍ରତିଟି କାର୍ଯ୍ୟ କିଭଳି ସୁରୁଖୁରୁରେ ହୋଇପାରିବ ସେନେଇ ବିଧାୟକ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ କହିଥିଲେ।

## ବ୍ରହ୍ମଗିରିରେ ଗ୍ରାମ ନ୍ୟାୟାଳୟ ଉଦ୍‌ଘାଟିତ

ବ୍ରହ୍ମଗିରି,୭।୬(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ତ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟ ନେଇ ସୋମବାର ବ୍ରହ୍ମଗିରିରେ ଗ୍ରାମ ନ୍ୟାୟାଳୟର ଉଦ୍‌ଘାଟନ ହୋଇଯାଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚ୍ଚୁଆଲ ମାଧ୍ୟମରେ ଏହି ନ୍ୟାୟାଳୟକୁ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ଅନ୍ୟାନ୍ୟ ଅତିଥିଭାବେ ହାଇକୋର୍ଟର ବିଚାରପତି ଏସ୍.କେ. ମହାପାତ୍ର, ପ୍ରଣନାଥ ପଟ୍ଟନାୟକ, ବି.ଆର. ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଚାରପତି ଡ.ମୁରଲୀଧର ଉଦ୍‌ବୋଧନ ମାଧ୍ୟମରେ କହିଥିଲେ, ବ୍ରହ୍ମଗିରିବାସୀଙ୍କ ପାଇଁ ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି । ଅଞ୍ଚଳବସୀ ଦ୍ୱାରଦେଶରେ ତ୍ୱରିତ ନ୍ୟାୟ ପାଇବା ପାଇଁ ସକ୍ଷମ ହେବେ। ଏଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ସ୍ଥଳରେ ପୁରୀ ଜିଲା ଜଜ୍ ସନ୍ତୋଷ କୁମାର ଜେନା, ରେଜିଷ୍ଟ୍ରାର ଅରୁଣ କୁମାର ପଟ୍ଟନାୟକ, ପ୍ରୋଟକଲ ଅଫିସର ଜୀବନ କୁମାର ପଟ୍ଟନାୟକ, ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀ, ତହସିଲଦାର କାହ୍ନୁଚରଣ ଘଡେଇ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ଏହି ନୂତନ ନ୍ୟାୟାଳୟରେ ପ୍ରଥମ ନ୍ୟାୟାଧୀଶ ଭାବେ ରଶ୍ମି ନାରାୟଣୀ ମିଶ୍ର ଯୋଗଦେଇଛନ୍ତି। କାର୍ଯ୍ୟକ୍ରମକୁ ଯୁବଆଇନଜୀବୀ ରମାଶଙ୍କର ପାତ୍ର ତଦାରଖ କରିଥିଲେ। ପରେ ପୁରୀ ଜିଲା ଜଜଙ୍କ ଦ୍ୱାରା ନ୍ୟାୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ୧୮ ଗ୍ରାମ ବ୍ରାଉନ ସୁଗାର ଜବତ, ୩ ଗିରଫ

ପୁରୀ ଅଫିସ, ୭।୬

ବ୍ରାଉନ ସୁଗାର ବିକିବା ଅଭିଯୋଗରେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ୩ ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଧୋବାଖାଲ ଅଞ୍ଚଳର ଶ୍ୟାମସୁନ୍ଦର ନାୟକ, ଟାଉନ ଥାନା ଅନ୍ତର୍ଗତ କାଳିକାଦେବୀ ସାହିର ମିଥୁନ ପୃଷ୍ଟି ଏବଂ କୋଣାର୍କ ଥାନା ଅଞ୍ଚଳର ଅଜୟ କୁମାର ବରାଳ। ସେମାନଙ୍କଠାରୁ ୧୮ଗ୍ରାମ ବ୍ରାଉନସୁଗାର ସହ ୨ଟି ଗାଡ଼ି ଜବତ କରାଯାଇଛି। ଶ୍ୟାମସୁନ୍ଦର ଓ ମିଥୁନଙ୍କ ବିରୋଧରେ ସମୁଦ୍ରକୂଳ ଥାନାରେ କେସ୍ ନଂ. ୧୨୪/୨୧ ରୁଜୁ ହୋଇଛି। ସେହପରି କୋଣାର୍କ ଥାନା ଅଞ୍ଚଳରେ ମଧ୍ୟ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଚଢ଼ାଉ କରି ଅଜୟଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ ୯୧/୨୧ରେ ମାମଲା ରୁଜୁ କରିଛି।

## ୧୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୭।୬(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ଚଉଁରାପଦା ପଞ୍ଚାୟତ ସମେତ ଏନ୍‌ଏସିର ୯ଟି ୱାର୍ଡରେ ୯କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ହେବାକୁ ଥିବା ୧୦ଟି ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତବିଭାଗ ପକ୍ଷରୁ ହଂସପଡ଼ାରେ ସାଢ଼େ ୭ଏକର ଜାଗାରେ ୭.୨୬କୋଟି ଟଙ୍କାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧.୯୨ କୋଟି ଟଙ୍କାରେ ଗବନାଳିଆ-ବଡ଼ଗାଁ ରାସ୍ତା ନିର୍ମାଣ, ନିମାପଡ଼ା ଏନ୍‌ଏସି ପକ୍ଷରୁ ମୋଟରେ ୭୮ ଲକ୍ଷ ଟଙ୍କାରେ ୧୦ନଂ ୱାର୍ଡର ତଳଅଣ୍ଟିଆ ଛକରେ ସ୍ୱାଗତ ଗେଟ, ଡିଏଭି ସ୍କୁଲ ପକ୍କାରାସ୍ତା, ଭୁବନପୁର-ବଳଙ୍ଗା ପକ୍କାରାସ୍ତା, ୨ନଂ. ୱାର୍ଡର ଦକ୍ଷିଣ ଭୋଇ ସାହି ପକ୍କାରାସ୍ତା, ୫ନଂ ୱାର୍ଡର ଅମୁଣିଆପାଟଣା ଓ ଗୁଣ୍ଡିଚାବାଡ଼ ଗ୍ରାମର ୨ ପକ୍କା ଡ୍ରେନ ପାଇଁ ଭିତ୍ତିପ୍ରସ୍ତର ହୋଇଛି। ଏହି ସମାରୋହରେ ସମ୍ମାନିତ ଅତିଥି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ପାର୍ଥଦେବ ସାହୁ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଶାରଦା ପ୍ରସନ୍ନ ଦାଶ, ପ୍ରଶାନ୍ତ ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ସହକାରୀ ଯନ୍ତ୍ରୀ ସୁଧାକରଣ ଦାଶ, ପରିମଳ ଅଧିକାରୀ ବିଜୟ ବ୍ରହ୍ମାଚାର୍ଯ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ସରପଞ୍ଚ ସୁମିତ୍ରା ସାହୁ, ସନାତନ ପ୍ରଧାନ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ସଭାପତି ଅଶୋକ ସାହୁ, ପ୍ରଦୀପ୍ତ ଖଟୋଇ, ସ୍ୱର୍ଣ୍ଣଲତା ପ୍ରଧାନ, ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ସ୍ଥାନରେ ମାସ୍କ ବଣ୍ଟନ କରିଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

## ମଣ୍ଡିରେ ଧାନ କ୍ରୟ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ପୁରୀ ଅଫିସ, ୭।୬:

**ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ରବିଋତୁରେ ଧାନକିଣାରେ ଅବ୍ୟବସ୍ଥା, ଅଦିନିଆ ବର୍ଷା ଯୋଗୁ ଫସଲ ନଷ୍ଟ ଓ ଚାଷୀଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ଦାବିରେ ସୋମବାର ଭାରତୀୟ ଜନତା ପାର୍ଟି (ଭାଜପା) କୃଷକ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ମେ ୧ରୁ ମଣ୍ଡିରେ ରବିଋତୁର ଧାନ କିଣା ଆରମ୍ଭ ହେବାର ବିଧି ରହିଛି। ମାତ୍ର ରାଜ୍ୟ ସରକାର ଭିନ୍ନ ଭିନ୍ନ ତାରିଖରେ ବିଭିନ୍ନ ଜିଲାରେ ମଣ୍ଡି ଖୋଲିବାରୁ ଚାଷୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରନ୍ତୁ। ଧାନ ଲୋଡିଂ, ଅନ୍‌ଲୋଡିଂ, ପରିବହନର ସମସ୍ତ ଅର୍ଥ କେନ୍ଦ୍ର ସରକାର ଦେଉଥିବାବେଳେ ଏହି ଅର୍ଥକୁ କେଉଁମାନେ ଭାଗ କରି ବାଣ୍ଟି ନେଉଛନ୍ତି ତାହାର ହିସାବ ରାଜ୍ୟ ସରକାର ଦିଅନ୍ତୁ। ମଣ୍ଡିରେ କଟ୍‌ନି ଛଟ୍‌ନି ଦ୍ୱାରା ଚାଷୀ ଶୋଷିତ ହେଉଛନ୍ତି। ଏଥିପାଇଁ ମିଲର୍ସଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା ଅଭିମୁଖ୍ୟ ଗ୍ରହଣ କରନ୍ତୁ। ୟାସ୍ ବାତ୍ୟା ଓ ଅଦିନିଆ ବର୍ଷା ଯୋଗୁ ଧାନ ନଷ୍ଟ ହୋଇଛି। ତେଣୁ ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦିଅନ୍ତୁ ବୋଲି ଭାଜପା କୃଷକ ମୋର୍ଚ୍ଚା ଦାବି କରିଛି। ନଚେତ ରାଜ୍ୟବ୍ୟାପୀ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ କାମାକ୍ଷା ପ୍ରଧାନ, ମୋର୍ଚ୍ଚାର ଜିଲା ସଭାପତି ଅଜୟ ପ୍ରଧାନ, ସମ୍ପାଦକ ଲିଙ୍ଗରାଜ ବାରିକ, କୃଷ୍ଣ ଜଗଦେବ, ଲକ୍ଷ୍ମୀଧର ଜଗଦେବ ଏବଂ ବିଶ୍ୱଜିତ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତାମାନେ ।

## ତେଇଶିପୁର ସମିତିରେ ମୁଗ ବିରି ମଣ୍ଡି ଖୋଲିଲା

ପିପିଲି,୭।୬(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ତେଇଶିପୁର ସେବା ସମବାୟ ସମିତିଠାରେ ସୋମବାର ମୁଗବିରି ଓ ଚିନାବାଦମ ମଣ୍ଡି ଖୋଲାଯାଇଛି। ଏହି ମଣ୍ଡିକୁ ପିପିଲି ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ଧରଣୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମାର୍କଫେଡ ଆଞ୍ଚଳିକ ପରିଚାଳକ ଖୋର୍ଦ୍ଧା ଓ ପୁରୀ ଜିଲା ଦୁର୍ଗାଚରଣ ଛୋଟରାୟ, ପିପିଲି ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର କୁମାର ଦାଶ, ତେଇଶିପୁର ସେବା ସମବାୟ ସମିତି ଭାରପ୍ରାପ୍ତ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ତେଇଶିପୁର ଗ୍ରାମ୍ୟ କୃଷି କର୍ମଚାରୀ ସମୀର ନାୟକ ଉପସ୍ଥିତ ରହିଥିଲେ। ପ୍ରଥମ ଦିନରେ ୩ଟି ଚାଷୀଙ୍କଠାରୁ ୧୦ କୁଇଣ୍ଟାଲ ମୁଗ କିଣାଯାଇଥିବା ମାର୍କଫେଡ ଆଞ୍ଚଳିକ ପରିଚାଳକ ଛୋଟରାୟ ସୂଚନା ଦେଇଛନ୍ତି। ମୁଗ କୁଇଣ୍ଟାଲ ପିଛା ୭୧୯୬ଟଙ୍କା ରହିଥିବା ବେଳେ ବିରି କୁଇଣ୍ଟାଲ ୬୦୦୦ ଓ ଚିନାବାଦାମ ୫୨୭୫ଟଙ୍କା ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ସୋମବାର ଓ ଶୁକ୍ରବାର ଏହି ଦୁଇ ଦିନ ଚାଷୀ ମଣ୍ଡିରେ ମୁଗବିରି ଓ ଚିନାବାଦାମ ବିକ୍ରୟ କରିପାରିବେ ବୋଲି ସମ୍ପାଦକ ସ୍ୱାଇଁ ପ୍ରକାଶ କରିଛନ୍ତି।


**INSTITUTE OF MATHEMATICS AND APPLICATIONS**
Andharua, Bhubaneswar-751029
(Established by the Govt. of Odisha)
Under Science & Technology Department
Ref: No. IMA/42-Admission/322 /2021 Date: 07/06/2021

**ADMISSION NOTICE FOR THE ACADEMIC YEAR 2021-22**

No. CAD-406

The Institute of Mathematics and Applications (IMA) is a premier institute well known for its unique teaching, research and training activities. The vision of IMA is to generate, disseminate, and preserve knowledge in mathematical science and related discipline and to use this knowledge for promoting welfare of the people. The aim of the institute is to strive for excellence and spread the culture of mathematical competence at all levels of the society. Its serene environment and beautiful campus atmosphere provide perfect setting for a professionally rewarding educational experience. The students are nurtured by competent teachers and the progress of the institute is monitored by a body of renowned academicians. After completing the course, the students get themselves absorbed in reputed R&D institutions, foreign Universities and Multi-National Companies. IMA conducts its own entrance test to intake students into the following courses offered by the institute.

1. **Undergraduate Course (Three Years Duration):**
   - **B.Sc.(Hons.) in Mathematics and Computing, Intake: 30 (Thirty)**
     **Eligibility:** A candidate seeking admission to this programme should have passed Higher Secondary Examination or equivalent examination with Mathematics and English as subjects.
2. **Postgraduate Courses (Two Years Duration):**
   - **M.A./M.Sc. in Computational Finance, Intake: 30 (Thirty)**
   - **M.A./M.Sc. in Mathematics with Data Science, Intake: 30 (Thirty)**
     **Eligibility:** A candidate seeking admission to these programmes should have passed Bachelor's Degree with Mathematics/Statistics as honours/pass subject.

The detailed procedure of application, fees, centers of entrance test etc. are available in the IMA website link https://www.iomaorissa.ac.in/admissions

sd/
DIRECTOR

OIPR-28006/11/0001/2122


## ତୈଳ, ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ପୁରୀ ଅଫିସ, ୭।୬:

ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧିକୁ ସିପିଆଇଏମ୍ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ସିପିଆଇଏମ୍‌ର ପୁରୀ ଜିଲା ଶାଖା ପକ୍ଷରୁ ସୋମବାର ବଡଦାଣ୍ଡସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇଏମ୍ ନେତା ଶରତ କୁମାର ରାୟଗୁରୁ କହିଛନ୍ତି, କେନ୍ଦ୍ର ସରକାର ବଡ଼ ବ୍ୟବସାୟୀ ଓ କର୍ପୋରେଟ ମାନଙ୍କୁ ୭ବର୍ଷରେ ସାଢେ ୭ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟିକସ ଛାଡ଼ କରିଛନ୍ତି। ଫଳରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଦର ବଢ଼ିଲା। ଖାଦ୍ୟ ସାମଗ୍ରୀର ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ତୈଳରେ କେନ୍ଦ୍ର ୩୭ ଓ ରାଜ୍ୟ ୨୨ ଟଙ୍କା ଟିକସ ନେବା ପରିବର୍ତ୍ତେ ଯଦି ଜିଏସ୍‌ଟି ଲାଗୁ ହୁଅନ୍ତା ତେବେ ୪୦ ଟଙ୍କାରେ ତେଲ ମିଳିପାରନ୍ତା। କରୋନା ସ୍ଥିତି ବେଳେ ଲୋକଙ୍କ ଜୀବିକା ଉଜୁଡ଼ି ଯାଇଛି। ତେଣୁ ସରକାର ତୁରନ୍ତ ଦର ଉପରେ ଅଙ୍କୁଶ ଲଗାଇବା ସହ ଗରିବଙ୍କୁ ସହାୟତା ଯୋଗାଇ ଦେବାକୁ ରାୟଗୁରୁ ଦାବି କରିଛନ୍ତି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ମନୋରଞ୍ଜନ ମହାରଣା, ଟୁନା ନାୟକ, ବାଳକୃଷ୍ଣ ବେହେରା, ମୁନା ମହାପାତ୍ର, ଶିବ ପ୍ରସାଦ ସାହୁ, ହିମାଂଶୁ ଜେନା ଏବଂ ବିନୋଦ ବାରିକ ପ୍ରମୁଖ ସାମିଲ ଥିଲେ।




ସିପିଆଇଏମ୍‌ର ପୁରୀ ଜିଲା ଶାଖା ପକ୍ଷରୁ ବଡଦାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


**ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର**

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଏନ୍‌ବିବି_ବିବିଏସ୍_ଇଏଲ୍_ଓଟି_୨୧_୨୨_ଏଚ୍‌ଟି ତାରିଖ: ୦୨।୦୬।୨୦୨୧**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-I, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର, ଆନେକ୍ସ ବିଲ୍ଡିଂ, ରେଳବିହାର, ସି.ଏସ୍.ପୁର, ଭୁବନେଶ୍ୱର ୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍ http://ireps.gov.in/ ମାଧ୍ୟମରେ ଇ ବିଡ୍ ଆମନ୍ତ୍ରଣ କରାଯାଉଛି ।

**କାର୍ଯ୍ୟର ନାମ: ଜିଆର୍.୩୪୮ର ଆର୍‌ଇ କାର୍ଯ୍ୟ ସଂକ୍ରାନ୍ତରେ ପୂର୍ବତଟ ରେଳପଥଙ୍କ ଅଧୀନରେ ଖୋର୍ଦ୍ଧା ଡିଭିଜନର ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ଷ୍ଟେଶନ ମଧ୍ୟରେ ୟୁଜି କେବୁଲ୍ ଦ୍ୱାରା ୩୩ କେଭି (୦୧ ଗୋଟି) ଏବଂ ୧୧ କେଭି (୦୧ ଗୋଟି) ଏଚ୍‌ଟି ପାୱାର୍ ଲାଇନ କ୍ରସିଂର ସଂଶୋଧନ ।**

| ଅଟକଳ ମୂଲ୍ୟ | ଇ.ଏମ୍.ଡି. | ଟେଣ୍ଡର କାଗଜପତ୍ର ମୂଲ୍ୟ |
|---|---|---|
| ₹ ୫୯,୨୪,୯୦୯.୭୯ | ଶୂନ୍ୟ | ₹ ୫୦୦୦/- |
| ବିଡିଂ ଆରମ୍ଭ ତାରିଖ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ |
| ୨୩।୦୬।୨୦୨୧ | ୦୬ (ଛଅ) ମାସ | ୦୭।୦୭।୨୦୨୧, ୧୨.୦୦ ଘଟିକା |

ବିଡ୍ ଅମାନତ ଘୋଷଣାନାମା ବଦଳରେ ଛାଡ଼ ହୋଇଥିବା ଇଏମ୍‌ଡି, ଯାହା ଅଫର୍ ସହିତ ଅପ୍‌ଲୋଡ୍ ହେଇଛି, ସନ୍ଦର୍ଭ: ଟେଣ୍ଡର ବୁକ୍ ପାରା ୧.୧.୫, ଯାହା ବିନା ଅଫର୍ ବିଧିବଦ୍ଧ ଭାବେ ନାକଚ ହୋଇଯିବ ।

ଏହି ଇ-ଟେଣ୍ଡର ପାଇଁ ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ପଠାଯାଇଥିବା କୌଣସି ମାନୁଆଲ୍ ଅଫର୍‌କୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟରହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ୍ୟ । ଏପରି ସମସ୍ତ ଅଫର୍‌ଗୁଡ଼ିକୁ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://ireps.gov.in/ରେ ଉପଲବ୍ଧ । ବିଡର୍‌ମାନଙ୍କ ନିକଟରେ କ୍ଲାସ୍-iii ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ । ସମସ୍ତ ସମ୍ପର୍କିତ କାଗଜପତ୍ର ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବା ଏବଂ ଉପରୋକ୍ତ ଇ-ଟେଣ୍ଡର ପାଇଁ ଇ-ବିଡିଂ ନିମନ୍ତେ ନିର୍ଦ୍ଦେଶାବଳୀର ଅନୁସରଣ କରାଯିବା ଜରୁରୀ ଅଟେ ।

ଏହି ଟେଣ୍ଡର ପାଇଁ କୌଣସି ସଂଶୋଧନ/ଶୁଦ୍ଧିପତ୍ର ସମ୍ପର୍କିତ ସୂଚନା ନିମନ୍ତେ ଟେଣ୍ଡର ସମାପ୍ତି ତାରିଖରୁ ସାତ ଦିନ ପୂର୍ବରୁ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

**ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-I, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର**
**ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ**

**କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା** | **ବୋଲଗଡ଼,(ଡି.ଏନ୍.ଏ.):** ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଉତ୍କଳୀୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚୁଡ଼ା ଓ ଡାବରଧୂଆ ଗାଁରେ ବିଶୋଧନ କରାଯାଇଛି। ପରେ ବୋଲଗଡ଼ ଥାନା ପରିସରରେ ଫାଉଣ୍ଡେଶନ ପକ୍ଷରୁ କରୋନା ଯୋଦ୍ଧା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ବୋଲଗଡ଼ ଥାନା ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଥାନା ଅଧିକାରୀ ବିଦିତା ନାୟକ, ଏସଆଇ ସୁଜାତା ପଲେଇ,ଏସଆଇ ମନୋଜ ଦାସ, ଏସଆଇ ଚନ୍ଦନ ସାହୁ,ଏସଆଇ ଦୀନବନ୍ଧୁ ସେଠୀ, ବନପାଳ ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ଗଣମାଧ୍ୟମର ଖବରଦାତା ଓ ସାମାଜିକ କର୍ମୀ ଶାନ୍ତନୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଜୋରରେ ଭାସୁଛି ମୃତଦେହ

**ଖୋର୍ଦ୍ଧା ଅଫିସ,୭।୬:** ହଳଦିଆ ବସନ୍ତ ଗ୍ରାମ ନିକଟ ରଣନଦୀ କଡ଼ରେ ଥିବା ଗହୀରର ଏକ ଜୋରରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଭାସୁଥିବା ସୋମବାର ସନ୍ଧ୍ୟାରେ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଆଦର୍ଶ ଥାନା ପୋଲିସ ରାତି ପ୍ରାୟ ୮ଟାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ଧାର ଓ ପାଣି ଥିବାରୁ ମୃତଦେହ ଜବତ ହୋଇପାରି ନ ଥିବା ବେଳେ ମୃତକଙ୍କ ପରିଚୟ ମିଳିନାହିଁ। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯିବ ବୋଲି ପୋଲିସ କହିଛି।

### ବଜ୍ରପାତରେ ୨ ଗୋରୁ, ମେଣ୍ଢା ମୃତ

**ବୋଲଗଡ଼,୭।୬(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଜରିପଡା ଗ୍ରାମରେ ସୋମବାର ବଜ୍ରପାତ ଘଟି ୨ ଗୋରୁ ଓ ଗୋଟିଏ ମେଣ୍ଢାର ମୃତ୍ୟୁ ହୋଇଥିବା ବେଳେ ଉକ୍ତ ଗ୍ରାମର ସନ୍ତୋଷ ବେହେରା ଆହତ ହୋଇଛନ୍ତି। ସୂଚନା ମୁତାବକ, ଜରିପଡା ଗ୍ରାମର ସନ୍ତୋଷ ଗହିରକୁ ଗୃହପାଳିତ ପଶୁଙ୍କୁ ଚରାଇବାକୁ ନେଇଥିଲେ। ଅପରାହ୍ନରେ ହଠାତ୍ ବର୍ଷା ସହ ଘଡ଼ଘଡି ହେବାରୁ ବରଗଛ ତଳେ ଆଶ୍ରୟ ନେଇଥିଲେ। ବଜ୍ରପାତ ଘଟି ତାଙ୍କର ୨ ଗୋରୁ ଓ ଗୋଟିଏ ମେଣ୍ଢାଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସନ୍ତୋଷଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ।

### ବିଇଓ ପଦବୀ ପୂରଣ ଦାବି

**ଟାଙ୍ଗୀ(ଖୋର୍ଦ୍ଧା),୭।୬(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଏଠାରେ ଦାୟିତ୍ୱରେ ଥିବା ବିଇଓ ମଧୁସୂଦନ ମଲ୍ଲିକ ପଦୋନ୍ନତି ପାଇ ହାୟର ସେକେଣ୍ଡାରୀ ଏଜୁକେସନର ଡେପୁଟି ଡାଇରେକ୍ଟର ହେବା ପରେ ଏହି ପଦବୀ ଖାଲି ପଡ଼ିଛି। ବିଆରସିସି ଦାୟିତ୍ୱରେ ଥିବା ଅତିରିକ୍ତ ବିଇଓ ଅବଧୁତ ଚମ୍ପତି ଏକ ବର୍ଷ ହେବ ଅବସର ନେଇସାରିଥିବା ବେଳେ ଏହି ପଦବୀ ପୂରଣ ହୋଇପାରି ନାହିଁ। ଏହି ପଦବୀ ପୂରଣ ପାଇଁ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଛି।

### ଖୋର୍ଦ୍ଧା ସବ୍‌ଡିଭିଜନରେ ୯୨୧ ସକ୍ରିୟ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୭।୬:** ଖୋର୍ଦ୍ଧା ସବ୍‌ଡିଭିଜନରେ ସୋମବାର ୨୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ୭୬ଜଣ ସୁସ୍ଥ ହୋଇଛନ୍ତି। ମୋଟ ୫,୦୫୧ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୪,୧୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୯୨୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ତନ୍ମଧ୍ୟରୁ ୭୬୬ ସଙ୍ଗରୋଧ ଏବଂ ୧୫୩ଜଣ କୋଭିଡ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଉପଜିଲାପାଳ ଯେ, କରୋନା ଚେନ୍‌କୁ ବ୍ରେକ ଦେବା ଲାଗି ଖୋର୍ଦ୍ଧା ଉପଖଣ୍ଡରେ ଏନ୍‌ଫୋର୍ସମେଣ୍ଟକୁ କଡାକଡି କରାଯାଇଛି। ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଏଥିସହ ରାତ୍ରିକାଳୀନ ଚେକିଂକୁ ଜୋରଦାର କରାଯାଇଛି। ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ମଧ୍ୟ କୋଭିଡ୍ ନିୟମ ପାଳନ ଲାଗି ତାଗିଦ୍ କରାଯାଇଛି। ଗ୍ରାମାଞ୍ଚଳରେ ଆଶା, ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ବୋଲି ସେ କହିଛନ୍ତି।

### ଖୋର୍ଦ୍ଧା ସାହିତ୍ୟ ସଂସଦର ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୭।୬:** ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ 'ମନୋଜ ଦାସଙ୍କ ଦୂର ଦିଗନ୍ତ' ଶୀର୍ଷକ ଭର୍ଚୁଆଲ ମାଧ୍ୟମରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ କଥାକାର ଡ. ପଦ୍ମଜପାଳ ଉଦ୍‌ଘାଟନ କରି ମନୋଜ ଦାସଙ୍କ ବିଭିନ୍ନ ଗଳ୍ପ ଓ ଉପନ୍ୟାସ ଉପରେ ସମ୍ୟକ୍ ଆଲୋକପାତ କରିଥିଲେ। କବୟିତ୍ରୀ ମମତା ଦାଶ ତାଙ୍କ ଦାର୍ଶନିକ, ମୂଲ୍ୟବୋଧ ଜୀବନ ଓ ମାନବିକତା ସମ୍ପର୍କରେ ନିଜ ଅନୁଭୂତି କହିଥିଲେ। ଶାରଳା ପୁରସ୍କାର ବିଜେତା କବି ଡ. ଶତ୍ରୁଘ୍ନ ପାଣ୍ଡବ ମନୋଜ ଦାସଙ୍କ ସମ୍ପର୍କରେ ନିଜ ଭାବ ପ୍ରକାଶ କରିଥିଲେ। ଗାଳ୍ପିକ ଡ. କୈଳାସ ମହାରଣା ସଂଯୋଜନା କରିଥିଲେ। ଡ. ନିରଞ୍ଜନ ମହାନ୍ତି ପ୍ରାରମ୍ଭରେ ପଣ୍ଡିତ ଗୋଦାବରୀଶଙ୍କ ରଚିତ 'ତୁଙ୍ଗ ଶିଖରୀ ଚୂଳ' ସଙ୍ଗୀତ ଗାନ କରିଥିଲେ। ଆଲୋଚନା ଚକ୍ରରେ ସଙ୍ଗଠନ ସମ୍ପାଦକ ବିଷ୍ଣୁ ପ୍ରସାଦ ହରିଚନ୍ଦନ, ଉପସଭାପତି ଡ. ଯୋଗେଶ ରଥ, ପ୍ରଫେସର ନାରାୟଣ ରାଓ, ଔପନ୍ୟାସିକ ଶ୍ୱେତପଦ୍ମାସିନୀ ମହାନ୍ତି, ଆରତୀ ମଞ୍ଜରୀ ଦାସ, ଗାଳ୍ପିକ ତପନ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଯୋଗ ଦେଇଥିଲେ। ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

# ୧.୨୦ ଲକ୍ଷ ହେକ୍ଟରରେ ହେବ ଖରିଫ ଚାଷ

**ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ**
- ୧୦୨୫ କୋଟି ଟଙ୍କା ଦିଆଯିବ ଋଣ
- ୫୮ ହଜାର ୮୯ ହେକ୍ଟରରେ ଜଳସେଚନ ବ୍ୟବସ୍ଥା
- ୫ ହଜାର ମାଟି ପରୀକ୍ଷା, ୩୨ ତାଲିମ ଶିବିର

ଖୋର୍ଦ୍ଧା ଅଫିସ, ୭।୬

ଖରିଫ ଚାଷ ୨୦୨୧ ଲାଗି ଖୋର୍ଦ୍ଧା ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ସୋମବାର ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଓ ଜୈବିକ କୃଷି, ଚାଷୀଙ୍କ ଆର୍ଥିକ ବିକାଶ, କୃଷିଋଣ ଏବଂ ଜଳସେଚନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲା କୃଷି ଅଧିକାରୀ ଗଣେଶ ପ୍ରସାଦ ଦାସ ଜିଲାରେ ଖରିଫ ଚାଷ ୨୦୨୧ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷ ପ୍ରାୟ ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଖରିଫ ଚାଷ କରାଯିବ। ସେଥିରୁ ୧ ଲକ୍ଷ ୫ ହଜାର ୮୬୦ ହେକ୍ଟର ଜମିରେ ଧାନଚାଷ କରାଯିବ। ଅବଶିଷ୍ଟ ଜମିରେ ଅଣଧାନ ଯଥା ମୁଗ, ବିରି, ପନିପରିବା ଚାଷ କରାଯିବ। ଖରିଫ ଚାଷ ପାଇଁ ୫୮ ହଜାର ୮୯ ହେକ୍ଟର ଚାଷଜମିରେ ଜଳସେଚନ ବ୍ୟବସ୍ଥା ରହିଛି। ଜିଲାରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୭୧ଟି ଆଡ଼ିବନ୍ଧ କାର୍ଯ୍ୟକାରୀ କରାଯାଇ କୃଷି ଉପଯୋଗୀ କରାଯାଇଥିବା କ୍ଷୁଦ୍ର ଜଳସେଚନ ଡିଭିଜନ ନିର୍ବାହୀଯନ୍ତ୍ରୀ କହିଛନ୍ତି। ମରୁଡ଼ି ଅଞ୍ଚଳ ଚାଷଜମିରେ ଜଳସେଚନ ପାଇଁ ଡଗ୍‌ୱେଲ, ଉଠା ଜଳସେଚନ ଏବଂ ଚେକ୍‌ଡ୍ୟାମ ନିର୍ମାଣ ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ସରକାର ସମନ୍ୱିତ ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି।

କୃଷି ଅଧିକାରୀ ଦାସ କହିଛନ୍ତି, ଚଳିତବର୍ଷ ଜିଲାରେ ୨୫୦୦ ଚାଷୀ ସମନ୍ୱିତ ଚାଷ କରିବେ। ବଳରାମ ଯୋଜନାରେ ଭୂମିହୀନ ଚାଷୀ ଏବଂ ନାମମାତ୍ର ଚାଷୀଙ୍କୁ କୃଷିଋଣ ଦିଆଯାଇଛି। ଗତ ରବି ଫସଲ ସମୟରେ ୧୩୩ ଜଣ ଚାଷୀଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ଦିଆଯାଇଥିଲା। ଚଳିତ ଖରିଫରେ ସମବାୟ ବ୍ୟାଙ୍କ ପକ୍ଷରୁ ୩୫୨ କୋଟି ଏବଂ ଜାତୀୟ ବ୍ୟାଙ୍କ ଜରିଆରେ ୬୭୩ କୋଟି ଏପରି ମୋଟ ୧୦୨୫ କୋଟି ଟଙ୍କା ଋଣ ଯୋଗାଇଦେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କୁ ଠିକ୍ ସମୟରେ ଉନ୍ନତ ବିହନ, ସାର, କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ। ଜୈବିକ କୃଷି ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି। ଜମିରେ ମୋ ଖତ ବ୍ୟବହାର କରାଯିବ। ମାଟି ପରୀକ୍ଷା କରି ଚାଷୀଙ୍କୁ ମୃତ୍ତିକା କାର୍ଡ ଦିଆଯାଇଛି। ଚଳିତ ଖରିଫ ଋତୁରେ ୫ ହଜାର ମାଟି ପରୀକ୍ଷା ଲକ୍ଷ୍ୟ ରହିଛି। ଚାଷୀଙ୍କୁ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ। ଖରିଫ ଚାଷ ଲାଗି ଚାଷୀଙ୍କୁ ଋଣ ଯୋଗାଇ ଦିଆଯିବ। ଉନ୍ନତ ଆଧୁନିକ ଜ୍ଞାନକୌଶଳରେ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଚାଷୀଙ୍କ ଦକ୍ଷତା ବିକାଶ ଲାଗି ତାଲିମ ଦିଆଯିବ। ଚଳିତବର୍ଷ ୩୨ଟି ତାଲିମ ଶିବିର ଆୟୋଜନ ଲାଗି ଯୋଜନା ରହିଛି। ଏହି ବୈଠକରେ ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର, ନାବାର୍ଡ ଏଜିଏମ୍, ସିଫା ବୈଜ୍ଞାନିକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଉଦ୍ୟାନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ସୋମବାର ବର୍ଷାରେ ଜଟଣୀ ହରିଭାଇନା ଛକ ପେଟ୍ରୋଲ ପମ୍ପ ନିକଟ ରାସ୍ତା ଜଳାର୍ଣ୍ଣବ।

## ବର୍ଷାରେ ବୁଡ଼ିଲା ପୌରାଞ୍ଚଳ ରାସ୍ତା

ଜଟଣୀ,୭।୬(ଡି.ଏନ୍.ଏ.)

କାଳବୈଶାଖୀ ପ୍ରଭାବରେ ସୋମବାର ଅପରାହ୍ନରେ ବର୍ଷା ସହିତ ପବନ ହୋଇଥିଲା। ଜଟଣୀ ସହରର ମୁଖ୍ୟ ରାଜରାସ୍ତା ହରିଭାଇନା ଛକ ପେଟ୍ରୋଲ ପମ୍ପ ନିକଟ ରାସ୍ତା ଜଳାର୍ଣ୍ଣବ ହୋଇ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଥିଲା। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହୋଇଥିଲେ। ସେହିପରି ପୌରାଞ୍ଚଳର ବିକାଶନଗର, ଗଜପତିନଗର ଅଞ୍ଚଳ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୌରପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସାହି ବସ୍ତି ଏବଂ ମୁଖ୍ୟ ରାସ୍ତା ଦେଇ ଯାଇଥିବା ଡ୍ରେନକୁ ଠିକ୍ ଭାବେ ସଫା କରାଯାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବର୍ଷାଦିନ ପୂର୍ବରୁ ସହରର ସମସ୍ତ ଡ୍ରେନଗୁଡିକୁ ସଫା କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ଯୌତୁକ ପାଇଁ ହତ୍ୟା, ସ୍ୱାମୀ ଗିରଫ

ଜଟଣୀ,୭।୬(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିକାଶନଗର ଅଞ୍ଚଳରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତା ହେଲେ ପ୍ରଭାତୀ ବାରିକ। ଏନେଇ ମୃତାଙ୍କ ମା' ରୀତାଞ୍ଜଳି ବାରିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୪୯୮(ଏ), ୩୦୪(ବି), ୩୦୨ରେ ମାମଲା (ନଂ.୨୬୮/୨୧) ରୁଜୁ କରିଛି। ଏହି ଘଟଣାରେ ପୋଲିସ ସୋମବାର ମୃତାଙ୍କ ସ୍ୱାମୀ ଜଟଣୀ ବ୍ଲକ ବିଶିଆପଡ଼ା ଗ୍ରାମର ଦିଲୀପ ମହାପାତ୍ରଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ଜଟଣୀ ବିକାଶନଗର ରେଗେଡି ବସ୍ତି (ରଘୁନାଥନଗର) ଅଞ୍ଚଳର ରୀତାଞ୍ଜଳିଙ୍କ ଝିଅ ପ୍ରଭାତୀଙ୍କୁ ୩ମାସ ପୂର୍ବେ ଦିଲୀପ ଅପହରଣ କରି ବିବାହ କରିଥିଲେ। ଅପହରଣ ସମ୍ପର୍କରେ ଗତ ଫେବୃଆରୀ ୫ରେ ଥାନାରେ ଅଭିଯୋଗ ପରେ ଏକ ମାମଲା (ନଂ.୩୪୭/୨୧) ମଧ୍ୟ ରୁଜୁ ହୋଇଛି। ବିବାହ ପରେ ଦିଲୀପ ଓ ପ୍ରଭାତୀ ବିକାଶନଗର ଅଞ୍ଚଳରେ ଭଡାରେ ରହୁଥିଲେ। ଯୌତୁକ ପାଇଁ ଶାଶୁଘର ଲୋକେ ପ୍ରଭାତୀଙ୍କୁ ଗାଳିଗୁଲଜ କରିବା ସହ ନିର୍ଯାତନା ଦେଉଥିଲେ। ସୋମବାର ଜଟଣୀ ପୋଲିସ ପ୍ରଭାତୀଙ୍କ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପଟେ ଯୌତୁକ ପାଇଁ ଝିଅକୁ ମାରି ଫ୍ୟାନରେ ଝୁଲାଇ ଦିଆଯାଇଛି ବୋଲି ରୀତାଞ୍ଜଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ହତ୍ୟା ମାମଲା ତଦନ୍ତ ଚଳାଇଥିବା ବେଳେ ଦିଲୀପ ଥାନାରେ ଆତ୍ମସମର୍ପଣ କରିଥିଲେ। ପରେ ଦିଲୀପଙ୍କୁ ଗିରଫ କରାଯାଇଛି ବୋଲି ତଦନ୍ତ ଅଧିକାରୀ ପି.କେ. ଜେନା କହିଛନ୍ତି।

## ଦମ୍ପତିଙ୍କଠାରୁ ୮୦ହଜାର ଲୁଟ୍

ଖୋର୍ଦ୍ଧା ଅଫିସ,୭।୬

କାଲୁପଡା ରାସ୍ତାର ରାମକୃଷ୍ଣ ଶିକ୍ଷାକେନ୍ଦ୍ର ନିକଟରେ ସୋମବାର ରାତି ପ୍ରାୟ ସାଢେ ୯ଟାରେ ଦୁଇ ଜଣ ଦୁର୍ବୃତ୍ତ ଜଣେ ଦମ୍ପତିଙ୍କୁ ଆକ୍ରମଣ କରି ୮୦ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ହିମାଂଶୁ ପ୍ରତାପସିଂ ସ୍ତ୍ରୀଙ୍କ ସହିତ ଶ୍ୱଶୁର ଘର ଟାଙ୍ଗୀ ଥାନା ଅଧୀନ ରତନପୁରକୁ ବାଇକରେ ଯାଉଥିଲେ। ଦୁଇଜଣ ଦୁର୍ବୃତ୍ତ ହଠାତ୍ ରାମକୃଷ୍ଣ ଶିକ୍ଷା କେନ୍ଦ୍ର ନିକଟରେ ସେମାନଙ୍କୁ ଅଟକାଇବା ସହ ଆକ୍ରମଣ କରି ୮୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଶାଳୀ ବାହାଘର ଉଦ୍ଦେଶ୍ୟରେ ଟଙ୍କା ନେଇ ଶ୍ୱଶୁର ଘରକୁ ଯାଉଥିବା ବେଳେ ଲୁଟର ଶିକାର ହୋଇଥିଲେ ବୋଲି ଦମ୍ପତି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଜଣାଇଛନ୍ତି। ଟାଙ୍ଗୀ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ବେଗୁନିଆ, ୭।୬ (ଡି.ଏନ୍.ଏ.)

ବେଗୁନିଆ ବ୍ଲକର ୩ ଗାଁକୁ ଜିଲା ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସାରୁଆ ପଞ୍ଚାୟତ ଅଧୀନ ସାରୁଅ ଗାଁର ୬୦ଘର ଓ ୩୧୫ ଜନସଂଖ୍ୟା, ଦୁର୍ଗାପୁର ପଞ୍ଚାୟତ ବେଙ୍ଗିଟାଙ୍ଗୀ ନୂଆସାହି ଗାଁର ୪୦ଘର ଓ ୨୫୦ ଜନସଂଖ୍ୟା ଏବଂ ହୀରାପୁର ପଞ୍ଚାୟତ ଜାଲଭାର ଗାଁର ୫୦ଘର ଓ ୧୪୮ ଜନସଂଖ୍ୟାକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ଆସନ୍ତା ୧୫ ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

### ୫୦ ପଜିଟିଭ୍, ୩୦୧ ସୁସ୍ଥ

**ଖୋର୍ଦ୍ଧା ଅଫିସ,୭।୬:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ୫୦ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩୦୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୫, ବାଲିପାଟଣା ୬, ଭୁବନେଶ୍ୱର ବ୍ଲକ ୨, ଜଟଣୀ ୪, ଖୋର୍ଦ୍ଧା ୧୦, ବେଗୁନିଆ ୧, ବୋଲଗଡ଼ ୬, ଟାଙ୍ଗୀ ୧୩, ଚିଲିକା ୧ ଏବଂ ବାଣପୁରର ୨ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ୩,୫୮,୭୦୧ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୨,୬୮୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୧,୨୧୮ଜଣ ସୁସ୍ଥ ହୋଇଛନ୍ତି। ୬୮ଜଣଙ୍କ ମୃତ୍ୟୁ ଘଟିଛି। ୧୪୦୨ ସକ୍ରିୟ ସଂକ୍ରମିତ ରହିଛନ୍ତି। ଜିଲାରେ ଟିକାକରଣ ଜାରି ରହିଛି। ସୋମବାର ୨୯ଟି କେନ୍ଦ୍ରରେ ୨୫୨୫ ଜଣଙ୍କୁ ଟିକା ଦିଆଯାଇଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ସୁଦ୍ଧା ୨,୧୦,୯୫୫ ଜଣଙ୍କୁ ଟିକା ଦିଆଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମାନା


@ ଦିଶାନ୍ତ


@ ଚିକୁନ୍


@ ରାଜେନ୍ଦ୍ର


@ ବିଭୁ


@ ଅଖିଳ


@ ରବୀନ୍ଦ୍ର


ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ସୋମବାର ଖୋର୍ଦ୍ଧା ଟାଉନ୍‌ହଲ୍ ରୋଡ୍‌ରେ ଲୋକଙ୍କ ଭିଡ଼।

## ୧୩ ବର୍ଷ ପରେ ବି ମିଳୁନି ପ୍ରାପ୍ୟ

ଟାଙ୍ଗୀ(ଖୋର୍ଦ୍ଧା), ୭।୬(ଡି.ଏନ୍.ଏ.)

ଭେଲେରୀସ୍ଥିତ ଚାଷଙ୍ଗରା ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନା ଏପ୍ରିଲ ୨୦୦୭ରେ ଅବସର ନେଇଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅବହେଳା ଯୋଗୁ ୧୩ବର୍ଷ ହେବ ଅବ୍ୟବହୃତ ଅର୍ଜିତ ଛୁଟିର ପ୍ରାପ୍ୟ ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଯେ, ଅବ୍ୟବହୃତ ଅର୍ଜିତ ଛୁଟିର ପ୍ରାପ୍ୟ ପାଇବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ୨୭.୧୦.୨୦୧୮ ଚିଠି ନଂ. ୧୫୮୬୪ରେ ମଞ୍ଜୁର ପାଇଁ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ପଠାଇଥିଲେ। କିନ୍ତୁ ଚିଠିରେ ୨୧୭ଦିନ ପରିବର୍ତ୍ତେ ୨୭୬ଦିନ ଉଲ୍ଲେଖ ରହିଥିବାରୁ ଶିକ୍ଷା ନିର୍ଦ୍ଦେଶାଳୟ ୨୦.୦୧.୨୦୧୯ରିଖ ଚିଠି ନଂ. ୩୪୬୨ରେ ନାମଞ୍ଜୁର କରାଯାଇ ଏହାକୁ ସଂଶୋଧନ କରି ପଠାଇବାକୁ ନିର୍ଦ୍ଦେଶ ଆସିଥିଲା। ଏହା ମଧ୍ୟରେ ୨ବର୍ଷ ବିତି ଯାଇଥିଲେ ମଧ୍ୟ ଖୋର୍ଦ୍ଧା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସଂଶୋଧନ ପତ୍ର ଯାଇ ନ ଥିବାରୁ ଜେନା ତାଙ୍କର ଅବସରକାଳୀନ ପ୍ରାପ୍ୟ ପାଇପାରି ନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୋଖରୀ ଖୋଳା ନାଁରେ ମାଙ୍କଡ଼ା ପଥର ନେଇଗଲେ

- ଶ୍ରମିକଙ୍କ ପରିବର୍ତ୍ତେ ମେଶିନ୍‌ରେ କାମ
- ପ୍ରଶାସନର ନୀରବତା ପ୍ରୋତ୍ସାହିତ କରୁଛି

ଖୋର୍ଦ୍ଧା ଅଫିସ,୭।୬

କରୋନା ପାଇଁ ଅନେକ ରାଜ୍ୟରେ ଶିଳ୍ପସଂସ୍ଥା ବନ୍ଦ ଯୋଗୁ ଓଡ଼ିଶାକୁ ବହୁ ପ୍ରବାସୀ ଫେରିଛନ୍ତି। ଏହି ସମୟରେ ଲୋକଙ୍କୁ କାମଧନ୍ଦା ଯୋଗାଇଦେବା ଲକ୍ଷ୍ୟ ନେଇ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅଧିକ ଶ୍ରମ ଦିବସ ସୃଷ୍ଟି ଏବଂ ଶ୍ରମିକଙ୍କୁ କାମ ଯୋଗାଇଦେବା ଲାଗି ଗୁରୁତ୍ୱ ଦେଇଛନ୍ତି। ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ପରେ ଟାଙ୍ଗୀ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶ୍ରମିକଙ୍କ ପରିବର୍ତ୍ତେ ମେଶିନ କାର୍ଯ୍ୟ କରୁଛି। ୱାର୍କ ଅର୍ଡର ଦିଆଯାଇଥିବା ସ୍ଥାନରୁ ପାୱାର ଟିଲର ମାଧ୍ୟମରେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଛି। ଏନେଇ ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନର ନୀରବତା ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।


ଖୋଳା ଯାଇଥିବା ମାଙ୍କଡା ପଥର।



ନାମଫଳକ

ସୂଚନା ମୁତାବକ, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ ରାଉଳହଜ ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନୂତନ ପୋଖରୀ ଖୋଳା ଯିବା ନେଇ ପ୍ରଶାସନ ପକ୍ଷରୁ ୱାର୍କ ଅର୍ଡର ଦିଆଯାଇଛି। ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପୋଖରୀ ଖନନ ଲାଗି ଯୋଜନା ରହିଛି। ପୋଖରୀ ଖନନ କାର୍ଯ୍ୟ ଲାଗି ଶ୍ରମିକଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା। ମେ ୨୮ରୁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏଠାରେ ଶ୍ରମିକଙ୍କ ପରିବର୍ତ୍ତେ ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଛି। ନିର୍ଦ୍ଧାରିତ ସ୍ଥାନରୁ ପାୱାରଟିଲର ମାଧ୍ୟମରେ ପଥର କଟାଯାଇ ବିକ୍ରି ହେଉଥିବା ନେଇ ଦଳିତ ମହାସଂଘର ରାଜ୍ୟ ସମ୍ପାଦିକା ତଥା ଡିଆ ପଞ୍ଚାୟତର ସମିତି ସଭ୍ୟା ପୁଷ୍ପଲତା ବେହେରା ଅଭିଯୋଗ ଆଣିଛନ୍ତି। ଏନେଇ ସେ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଟାଙ୍ଗୀ ତହସିଲଦାରଙ୍କ ମୋବାଇଲ ହ୍ୱାଟ୍‌ସଆପ୍ ଜରିଆରେ ଘଟଣାସ୍ଥଳର ଫଟୋ କପି ସହ ଅଭିଯୋଗ କରିଥିବା ଜଣାଇଛନ୍ତି। କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଲୋକେ କାମ ନ ପାଇ ହଇରାଣ ହେଉଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ମିଳିଲେ ବହୁ ଶ୍ରମିକ ରୋଜଗାର ଆଶା ରଖିଥିବା ବେଳେ ବେଆଇନ ଭାବେ ମେଶିନ୍ ସାହାଯ୍ୟରେ କାର୍ଯ୍ୟ କରାଯାଉଛି। ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ତଦନ୍ତ କରାଗଲେ ବହୁ ଗୁମର ଫିଟିବ ବୋଲି ସେ କହିଛନ୍ତି। ଏପରିକି ରାଉଳହଜ ଦଳିତ ସାହି ନାଁକୁ ଅପଭ୍ରଂଶ କରି ଭୋଇ ସାହି ବୋଲି ଫଳକରେ ଦର୍ଶାଯାଇଛି। ଏହା ଜାତି ପ୍ରତି ଅପମାନ। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତି ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ଏନେଇ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟଙ୍କ ମତାମତ ମିଳିପାରି ନାହିଁ।